ସେଇଠୁ ଆରମ୍ଭ
SEITHO ARAMBHA
A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol.: 19, Issue : 68
Monday, 12 May 2025, Balasore, Page : 8, ₹ 2/
ବାଲେଶ୍ୱର, ସୋମବାର,୧୨ ମେ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପରି ତା'ର କ'ଣ କରିବ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ମୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ।
- ସ୍ୱାମୀ ବିବେକାନନ୍ଦ

ଏବେ ବି ଜାରି ରହିଛି ଅପରେସନ ସିନ୍ଦୂର

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ଭାରତୀୟ ବାୟୁସେନାର ବଡ଼ ସୂଚନା । ଏବେ ବି ଜାରି ରହିଛି 'ଅପରେସନ ସିନ୍ଦୂର' । ସମନ୍ୱିତ ଓ ସୁଚିନ୍ତିତ ଭାବେ ଅପରେସନ ଚାଲିଛି । ନିଜ କାର୍ଯ୍ୟକୁ ବାୟୁସେନା ସଫଳତାର ସହ ସମାପନ କରିଛି । ମିଛ , ଗୁଜବ ଖବର ଠାରୁ ଦୂରେଇ ରୁହନ୍ତୁ । ଆଗକୁ ଅପରେସନ ନେଇ ବିସ୍ତୃତ ସୂଚନା ଦିଆଯିବ । ଅସ୍ତ୍ରବିରତି ମଧ୍ୟରେ ଭାରତୀୟ ବାୟୁସେନା ପକ୍ଷରୁ ଏପରି ବୟାନ ଜାରି କରାଯାଇଛି । ପହଲଗାମରେ ଆତଙ୍କୀ ହମ୍‌ଲାରେ ୨୬ ଜଣ ପର୍ଯ୍ୟଟଙ୍କ ମୃତ୍ୟୁ ହୋଇଥିଲା । ଯେଉଁଥିରେ ଜଣେ ବିଦେଶୀ ମଧ୍ୟ ରହିଥିଲେ । ଏହି ଆତଙ୍କୀ ଆକ୍ରମଣ ପରେ ପୂରା ଦେଶରେ ଆକ୍ରୋଶର ସ୍ୱର ଦେଖିବାକୁ ମିଳିଥିଲା । ଶେଷରେ ପହଲଗାମ ଘଟଣାକୁ ୧୪ ଦିନ ବିତିବା ପରେ ଭାରତ ଆରମ୍ଭ କରିଥିଲା 'ଅପରେସନ ସିନ୍ଦୂର' । ପାକିସ୍ତାନରେ ଥିବା ଆଡ୍ଡାକୁ ଏହି ଅପରେସନ ଦ୍ୱାରା ନଷ୍ଟ କରିବାକୁ ଟାର୍ଗେଟ ରଖାଯାଇଥିଲା , ଆଉ ସଫଳ ମଧ୍ୟ ହୋଇଥିଲା । ୬-୭ରେ ଭାରତୀୟ ବାୟୁସେନା ଏହି ଅପରେସନ ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧର ପରିସ୍ଥିତି ଦେଖାଦେଇଥିଲା । ଏପିରିକି ଭାରତରେ ଡ୍ରୋନ୍ ଜରିଆରେ ଆକ୍ରମଣ ପାଇଁ ପ୍ଲାନ କରିଥିଲା ପାକିସ୍ତାନ । ହେଲେ ସବୁକୁ ନିଷ୍କ୍ରିୟ କରିଦେଇଥିଲା ଭାରତୀୟ ସେନା । ଶେଷରେ ଦୁଇ ଦେଶ ମଧ୍ୟ ସୀମାରେ ଜୋରଦାର ଗୁଳିମାଡ଼ ଏବଂ ବୋମାବର୍ଷଣ ଜାରି ରହିଥିଲା । ପରିସ୍ଥିତି ଏପରି ହୋଇଥିଲା କି ସୀମାବର୍ତ୍ତୀ ଗାଁ ଗୁଡ଼ିକୁ ଖାଲି କରାଯାଇଥିଲା । ଶେଷରେ ଶନିବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁଇ ଦେଶର ବିବାଦ ମଧ୍ୟରେ ହସ୍ତକ୍ଷେପ କରିଥିଲେ । ଆଉ ଦୁଇ ଦେଶକୁ ଅସ୍ତ୍ରବିରତି ପାଇଁର ରାଜି କରାଇଥିଲେ । ଉଭୟ ଦେଶ ଆଉ ସୀମାରେ ଗୁଳିମାଡ଼ ନକରିବାକୁ କହିଥିଲେ । ହେଲେ ଅସ୍ତ୍ରବିରତିର କିଛି ସମୟ ପରେ ପାକିସ୍ତାନ ଦେଖାଇଥିଲା ତାର ପୁରୁଣା ରୂପ । ସୀମାବର୍ତ୍ତୀ ଅଂଚଳରେ ଆରମ୍ଭ କରିଥିଲା ଗୁଳିମାଡ଼ । ଅନ୍ୟପଟେ ତିନି ସେନା ମୁଖ୍ୟ, ପ୍ରତିରକ୍ଷା ମନ୍ତ୍ରୀ, ସିଡିଏସ୍, ଅଜିତ ଡୋଭାଲଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ଚାଲିଛି । ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ପ୍ରଧାନମନ୍ତ୍ରୀ ବାସଭବନରେ ଏହି ବଡ଼ ବୈଠକ ବସିଛି । ଯେଉଁଥିରେ ତିନି ସେନାମୁଖ୍ୟ ସହ ସ୍ଥିତି ନେଇ ଆଲୋଚନା ଚାଲିଛି ।

ପାକିସ୍ତାନ ପୁଣି ଦୁଃସାହସ କଲେ ଜବାବ ଆହୁରି ଜୋରଦାର ଦିଆଯିବ

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ଶନିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ସୀମାରେ ଉତ୍ତେଜନା ହ୍ରାସ ପାଇଛି । ତେବେ ଅସ୍ତ୍ରବିରତି ନେଇ ଜାରି ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସଙ୍କୁ କହିଛନ୍ତି ଯଦି ପାକିସ୍ତାନ ଭାରତ ଉପରେ କୌଣସି ହମଲା କରିବାର ଦୁଃସାହସ କରେ ତେବେ ଏହାର କଡ଼ା ଜବାବ ଦିଆଯିବ । ରବିବାର ସରକାରୀ ସୂତ୍ରରୁ ଏହି ସୂଚନା ଦିଆଯାଇଛି । ଇଣ୍ଡିଆ ଟୁଡେ ଅନୁଯାୟୀ, ଭେନ୍ସ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଫୋନ କରି ଆଲୋଚନା କରିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଯଦି ପାକିସ୍ତାନ ହମଲା କରିବ, ତେବେ ଆମେ ଆହୁରି ମଜବୁତର ସହ ଜବାବ ଦିଆଯିବ । ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପରେ ଜେଡି ଭେନ୍ସ ପାକିସ୍ତାନର ସେନା ପ୍ରମୁଖ ଅସୀମ ମୁନୀର ଓ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହ କଥା ହୋଇଥିଲେ । ଆଲୋଚନା ସମୟରେ ଭାରତ କହିଛି ଯେ, ଯଦି ପାକିସ୍ତାନ ଗୁଳିମାଡ଼ ନ କରେ ତେବେ ଭାରତ ବି ସଂଯମ ରହିବ । ସୂତ୍ର ଅନୁଯାୟୀ, ଭାରତର କହିବା କଥା ଯଦି ଆମେ ପାକିସ୍ତାନ ସହ ଆଲୋଚନା କରିବୁ ତେବେ ଏହା କେବଳ ପିଓକେ, ଅବୈଧ ଅଂଚଳ ଖାଲି କରିବା ଓ ଆତଙ୍କବାଦୀଙ୍କୁ ହସ୍ତାନ୍ତର ପ୍ରସଙ୍ଗରେ ହେବ । ସିଏନଏନର ଏକ ରିପୋର୍ଟରେ କୁହାଯାଇଥିଲା ଯେ, ୱାଶିଂଟନ ଦ୍ୱାରା ବିପଦଜନକ ଗୁଇନ୍ଦା ସୂଚନା ମିଳିବା ପରେ ଜେଡି ଭେନ୍ସ ଅସ୍ତ୍ରବିରତି ଦିଗରେ ଆଲୋଚନା ପାଇଁ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ । ତେବେ ଗୁଇନ୍ଦା ସୂଚନାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଏହାର ଖୁଲାସା କରାଯାଇ ନାହିଁ । ତେବେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତିକୁ ଦେଖି ଏବଂ ଆଗାମୀ ଦିନର ପରିଣାମ ଠଉରେଇ ଆମେରିକା ହସ୍ତକ୍ଷେପରେ ଭାରତ ଓ ପାକିସ୍ତାନ ସହ ଅସ୍ତ୍ରବିରତି ପାଇଁ ଆଲୋଚନା ଚଳାଇଥିଲା । ସୂଚନାଯୋଗ୍ୟ, ଶନିବାର ଟ୍ରୁଥ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଟ୍ରମ୍ପ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଥିବା ପ୍ରଥମ ଘୋଷଣା କରିଥିଲେ । ସେ ଲେଖିଥିଲେ, ଆମେରିକାର ମଧ୍ୟସ୍ଥତାରେ ରାତିରେ ଲମ୍ବା ଆଲୋଚନା ପରେ ମୋତେ ଏହି ଘୋଷଣା କରି ଖୁସି ଲାଗୁଛି ଯେ, ଭାରତ ଓ ପାକିସ୍ତାନ ପୂର୍ଣ୍ଣ ଭାବେ ଓ ତତ୍କାଳ ପ୍ରଭାବରୁ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଦୁଇ ଦେଶ ସାଧାରଣ ଜ୍ଞାନ ଓ ମହାନ ବୁଦ୍ଧିମତା ବ୍ୟବହାର କରିଥିବାରୁ ସେମାନଙ୍କ ଧନ୍ୟବାଦ ।

୫ ବୀର ଯବାନଙ୍କୁ ହରାଇଛି ଭାରତ

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ପହଲଗାଓଁ ଆକ୍ରମଣ ପରେ ଆତଙ୍କୀଙ୍କୁ ଜବାବ ଦେବା ଲାଗି ଆରମ୍ଭ ହୋଇଥିବା ଅପରେସନ 'ସିନ୍ଦୂର'ରେ ଭାରତ ୫ ଜଣ ବୀର ଯବାନଙ୍କୁ ହରାଇଛି । ଆତଙ୍କବାଦ ବିରୋଧୀ ଏହି ଲଢ଼େଇରେ ଆମର ୫ ସୈନ୍ୟ ଶହୀଦ ହୋଇଥିବା କହିଛନ୍ତି ଡିଜିଏମଓ ରାଜୀବ ଘାଇ । ରିପୋର୍ଟ ଅନୁସାରେ, ପାକିସ୍ତାନୀ ସେନାର ୩୫ରୁ ୪୦ ସୈନ୍ୟ ନିହତ ହୋଇଛନ୍ତି । ମେ ୭ରୁ ୧୦ ତାରିଖ ମଧ୍ୟରେ ନିୟନ୍ତ୍ରଣ ରେଖାରେ ଗୁଳିବିନିମୟ ସମୟରେ ସେମାନଙ୍କ ମୃତ୍ୟୁ ଘଟିଛି । ଏହା ସହିତ ଭାରତୀୟ ବାୟୁସେନା ଅନେକ ପାକିସ୍ତାନୀ ଯୁଦ୍ଧ ବିମାନକୁ ଖସାଇଛି । ପାକ୍ ଯୁଦ୍ଧ ବିମାନଗୁଡ଼ିକୁ ଆମ ସୀମା ଭିତରକୁ ପ୍ରବେଶ କରିବାକୁ ଦିଆଯାଇନାହିଁ । ସେଗୁଡ଼ିକ ଏଲଓସି ଆରପଟେ ଖସିଥିବାରୁ ତାହାର ସଂଖ୍ୟା ଜଣାପଡ଼ି ନାହିଁ ବୋଲି ଏୟାର ମାର୍ଶଲ ଏ.କେ. ଭାରତୀ କହିଛନ୍ତି ।

'ଅପରେସନ ସିନ୍ଦୂର'ର ଲକ୍ଷ୍ୟ ଥିଲା ଆତଙ୍କବାଦୀଙ୍କୁ ନିପାତ କରିବା : ଡିଜିଏମଓ

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):'ଅପରେସନ ସିନ୍ଦୂର'ର ଲକ୍ଷ୍ୟ ଥିଲା ଆତଙ୍କବାଦୀଙ୍କୁ ନିପାତ କରିବା । ଅପରେସନରେ ଭାରତୀୟ ସେନା କେବଳ ଆତଙ୍କବାଦୀ ଠିକଣାକୁ ଟାର୍ଗେଟ୍ କରିଥିଲା । ଏଥିରେ ୯ଟି ଆତଙ୍କବାଦୀ କ୍ୟାମ୍ପ ନଷ୍ଟ ହୋଇଛି । ପିଓକେରେ ୫ ଓ ପାକିସ୍ତାନ ମୁଖ୍ୟ ଭୂମିରେ ୪ ଆତଙ୍କୀ ଠିକଣା ଧ୍ୱସ୍ତ ହୋଇଛି । ଏହି ଏୟାରଷ୍ଟ୍ରାଇକ ପରେ ଆତଙ୍କୀ ଆଡ୍ଡା ଖାଲି ହୋଇଛି । ସାମ୍ବାଦିକ ସମ୍ମିଳନୀରେ ଡିଜିଏମଓ ପକ୍ଷରୁ ଏଭଳି କିଛି କୁହାଯାଇଛି । ଭାରତୀୟ ସେନା ପହଲଗାମ୍ ଆତଙ୍କବାଦୀ ହମଲାର ଜବାବ ଦେଇଛି । ଅପରେସନ ସିନ୍ଦୂରରେ ତିନି ସେନା ସାମିଲ ଥିଲେ । ଭାରତୀୟ ବାୟୁସେନା ଟାର୍ଗେଟରେ ଥିଲା ବାହୱାଲପୁର, ମୁରିଦକେ ଆତଙ୍କୀ ଗଡ଼ । ମୁରିଦକେ କ୍ୟାମ୍ପରେ ଭାରତୀୟ ସେନା ୪ଟି ଟାର୍ଗେଟକୁ ଧ୍ୱସ୍ତ କରିଦେଇଛି । ମୁରିଦକେକୁ ଗାଇଡେଡ୍ କ୍ଷେପଣାସ୍ତ୍ରରେ ପ୍ରହାର କରାଯାଇଥିଲା । ସେହିପରି ବାହବଲପୁର ଆତଙ୍କବାଦୀ ଠିକଣା ମଧ୍ୟ ଧ୍ୱସ୍ତ ହୋଇଛି । ଅପରେସନ ସିନ୍ଦୂରରେ ୧୦୦ରୁ ଅଧିକ ଆତଙ୍କବାଦୀ ସଫା ହୋଇଛନ୍ତି । ଏମାନଙ୍କ ମଧ୍ୟରେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କୀ ମୁଦସର, ହାଫିଜ୍ ଜମିଲ, ୟୁସୁଫ୍ ଅଝହର ସାମିଲ୍ ରହିଛନ୍ତି । ଏମାନେ IC ୮୧୪ ପ୍ଲେନ୍ ହାଇଜାକ୍ ଓ ପୁଲୱାମା ଆତଙ୍କବାଦୀ ହମଲାରେ ସାମିଲ୍ ଥିଲେ । ସେହିପରି ଏହି ଅପରେସନରେ ଜୈଶ-ଇ-ମହମ୍ମଦର ଆତଙ୍କୀ କ୍ୟାମ୍ପକୁ ମଧ୍ୟ ଟାର୍ଗେଟ୍ କରାଯାଇଥିଲା । ଜୈଶର ଆତଙ୍କୀ ଟ୍ରେନିଂ କ୍ୟାମ୍ପ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଛି । ସେହିପରି ଅପରେସନ ସିନ୍ଦୂରରେ ଭାରତୀୟ ବାୟୁସେନା ପାକିସ୍ତାନର ବାହାୱାଲପୁର ସ୍ଥିତ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ୍ କରିଥିଲା । ଘାତକ ମିସାଇଲ୍ ମାଧ୍ୟମରେ ଏହାକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଛି । ଏହି ଅଂଚଳକୁ ଜୈଶ-ଇ-ମହମ୍ମଦର ପ୍ରମୁଖ ଠିକଣା ବୋଲି କୁହାଯାଉଥିଲା । ଏଠାରେ ମସୁଦ ଆଝହର ଆତଙ୍କୀ ଟ୍ରେନିଂ କ୍ୟାମ୍ପ ସଂଚାଳନ କରୁଥିଲା ଏବଂ ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚୁଥିଲା । ଏହାକୁ ବାୟୁସେନା ସଠିକ୍ ମିସାଇଲ୍ ଷ୍ଟ୍ରାଇକ୍ କରି ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଛି । ଭାରତୀୟ ବାୟୁସେନାର ଡିଜି ଏୟାର ଅପରେସନ୍ସ ଏୟାର ମାର୍ଶଲ ଏକେ ଭାରତୀ ଏହି ହମଲାର ଡ୍ରୋନ୍ ଓ ସାଟେଲାଇଟ୍ ଫୁଟେଜ୍ ପ୍ରସ୍ତୁତ କରିଥିଲେ । ଯେଉଁଥିରେ ବାହାୱାଲପୁରରେ ହୋଇଥିବା ଏୟାର ଷ୍ଟ୍ରାଇକକୁ ସ୍ପଷ୍ଟ ଭାବେ ଦେଖି ହେଉଛି । ଅପରେସନ ସିନ୍ଦୂର ପାକିସ୍ତାନ ସେନାକୁ ହଜମ ହୋଇନଥିଲା । ତେଣୁ ଆତଙ୍କବାଦୀଙ୍କୁ ସହଯୋଗ କରୁଥିବା ପାକ୍ ସେନା ପାଲଟା ଆକ୍ରମଣ କରିଥିଲା । ଭାରତର ସୀମାବର୍ତ୍ତୀ ଅଂଚଳ ଓ ବାୟୁସେନା ଆଡ୍ଡାକୁ ଟାର୍ଗେଟ୍ କରିବାକୁ ପ୍ରୟାସ କରିଥିଲା । ହେଲେ ଭାରତୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ସବୁ ପ୍ରୟାସକୁ ବିଫଳ କରିଦେଇଥିଲା । ଏୟାର ମାର୍ଶଲ ଏ.କେ ଭାରତୀଙ୍କ କହିବା ଅନୁଯାୟୀ, ମେ' ୭ ତାରିଖରେ ପାକିସ୍ତାନ ଦ୍ୱାରା ହୋଇଥିବା ଗୁଳିଗୋଳା ମାଡ଼ ଓ ଡ୍ରୋନ୍ ଆଟାକରେ ଭାରତରେ କୌଣସି ପ୍ରକାର କ୍ଷୟକ୍ଷତି ହୋଇନାହିଁ । କାରଣ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ସକ୍ରିୟ ଓ ସତର୍କ ଥିଲା । ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯଥା S-୪୦୦ ସୁଦର୍ଶନ, ଆକାଶ ଏୟାର ଡିଫେନ୍ସ ସିଷ୍ଟମ ପାକିସ୍ତାନର ସମସ୍ତ ଡ୍ରୋନ୍ ଓ ମିସାଇଲକୁ ଆକାଶ ମାର୍ଗରେ ନଷ୍ଟ କରିଦେଇଥିଲା । ସେହିପରି ମେ' ୮ ଓ ୯ ତାରିଖରେ ପାକ୍ ସେନା ରାତି ପ୍ରାୟ ସାଢ଼େ ୧୦ଟା ବେଳେ ଭାରତର ସୀମାବର୍ତ୍ତୀ ସହରକୁ ଟାର୍ଗେଟ୍ କରି ଡ୍ରୋନ୍, ୟୁଏଭି (Unmanned Aerial Vehicles) ଓ ୟୁସିଏଭି (Unmanned CombatAerial Vehicles) ଅଦିମାଡ଼ କରିଥିଲା । ମାତ୍ର ଏହାକୁ ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କରିବାରେ ସକ୍ଷମ ହୋଇଥିଲା । ଅନ୍ୟପଟେ ୭ ତାରିଖ ଅପେକ୍ଷା ୮ ତାରିଖରେ ଡ୍ରୋନ୍, ୟୁଏଭି ଓ ୟୁସିଏଭି ମାତ୍ରା କମ୍ ଆସିଥିଲା ବୋଲି ଡିଜିଏମଓ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ।

ଯୁଦ୍ଧବିରତି ଉଲ୍ଲଂଘନ ହେଲେ ଜବାବ ଦେବା ପାଇଁ କମାଣ୍ଡରମାନଙ୍କୁ "ପୂର୍ଣ୍ଣ କ୍ଷମତା"

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ଭାରତ ଓ ପାକିସ୍ତାନ ମଧ୍ୟରେ ଗତ ୪ ଦିନ ହେଲା ଜାରି ଉତ୍ତେଜନା ଏବେ ସିଜ୍ ଫାୟାର ଯୋଗୁ ଥଣ୍ଡା ପଡ଼ିଛି । ବର୍ଡରରେ ପରିସ୍ଥିତି ଏବେ ସ୍ୱାଭାବିକ ଅଛି । ଏଥି ମଧ୍ୟରେ ଭାରତ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ଆର୍ମି କମାଣ୍ଡରମାନଙ୍କୁ ଫ୍ରି ହ୍ୟାଣ୍ଡ ଦେଇଛନ୍ତି । କହିଛନ୍ତି ପାକିସ୍ତାନ ପଟରୁ ଯଦି କୌଣସି ସ୍ଥାନରେ ସିଜଫାୟାର ଉଲ୍ଲଂଘନ ହୁଏ ପୂରା ସାମର୍ଥ୍ୟର ସହିତ ପାକିସ୍ତାନକୁ ତା ଭାଷାରେ ଜବାବ ଦିଅ । ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ୱେଷ୍ଟର୍ଣ୍ଣ ବର୍ଡର ଆର୍ମି କମାଣ୍ଡରମାନଙ୍କ ସହିତ ସୁରକ୍ଷା ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା କାଳରେ କମାଣ୍ଡରମାନଙ୍କୁ ଯେ କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ଫ୍ରି ହ୍ୟାଣ୍ଡ ଦେଇଛନ୍ତି ।

ଭୁବନେଶ୍ୱରରେ ହେବ ରାଜ୍ୟର ପ୍ରଥମ ସାଇନ୍ସ ସିଟି

ଭୁବନେଶ୍ୱର,୧୧/୦୫(ଆ.ପ୍ର):ଭୁବନେଶ୍ୱରରେ ହେବ ସାଇନ୍ସ ସିଟି । ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସରେ ଏହି ସୂଚନା ଦେଇଛନ୍ତି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିକୁ ଆଗକୁ ନେବା ପାଇଁ ଅନେକ ଯୋଜନା ଚାଲିଛି । ଏମିତିକି ଭୁବନେଶ୍ୱରରେ ସାଇନ୍ସ ସିଟି ପାଇଁ ମୁଖ୍ୟମନ୍ତ୍ରୀ ଶନିବାର ୧୦୦ ଏକର ଜମି ପ୍ରଦାନ କରିଥିବା କଥା ମନ୍ତ୍ରୀ କହିଛନ୍ତି । ଏହା ରାଜ୍ୟର ପ୍ରଥମ ସାଇନ୍ସ ସିଟି ହେବ । ଏଥିରେ ଅନେକ ଅତ୍ୟାଧୁନିକ ବିଜ୍ଞାନ ଉପକରଣ ଗୁଡ଼ିକ ସ୍ଥାନ ପାଇବ ଯାହାକୁ ଦେଖି ଛାତ୍ରଛାତ୍ରୀ ମାନେ ବିଜ୍ଞାନ ପ୍ରତି ଆକୃଷ୍ଟ ହେବା ସହ ସେମାନଙ୍କର ବିଜ୍ଞାନର ଜ୍ଞାନ ବଢିବ । ଏଥିସହ ବାୟୋ ଟେକ୍ନୋଲୋଜି ପାର୍କ ଓ ପ୍ରତି ଜିଲ୍ଲାରେ ସାଇନ୍ସ ସେଣ୍ଟର ହେବ ବୋଲି ମନ୍ତ୍ରୀ କହିଛନ୍ତ ।

ବରିଷ୍ଠ ସେବାୟତ ରାମକୃଷ୍ଣ ଦାସମହାପାତ୍ର ନିଲମ୍ବିତ

ପୁରୀ,୧୧/୦୫(ଆ.ପ୍ର):ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର ନିଲମ୍ବିତ । ୩୦ ଦିନ ପାଇଁ ମହାପ୍ରଭୁଙ୍କ ସେବା ତଥା ଶ୍ରୀମନ୍ଦିର ପ୍ରବେଶ ମନା । ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ଏକ ମାସ ଅର୍ଥାତ୍ ୩୦ ଦିନ ପାଇଁ ନିଲମ୍ବିତ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ କୁମାର ପାଢ଼ୀ । ଏହି ନିଲମ୍ବନ ସମୟ ଭିତରେ, ରାମକୃଷ୍ଣ ଦାସ ମହାପାତ୍ର କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ କିମ୍ବା ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଛି । ଏଥି ସହିତ ରାମକୃଷ୍ଣ ଦାସମହାପାତ୍ରଙ୍କୁ ନିଲମ୍ବନ ଆଦେଶ ଜରିଆରେ ସ୍ପଷ୍ଟ କରାଯାଇଛି ଯେ, ନିଲମ୍ବନ ଅବଧି ସମୟରେ ଦଇତାପତି କିମ୍ବା ଅନ୍ୟ ନିଯୋଗର କୌଣସି ସେବକଙ୍କୁ ତଥା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସେ ପ୍ରଲୋଭିତ କିମ୍ବା ଧମକଚମକ କରି ଶ୍ରୀମନ୍ଦିରର କୌଣସି ସେବାପୂଜା ବା ନୀତିକାନ୍ତିରେ ବାଧକ ସାଜିବେ ନାହିଁ । ଏପରି କଲେ, ନିଲମ୍ବନ ଅବଧିକୁ ବର୍ଦ୍ଧିତ କରାଯାଇ, ଆହୁରି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡର ତଥା ବରିଷ୍ଠ ସୁପରଭାଇଜର ନିୟମିତ ଭାବେ ରାମକୃଷ୍ଣ ଦାସମହାପାତ୍ରଙ୍କ ଆଚାର ବ୍ୟବହାର ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିବେ । ନିଲମ୍ବନ ତଥା ପରବର୍ତ୍ତୀ ସମୟରେ ରାମକୃଷ୍ଣ ଦାସମହାପାତ୍ରଙ୍କ ବିଶୃଙ୍ଖଳ ଆଚରଣ ପରିଲକ୍ଷିତ ହେଲେ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରାପ୍ୟ/ ପାଉଣା/ ପୁରସ୍କାର ବନ୍ଦ କରାଯିବ ବା ସ୍ଥଗିତ ରଖାଯିବ ବୋଲି ମଧ୍ୟ ଆଦେଶରେ କୁହାଯାଇଛି । କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ରାମକୃଷ୍ଣ ଦାସମହାପାତ୍ରଙ୍କୁ ଦୁଇଟି ନୋଟିସ୍ ହୋଇଥିଲା । ପ୍ରଥମେ ମେ' ୪ ତାରିଖରେ କୈଫିୟତ ନୋଟିସ୍ ଜରିଆରେ, ୭ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଥିଲା । ସେହି ନୋଟିସରେ ରାମକୃଷ୍ଣ ଦାସମହାପାତ୍ର, "କେଉଁ ପରିସ୍ଥିତିରେ ଶ୍ରୀମନ୍ଦିର ପରମ୍ପରା ବିରୋଧୀ କାର୍ଯ୍ୟକରି ନବକଳେବର ସଂଗୃହୀତ ବଳକା ଦାରୁ ନିର୍ମିତ ବିଗ୍ରହ ଦୀଘା ମନ୍ଦିରରେ ପ୍ରତିଷ୍ଠା ହୋଇଛି ବୋଲି ବୟାନ ଦେଇ ସାରା ବିଶ୍ୱର ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଧାର୍ମିକ ବିଶ୍ୱାସକୁ କୁଠାରାଘାତ କଲେ ଏବଂ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ କାହିଁକି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପୂର୍ବକ ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କଲେ," ସେ ନେଇ ଉତ୍ତର ରଖିବାକୁ କୁହାଯାଇଥିଲା । ପରବର୍ତ୍ତୀ ସମୟରେ ଗତ ମେ' ୯ ତାରିଖରେ ଆଉ ଏକ କୈଫିୟତ ନୋଟିସ ଜରିଆରେ, "ଜଗନ୍ନାଥ ଧାମ – ଦୀଘା ନାମିତ ମନ୍ଦିରର କାର୍ଯ୍ୟକ୍ରମରେ ଶ୍ରୀମନ୍ଦିରର ସେବକ ଭାବେ, କାହିଁକି ଯୋଗ ଦେଲେ, ଏବଂ ସେତେବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ" ସେନେଇ ଉତ୍ତର ରଖିବାକୁ କୁହାଯାଇଥିଲା । ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି । ଗର୍ବ ଓ ଅହଂକାର-ବିବର୍ଜିତ ହୋଇ, ଶ୍ରୀମନ୍ଦିର ପରମ୍ପରା, ଗରିମା ତଥା ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଏବଂ ଏହା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଆମ ସମର୍ପଣ ଭାବର ନିଦର୍ଶନ ହେବା ଆବଶ୍ୟକ । ଆଗାମୀ ଦିନରେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ।

୫ ଦିନ ଯାଏଁ କଲବଲ କରିବ ତାତି

ଭୁବନେଶ୍ୱର,୧୧/୦୫(ଆ.ପ୍ର):ଏଥର ସଅଳ ଆସିପାରେ ମୌସୁମୀ । ହେଲେ ଏବେ ପାଇଁ ପ୍ରଚଣ୍ଡ ତାତି ଓ ଭୀଷଣ ଗୁଳୁଗୁଳିରୁ ତ୍ରାହି ମିଳିବନି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୧୧ ତାରିଖ(ରବିବାର) ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର, ବୌଦ୍ଧ ଓ ସୁନ୍ଦରଗଡ଼ରେ ଗ୍ରୀଷ୍ମଲହରୀ ବହିପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ମୟୂରଭଞ୍ଜରେ ପ୍ରବଳ ତାତି ଓ ଗୁଳୁଗୁଳି ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି । ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି ଓ ନବରଙ୍ଗପୁରର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି କୁହାଯାଇଛି । ସେହିପରି ୧୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତିର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଅଛି । କିଛି ସ୍ଥାନରେ ପବନର ବେଗ ୪୦ରୁ ୫୦ କିମି ଛୁଇଁପାରେ । ପଶ୍ଚିମ ଓଡ଼ିଶାର ଏକାଧିକ ସ୍ଥାନରେ ଗ୍ରୀଷ୍ମଲହରୀ ବହିବ । ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ଗରମ ଓ ଗୁଳୁଗୁଳି ନାକେଦମ କରିବ । ୧୩ରୁ ୧୫ ତାରିଖ ଯାଏ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରୀ ବହିବ ।

DADLS- 22

ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0652/2526

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA
ସୋମବାର, ୧୨ ମେ,୨୦୨୫ : ବାଲେଶ୍ୱର : ପୃଷ୍ଠା -୨

ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର ଓ ପରିବର୍ଦ୍ଧିତ କମିଟି ଅନୁଷ୍ଠିତ

ଭଦ୍ରକ, ୧୧/୦୫ (ଆ.ପ୍ର) : ରାଜ୍ୟର ସର୍ବ ପୁରାତନ ସାମ୍ବାଦିକ ସଂଘ ଉତ୍କଳ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆଜି ରକ୍ତଦାନ ଶିବିର ଓ ପରିବର୍ଦ୍ଧିତ କମିଟି ବୈଠକ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ରବିନାରାୟଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଥିଲେ । ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ବରିଷ୍ଠ ଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଖୋଲାଫର୍ଦ ସମ୍ପାଦକ ବିମଳ ଭଞ୍ଜଦେଓ, ଜିଲ୍ଲା ଚିକିତ୍ସାଧିକାରୀ ଡା ସୁଧାଂଶୁ ବଳ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ନିହାର ଦାସ, ଅତିଶ ବେହେରା, ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଉତ୍କଳ ସାମ୍ବାଦିକ ସଂଘର ଏଭଳି ଦେଶର ଗତି ସନ୍ଧି ବେଳେ ରକ୍ତଦାନ ଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାମଲ, ଉପସଭାପତି ଦୀପ୍ତି ରଞ୍ଜନ ନାୟକ, ସୁଧାକର ଦାଶ, ରାଜେନ୍ଦ୍ର ଶତପଥ, ସଂଗଠନ ସମ୍ପାଦକ ଅଶ୍ୱିନୀ ପାଢ଼ୀ, ସନ୍ତୋଷ ଦାସ କୋଷାଧ୍ୟକ୍ଷ ଆଶିଷ ମହାନ୍ତି, ରତିକାନ୍ତ ନାୟକ, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପାଗଳ, ସୁଜୟ ପାଲକ, ଭଣ୍ଡାରିପୋଖରୀ ସଭାପତି ଦୁର୍ଯ୍ୟୋଧନ ଲେଙ୍କା, ଧାମନଗର ସଭାପତି ସୁଶାନ୍ତ ରାଉତ, ସମ୍ପାଦକ ବିବେକାନନ୍ଦ ପଣ୍ଡା,ଅକ୍ଷୟ ନାୟକ, ସେକ ଜାଫର ଅଲି, ସରୋଜ ସେଠି, ଅଭୟ ସାହୁ ଜଗନ୍ନାଥ ବେହେରା, ଦେବାଶିଷ ଦ୍ୱିବେଦୀ, ସୀତାକାନ୍ତ ବିଶ୍ୱାଳ, ଅଜୟ ମଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସୁଶ୍ରୀ ଅଞ୍ଜନା ମିଶ୍ର, ନିରଞ୍ଜନ ନାୟକ, ଗୀତାଞ୍ଜଳି ଅଗସ୍ତି, ରଶ୍ମି ରଞ୍ଜନ ସାହୁ, ବାବୁ ସାହୁ, ସୀତାକାନ୍ତ ବିଶ୍ୱାଳ, ଅଜୟ ମଲ୍ଲିକ, ଅଭୟ ସାହୁ, ରମେଶ ପୃଷ୍ଟି, ଆଲୋକ ନାୟକ, ଅବଦୁଲ ଫିରୋଜ ଖାଁ, ପ୍ରମୁଖ ଉପସ୍ଥିତ ଥିଲେ । ଡା ଶରତ ଆଚାର୍ଯ୍ୟ, କାଳନ୍ଦୀ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ । ୪୦ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇ ଥିଲା ।

ପ୍ରଥମ ବ୍ୟାଚ୍ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ବନ୍ଧୁ ମିଳନ ସମାରୋହ

ଧାମନଗର, ୧୧/୦୫ (ଆ.ପ୍ର) : ଧାମନଗର ବ୍ଲକ ଅଂଚଳର ପୂର୍ବତନ ପ୍ରଥମ ବ୍ୟାଚ୍ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କର ଏକ ବନ୍ଧୁ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ଅବଦୁଲ କଲାମ ପାଠାଗାର ପରିସରରେ ବରିଷ୍ଠ ସଂଯୋଜକ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ କର,ରାମଚନ୍ଦ୍ର ସାହୁ,ଚିତରଞ୍ଜନ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକର ୧୭ଟି କ୍ଲଷ୍ଟର ଅଧିନ ତତ୍କାଳୀନ ସାଧନ କର୍ମୀ ନିରାକାର ଧଳ, ଅନିଲ ବଳ,ସୁରେନ୍ଦ୍ର କୁମାର ନାଥ, ହେମେନ୍ଦ୍ର ନାଥ ମହାନ୍ତି, ରବି ପ୍ରଧାନ, ପ୍ରଫୁଲ୍ଲ ପାତ୍ର, ମନୋଜ କୁମାର ଜେନା, ନକୁଳ ରାଉତ, ନିରଞ୍ଜନ ପ୍ରଧାନ, ଶୋଭାରାଣୀ ପଣ୍ଡା, ମଲ୍ଲୀଲତା ସାହୁ, ପ୍ରତିଭା ମହାନ୍ତି, ଶାନ୍ତି ଲତା ପତି, ଧନେଶ୍ୱର ମହାଳିକ, ହରିହର ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକାଳ ସମୟର ଅନୁଭୂତି ସମ୍ପର୍କରେ ଆଲୋଚନା କରିବା ସହ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଦିବଂଗତ ଦୁଇ ଜଣ ସାଧନ କର୍ମୀ ଏବଂ ପହଲଗାମ ଠାରେ ସଂତ୍ରାସବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ଶେଷରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କଳାହାଣ୍ଡି ଜିଲ୍ଲା ଓବିସି ମଂଚର ସାଧାରଣ ବୈଠକ

ଧର୍ମଗଡ଼, ୧୧/୦୫ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଓବିସି ମଂଚ ତରଫରୁ ସମାଜର ସାମ୍ବିଧାନିକ ହକ ଅଧିକାର ପାଇଁ ଜୁନାଗଡ଼ ବଜାର ପଡିଆ ଠାରେ ରାଜ୍ୟ ଓବିସି ମଂଚ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଓଡିଶା ଓବିସି ମଂଚ ସଭାପତି ଶଙ୍କର ପ୍ରସାଦ ପାତ୍ର, କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଳ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ, ପଣ୍ଡରାମାଳି ସମାଜ କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ପୂର୍ବତନ ଜିଲ୍ଲା ଯାଦବ ମହାସଭା ସଭାପତି ଉମ୍ବରୁଦ୍ଧର ଲାହଡ଼କ, ଓବିସି ମଂଚ ସଂଯୋଜକ ଡାକେଶ୍ୱର ଲାହଡ଼କ, ରାଷ୍ଟ୍ରୀୟ ଅଧକ୍ଷ ଯୁବା ପ୍ରକୋଷ୍ଠ ଭାରତ ମୁକ୍ତି ମୋର୍ଚ୍ଚା ମହିଳା ସଂଘ ନୂଆଦିଲ୍ଲୀ କମଳିନୀ ଯାଦବ, ଜିଲ୍ଲା ଯାଦବ ମହିଳା ସଂଘ ସଭାନେତ୍ରୀ ରଶ୍ମିରେଖା ରାଉତ, ବରିଷ୍ଠ ସମାଜ ସେବୀ ଶିବ ପ୍ରଧାନୀ, ମାନସ ବାଗ, ଉଦ୍ଧବ ସାହୁ, ନିଲାମ୍ବର ସାହୁ, ଜୁନାଗଡ଼ ବ୍ଲକ ଯାଦବ ସଭାପତି ପ୍ରେମାନନ୍ଦ ଭୋଇ, ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଥମେ ସମାଜର ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟତଃ ଓବିସି ମାନଙ୍କ ସାମ୍ବିଧାନିକ ହକ, ଅଧିକାର ଓ ସମାନୁପତିକ ପ୍ରତିନିଧିତ୍ୱ, ଜନଗଣନା, ଉଚ୍ଚଶିକ୍ଷା, ବୃତିଗତ ଶିକ୍ଷା, ନିଯୁକ୍ତିରେ ଓବିସିଙ୍କୁ ୨୭% ସ୍ଥାନ ସଂରକ୍ଷଣ ସହ ଏହି ବର୍ଗର ଯୁବକ,ଯୁବତୀଙ୍କୁ ଉଚ୍ଚ ପଦ ପଦବୀରେ ନିଯୁକ୍ତି ପାଇଁ ଜିଲ୍ଲା ସ୍ତରରେ ମାଗଣାରେ କୋଚିଂ ବ୍ୟବସ୍ଥା,୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିକୁ ଜିଲ୍ଲା ଭିତିକ କରିବା ପାଇଁ ଆଲୋଚନା କରିଥିଲେ ଏବଂ ଆଗାମିଦିନରେ ଓବିସି ସମାଜକୁ ସୁ ସଂଗଠିତ କରି ଆଗକୁ ବଢ଼େଇବା ପାଇଁ ଜିଲ୍ଲା ଓବିସି ମଂଚ କମିଟି ଗଠନ ହୋଇଥିଲା ।

ପାଟଣା ପଦ୍ମପୁର ଗ୍ରାମରେ ଶ୍ରୀ ହନୁମାନଜୀଙ୍କ ନବନିର୍ମିତ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୧/୦୫ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମ ପଂଚାୟତର ପାଟଣାପଦ୍ମପୁର ଗ୍ରାମରେ ଶ୍ରୀ ହନୁମାନଜୀଙ୍କ ନବନିର୍ମିତ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଛି, ପାଟଣାପଦ୍ମପୁର ଠାରୁ ଏକ ବିଶାଳ କଳସ ଶୋଭାଯାତ୍ରା ବାହାରି ପଦ୍ମପୁର ଗ୍ରାମ ଭ୍ରମଣ କରି କପାଗଡ଼ିଆ ବୃତ୍ତୀ ଜାଗୁଡାଇ ପୋଖରିରେ କଳସ ବୁଡାଇ ଥିଲେ, ଏହି କଳସ ଶୋଭାଯାତ୍ରାରେ ସହ ସହ ସଂଖ୍ୟାରେ ହନୁମାନଜୀଙ୍କ ଭକ୍ତ ମାନେ ଯୋଗ ଦେଇଥିଲେ, ଏହି କାର୍ଯ୍ୟକ୍ରମ ଚାରିଦିନ ଯାକ ଅନୁଷ୍ଠିତ ହୋଇଛି ବୁଧବାର ଦିନ ଠାରୁ ଶନିବାର ଦିନ ପର୍ଯ୍ୟନ୍ତ, ତାରିଖ ୦୭/୦୫/୨୫ଠାରୁ ୧୦/୦୫/୨୫ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି, ୧୦୮ ବିଶାଳ କଳସ ଶୋଭାଯାତ୍ରା ଓ ଅଧିବାସ, ଶ୍ରୀ ହନୁମାନଜୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ଯଜ୍ଞାଦିକର୍ମ, ଗୋପୂଜା, ଗୁରୁପୂଜା, ସୂର୍ଯ୍ୟପୂଜା, ରାମପାରିବାର ଓ ହନୁମାନଉପଚାର ପୂଜା, ହନୁମାନଙ୍କ ନବଯୌବନ ଦର୍ଶନ, ପୂର୍ଣ୍ଣାହୁତି ପରେ ସମସ୍ତ ଭକ୍ତ ମାନେ ପ୍ରସାଦ ସେବନ କରିଛନ୍ତି, ଭକ୍ତ ମାନେ ତିନି ଦିନଯାକ ପ୍ରସାଦ ସେବନ କରିଛନ୍ତି । ସଂସ୍କୃତିକକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଯୋଗଦାନ କରିଥିଲେ । ସୁବାଷ ଚନ୍ଦ୍ର ନାୟକ, ପମ୍ପୁ ନାୟକ, ଅଶୋକ ନାୟକ, ଅମୂଲ୍ୟ ବେହେରା, ଅଜୟ ଓଝା, ବାପୁ ଓଝା, ହିମାଂଶୁ ନାୟକ, ମଂଟୁ ଓଝାଙ୍କ ସମେତ ପାଟଣା ପଦ୍ମପୁର ଗ୍ରାମବାସୀ ବୃନ୍ଦ ସହ ସହ ସଂଖ୍ୟାରେ ମହିଳା ଓ ପୁରୁଷ ମାନେ ଉପସ୍ଥିତି ଥିଲେ ।

ପ୍ରଭାତ ଜାଲି ମେମୋରିଆଲ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ଚିଲିକା/ବାଣପୁର, ୧୧/୦୫ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅଠର ବାଟିଆ ପଂଚାୟତ ଛେଡାପଦର ଗ୍ରାମରେ ବେସ ଧୁମଧାମ ରେ ରାତ୍ର କାଳୀନ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ କ୍ରିକେଟ ଖେଳାଳି ତଥା ଆଇ.ଏନ. ଏସ. ଅଗ୍ନିଶମ ବିଭାଗରେ ଜଣେ ଏସ. ଆଇ ରୂପେ କାର୍ଯ୍ୟରତ ଥିଲେ, ତାଙ୍କର ଅକାଳ ବିୟୋଗର ଶ୍ରାଦ୍ଧ ବାର୍ଷିକ ଅବସରରେ ଆୟୋଜିତ ଛେଡାପଦର ବୁଲେଟ କ୍ଲବ ତରଫରୁ ରାତ୍ରକାଳୀନ ପ୍ରଭାତ ଜାଲି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଆରମ୍ଭ ହୋଇଥିଲା । ପ୍ରଥମେ ବୁଲେଟ କ୍ଲବ ତରଫରୁ ଭାରତୀୟ ସେନା ବାହିନୀର ପରାକ୍ରମ ପାଇଁ ଆମେ ଗର୍ବିତ ଏବଂ ତାଙ୍କ ଅଦମ୍ୟ ସାହସ ଓ ବୀରତ୍ୱକୁ ସଲାମ ଦେଇ ମୁଖ୍ୟ ଅତିଥି ଖୋର୍ଦ୍ଧା ଜିଲ୍ଲା ସଭାପତି ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ଦୀପକ ଜେନା, ପ୍ରଭାସ ସୁନ୍ଦରାୟ, ଲକ୍ଷ୍ମଣ ସାହୁ, ସନ୍ତୋଷ ଜାଲି, ଅନୁସୂୟା ଜାଲି ସମେତ ବୁଲେଟ କ୍ଲବର ସମସ୍ତ କର୍ମକର୍ତ୍ତା ବୃନ୍ଦ ଓ ଆଖପାଖ ଅଂଚଳରୁ ଆସିଥିବା ଆଠଟି ଦଳ ସହିତ ଦର୍ଶକ ମାନେ ଉପସ୍ଥିତ ରହି କିଛି ସମୟ ନୀରବ ପ୍ରାର୍ଥନା ସହିତ ଆମ ଦେଶର ସୈନିକ ମାନଙ୍କୁ ସଲାମ କରି ଥିଲେ । ଏହା ପରେ ଅତିଥି ମାନଙ୍କ ଜରିଆରେ ରିବନ କାଟି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ । ଉକ୍ତ ଟୁର୍ଣ୍ଣାମେଂଟ ରେ ଆଠଟି ଦଳ କେ.କେ. ନୂଆଗାଁ ବାଲୁଗାଁ, ବିଧାରପୁର, ଗାନ୍ଧୀ ନଗର ବାଲୁଗାଁ, ଗବପଦର, ବିଧାରପୁର, ଖଣତ, ଛେଡାପଦର, ଚନ୍ଦ୍ରପୁଟ, ଯୋଗଦେଇଥିଲେ । ଏଥିରେ ବିଭିନ୍ନ ଦଳ ଉନ୍ନତ ଧରଣର ଖେଳ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଥିଲେ । ଶେଷରେ ଦଳଗତ ଭାବେ ବିଧାରପୁର କ୍ଲବ ଚନ୍ଦ୍ରପୁଟ କ୍ଲବକୁ ହରାଇ ଫାଇନାଲକୁ ପ୍ରବେଶ କରିଥିବା ବେଳେ ଖଣତ ଗ୍ରାମର କ୍ଲବ ଗବପଦର କ୍ଲବକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲେ । ଏହା ପରେ ଉଭୟ ଖଣତ ଓ ବିଧାରପୁର ମଧ୍ୟରେ ଫାଇନାଲ ମ୍ୟାଚ ଆରମ୍ଭ ହୋଇଥିଲା । ଟସ ଜିତକ କରି ବିଧାରପୁର ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ପଡିଆକୁ ଓଲହାଇ ଆଠ ଓଭରରେ ଅଣସଠି ରନ୍ କରିଥିଲେ, ଦ୍ୱିତୀୟ ଇନିଂସରେ ଖଣତ ଚିତାର୍ଷକ ଖେଳିଥିଲେ ମଧ୍ୟ ମାତ୍ର ସତର ରନ ବ୍ୟବଧାନରେ ପରାସ୍ତ ହୋଇଥିଲା । ତେବେ ବିଧାରପୁର ଦଳ ଗତ ଭାବେ ଚମ୍ପିୟାନ ହୋଇଥିବା ବେଳେ ରନର୍ସଅପ ଖଣତ ହୋଇଛି । ଉକ୍ତ ଖେଳ ଦେଖିବାକୁ ଖେଳ ପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

ପଦ୍ମଶ୍ରୀ ଭବାନୀ ପଟ୍ଟନାୟକ ଥିଲେ ଯୁଗଶ୍ରଷ୍ଟା

ନିମାପଡା, ୧୧/୦୫ (ଆ.ପ୍ର) : ମହାନ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ବାର୍ଷିକୀ ପ୍ରେରଣା ଦିବସ ୨୦୨୫ ଭାରତ ସ୍କାଉଟ ଏବଂ ଗାଇଡ଼ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଭବାନୀ ପଟ୍ଟନାୟକ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଡକ୍ଟର ଅରୁନ୍ଧତୀ ଦେବୀ କହିଲେ, ସ୍ୱର୍ଗତ ପଦ୍ମଶ୍ରୀ ପଟ୍ଟନାୟକ ଥିଲେ ଜଣେ ଯୁଗଶ୍ରଷ୍ଟା ମହାମାନବ । ତାଙ୍କ ନିଃସ୍ୱାର୍ଥପର ତ୍ୟାଗ, ଦେଶପ୍ରେମ ଓ ମାନବ ସେବାର ପଟାନ୍ତର ନାହିଁ । ସେଭଳି ବ୍ୟକ୍ତି ହୁଏତ ଆଉ ଏ ଧରାପୃଷ୍ଠରେ ଜନ୍ମଗ୍ରହଣ କରିବେ କି ନାହିଁ ସନ୍ଦେହ । ମାନବ ଓ ସମଗ୍ର ଜୀବଜଗତର କଲ୍ୟାଣ ପାଇଁ ତାଙ୍କର ନିଷ୍ଠା ଉଚ୍ଚ ଜୀବନ ଆଦର୍ଶ ବହୁ ଯୁବପ୍ରାଣଙ୍କୁ ପ୍ରଭାବିତ କରିଥିଲା । ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଗାନ୍ଧୀବାଦୀ ଶ୍ରୀ ପ୍ରଦ୍ୟୁମ୍ନ ସିଂହ କହିଲେ ଅହିଂସାର ନିଚ୍ଛକ ଅଭିବ୍ୟକ୍ତି ଭବାନୀ ବାବୁଙ୍କ ଜୀବନ ଧାରା ଗାନ୍ଧିମୟ ଥିଲା । ତାଙ୍କ ଜୀବନ ବ୍ୟାପି ସାଧନା ଓ ବଳିଦାନ ଆମ ମାତୃଭୂମିକୁ କରିଥିଲା ବନ୍ଧନ ମୁକ୍ତ । ଗାନ୍ଧୀଜୀଙ୍କ ବିଚାର ଧାରାକୁ ଲୋକମାନଙ୍କ ପାଖରେ ପହଂଚାଇବାରେ ଭବାନୀ ବାବୁଙ୍କ ଭୂମିକା ଚିରସ୍ମରଣୀୟ ହୋଇ ରହିବ । ସେ ସମାଜରେ ଯେଉଁ ଶାନ୍ତି ଓ ସଙ୍ଗତିର ଶିକ୍ଷା ଦେଇ ଯାଇଛନ୍ତି ତାହା ସବୁଦିନ ପାଇଁ ଆମକୁ ଅନୁପ୍ରାଣିତ କରୁଥିବ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ପ୍ରେରଣା ଦିବସରେ ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ବିଶିଷ୍ଟ ଆଇନଜୀବୀ ଶ୍ରୀ ସୁଧୀର ମହାନ୍ତି, ସମାଜସେବୀ ଶ୍ରୀ ନିରୋଦ ବରଣ ଖୁଂଟିଆ, ଶ୍ରୀ ସୋମ, ଶ୍ରୀ ହାର ପ୍ରସାଦ ମହାପାତ୍ର,ଶ୍ରୀ ରତ୍ନାକର ସାହୁ, ଶ୍ରୀ ବିକ୍ରମ ନାୟକ, କଣ୍ଠଶିଳ୍ପୀ ଶ୍ରୀ ବିକ୍ରମ ମହାପାତ୍ର, ଶ୍ରୀ ହେମନ୍ତ ସାହୁ । ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଫାଉଣ୍ଡେସନର ପରିଚାଳନା ଟ୍ରଷ୍ଟି ଡ ବେଣୁଧର ସେନାପତି ।

ସରକାରଙ୍କ ନିୟମକୁ ମାନୁଛି କିଏ ?

ଦଶପଲ୍ଲା, ୧୧/୦୫ (ଆ.ପ୍ର) : ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇପଡିଥିବା ବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲୋକପ୍ରିୟ ସରକାର ମୋହନ ସରକାର ବିଭିନ୍ନ ନିୟମ ଲାଗୁ କରିଛନ୍ତି । ପ୍ରତ୍ୟେକ ଅଫିସକୁ ସକାଳୁଆ କରାଯାଇଛି । ଅନେକ ସ୍ଥାନରେ ଜଳ ଛତ୍ର ର ବନ୍ଦୋବସ୍ତ କରାଯାଇଛି । ତେବେ ଶ୍ରମିକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସକାଳ ୧୧ଘଂଟା ପର୍ଯ୍ୟନ୍ତ କାମ କରିବାକୁ ନିର୍ଦ୍ଦେଶ କରିଛନ୍ତି । ମାତ୍ର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଅନ୍ଧାରକୋଟ ଠାରୁ ଘୁଗୁଡ଼ିପଡ଼ା ରାସ୍ତା କାମରେ ଦିନ ତମାମ ଶ୍ରମିକ ମାନେ କାମ କରୁଥିବା ନଜରକୁ ଆସିଛି । ରାସ୍ତା କଡରେ ପିଲାର ପୋତାଯାଉଛି ଏହି ଉତ୍ତପ୍ତଦିଆ ଖରା ସମୟରେ । ତେବେ କଂଟ୍ରାକ୍ଟର ଜଣ ସରକାରଙ୍କ ନିୟମକୁ ଜାଣିନାହାନ୍ତି ନା ସରକାରଙ୍କ ନିୟମକୁ ଅଣଦେଖା କରି ଶ୍ରମିକ ମାନଙ୍କୁ ସେଥିରେ ବଳି ପକାଉଛନ୍ତି । ତେବେ କିଛି ଅଘଟଣ ଘଟିଲେ ସରକାର ଦାୟୀ ରହିବେ ନା ସେହି କାମଟି ନେଇଥିବା କଂଟ୍ରାକ୍ଟର ଦାୟୀ ରହିବେ ? ପ୍ରଶାସନର କଣ ନଜର ଏଥିପ୍ରତି ଆସୁନାହିଁ ନା କିଛି ଭିତିରି କଥା ରହିଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି । ଦେଖାଯାଉ ଆମ ଲୋକ ପ୍ରିୟ ସରକାର ମୋହନ ସରକାରଙ୍କ ନିୟମକୁ ସମସ୍ତେ ମାନିବା ସହ ସରକାରଙ୍କ ଆଇନ କୁ ସମ୍ମାନ ଜଣାଇ କେବେ ସୁଧାରି ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

ନିଶା ପାଇଁ ଅପରାଧ ମୁହାଁ ଯୁବପିଢ଼ି, ଉଜୁଡୁଛି ପରିବାର

ଯାଜପୁର, ୧୧/୦୫ (ଆ.ପ୍ର) : ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ଯାଜପୁର ସହର । ନିଶାର ହବ୍ ପାଲଟି ଯାଇଛି ଯାଜପୁର ସହର ନିଶାଦ୍ରବ୍ୟ ସେବନ ହେଉ ବା ବିକ୍ରି ହେଉ । ଦିନ କୁ ଦିନ ବଢ଼ି ଚାଲିଛି ନିଶା କାରବାର, ନିଶା ପାଇଁ ଅପରାଧ ଦିଗକୁ ଆପଣାଉଛନ୍ତି ଯୁବପିଢ଼ି । ଉଜୁଡ଼ି ଯାଉଛି ସୁନ୍ଦର ପରିବାର । ନିଶା ପାଇଁ କିଏ ହତ୍ୟା କଲାଣି ତ କିଏ ଲୁଟ୍, ଡକାୟତି କଲାଣି, ତ ଆଉ କିଏ ନିଜ ଘରୁ ଚୋରି କରି ନିଶା ଖାଇଲାଣି, ତ ଆଉ କିଏ ରାତାରାତି ବଡ଼ ହେବାର ଲୋଭରେ ବ୍ରାଉନସୁଗାର, ଗଞ୍ଜେଇ ଚାଲାଣ କରି ପୁଲିସରେ ଧରାପଡ଼ିଲାଣି । ଏହାଫଳରେ ଦିନକୁ ଦିନ ବେକାରୀ ସମସ୍ୟା ଦୂର ହେବା ବଦଳରେ ଅବାଟକୁ ଚାଲି ଯାଉଛନ୍ତି ଯୁବପିଢ଼ି । ଏପଟେ ଯାଜପୁର ସହର ରୁ ନିଶା କାରବାର ଏବଂ ଅପରାଧକୁ ନିପାତ ପାଇଁ ଅଂଟା ଭିଡ଼ିଛି ଯାଜପୁର ଟାଉନ୍ ପୁଲିସ । ପ୍ରାୟେ ସମୟରେ ଟାଉନ ଥାନାଧିକାରୀ ଶ୍ରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଅପରାଧୀ, ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିଲେ ମଧ୍ୟ ଜେଲରୁ ବାହାରି ପୁଣି ଆରମ୍ଭ କରୁଛନ୍ତି ନିଶା କାରବାର । ଯାହାଦ୍ୱାରା ଯୁବପିଢ଼ି, କଲେଜ ଛାତ୍ର, ଅସମାଜିକ ଯୁବକ ମାନଙ୍କ ପାଦୁଭାବ ଦେଖିବାକୁ ମିଳୁଛି । ଏହିପରି ଘଟଣା ଯାଜପୁର ସହର ବିଭିନ୍ନ ସ୍ଥାନ ସହିତ ଗ୍ରାମାଂଚଳରେ ଦେଖାଯାଉଛି । ଆଜିର ଯୁବଗୋଷ୍ଠୀ ନିଶାଦ୍ରବ୍ୟ ସେବନ କରିବା ପାଇଁ ଘରେ ଟଙ୍କା ମାଗିବା ସହିତ ଘରର ସାମଗ୍ରୀମଧ୍ୟ ବିକ୍ରୀ କରୁଥିବା ଶୁଣିବାକୁ ମିଳେ । ବିଗତ କିଛି ବର୍ଷ ତଳେ ଏପରି ଏକ ହୃଦୟ ବିଦାରକ ଘଟଣା ଯାଜପୁର ଟାଉନ୍ ର କୁଆଁସରପୁର ଠାରେ ଘଟିଥିଲା । ନିଶାଦ୍ରବ୍ୟ ସେବନ କରିବା ପାଇଁ ଟଙ୍କା ନଦେବାରୁ ମାଁ କୁ ସିଳିପୁଆରେ ଛେଚି ମାରି ଦେଇଥିଲା । ସହର ମଧ୍ୟରେ ଏପରି ଅନେକ ଘଟଣା ଘଟିଥିଲେ ମଧ୍ୟ ନିଜର ସମ୍ମାନ ପାଇଁ କେହି ମୁହଁ ଖୋଲୁନାହାନ୍ତି । ମନର କଥାକୁ ମନରେ ରଖି କବାଟ କଣରେ ବାପା ମାଁ ମାନେ କାନ୍ଦୁଛନ୍ତି । କେତେ କଷ୍ଟ ଅର୍ଜିତ କରି ବାପା ମାଁ ମାନେ ନିଜର ପିଲାଙ୍କ ଭବିଷ୍ୟତକୁ ଚାହିଁ ରହିଥିବା ବେଳେ ଆଜିର ଯୁବପିଢି ନିଶାଦ୍ରବ୍ୟ ସେବନ କରି ନିଜର ମାନ ଗରିମା ହରାଇବା ସହିତ ବାପା ମାଁ ମାନଙ୍କ ଇଜ୍ଜତ ମହତ ହରାଉଛନ୍ତି । କଥାରେ ଅଛି ଅଜାଗା ଘା ଦେଖି ହୁଏ ନା କି ଦେଖେଇ ହୁଏନା । ସହର ମଧ୍ୟରେ ଏପରି ଅବସ୍ଥା ଦେଇ ବହୁ ପରିବାର ଗତି କରୁଛନ୍ତି । ଯାଜପୁର ଟାଉନ୍ ଥାନା ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏକ ଭଲ ପଦକ୍ଷେପ ନିଆଯାଉଥିଲା ନିଶାଦ୍ରବ୍ୟ ସେବନ ଓ ବିକ୍ରି କରୁଥିବା ଅସାମାଜିକ ବ୍ୟକ୍ତିମାନଙ୍କ ଉପରେ । ସହର ମଧ୍ୟରେ କୋକୁଆ ଭୟ ପାଲଟି ଯାଇଥିଲା । ଏପରି କାର୍ଯ୍ୟାନୁଷ୍ଠାନ ଥାନା ଅଧିକାରୀଙ୍କ ଆଉ ଦେଖିବାକୁ ମିଳୁନାହିଁ । ଏହା ଏବେ ସହର ମଧ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଯାଜପୁର ସହର ର ସମସ୍ତ ଜନସାଧାରଣ ଦାବି କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର, ବେଆଇନ୍ ବାଲି ଉତୋଳନ ପାଇଁ ପ୍ରଶାସନର କାଟୁଳିକନା ଗ୍ରାମବାସୀଙ୍କୁ ନାଲିଆଖି

ଚମ୍ପୁଆ, ୧୧/୦୫ (ଆ.ପ୍ର) : କାନପୁର ଜଳସେଚନ କେନ୍ଦୁଝର ଜିଲ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ଜଳ ପ୍ରକଳ୍ପ ଏବଂ ଏହା ଖୁବ୍ ଶୀଘ୍ର ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହେବାକୁ ଯାଉଛି, ତେଣୁ ଉକ୍ତ ପ୍ରକଳ୍ପର ଚୂଡ଼ାନ୍ତ ସମାପ୍ତି ଯୁଦ୍ଧକାଳୀନ ଭିତିରେ କରାଯାଉଛି ଏବଂ ଏଥିପାଇଁ ବାଲିର ବ୍ୟାପକ ଆବଶ୍ୟକତା ରହିଛି । ଉକ୍ତ କାର୍ଯ୍ୟ ପାଇଁ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ତହସିଲର ମ୍ୟାକମିଲାନପୁର ଗ୍ରାମର ୬.୨୫ ଏକର କିମ୍ବା ୨.୫୨୯ ହେକ୍ଟର ଅଂଚଳ ଉପରେ ମ୍ୟାକମିଲାନପୁର ବାଲି ଖଣିକୁ କେନ୍ଦୁଝର କଲେକ୍ଟର ୨୦୨୨ ମସିହାରୁ ଅନୁମତି ଦେଇଥିଲେ । ଏହା କେବଳ କାନପୁର ଜଳସେଚନ ପ୍ରକଳ୍ପ ପାଇଁ ସଂରକ୍ଷିତ କରାଯାଇଥିଲା । ତେବେ କାନପୁର ଜଳସେଚନ ପ୍ରକଳ୍ପ ର ମୁଖ୍ୟ ନିର୍ମାଣ ଯନ୍ତ୍ରାଙ୍କ ଦ୍ୱାରା କାନପୁର ଜଳସେଚନ କେନାଲ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଜୁନ ମାସ ସୁଦ୍ଧା ସମାପ୍ତ କରିବା ପାଇଁ ପ୍ରାୟ ୨୦୦୦୦ ସିୟୁଏମ ବାଲି ଆବଶ୍ୟକ ବୋଲି ଖଣି ଅଧିକାରୀ, ଲଘୁ ଖଣିଜ ବିଭାଗ, ଚମ୍ପୁଆ ସବ ଡିଭିଜନଙ୍କୁ ପତ୍ର ଦ୍ୱାରା ଅବଗତ କରାଯାଇଥିଲା । ଉକ୍ତ ପରିମାଣର ବାଲି ଯୋଗାଣ କରିବା ପାଇଁ ଜଣେ ଭାଗବତ ଚନ୍ଦ୍ର ଦାସ ନାମକ ବ୍ୟକ୍ତିଙ୍କୁ କାନପୁର ଜଳ ସେଚନ ବିଭାଗ ଦ୍ୱାରା ଅଧିକୃତ କରାଯାଇଥିବା ନେଇ ମଧ୍ୟ ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଯୁଦ୍ଧ କାଳୀନ ଭିତିରେ କାନପୁର ନଦୀ ବନ୍ଧ ଓ କେନାଲ କାର୍ଯ୍ୟକୁ ସମାପ୍ତ କରିବା ପାଇଁ ଜଳ ସେଚନ ବିଭାଗ ଲାଗି ପଡ଼ିଥିବା ବେଳେ ଏଥିରେ ବ୍ୟାଘାତ ସୃଷ୍ଟି କରିଛନ୍ତି ଖୋଦ ଲଘୁ ଖଣିଜ ଅଧିକାରିଣୀ ସୁପ୍ରଭା ଶୁଭଦର୍ଶୀନି ନାଏକ । କାନପୁର ଜଳ ସେଚନ ପ୍ରକଳ୍ପ ପାଇଁ ବାଲିର ଆବଶ୍ୟକତା ଥିବା ବେଳେ ଏହି ପ୍ରକଳ୍ପ ପାଇଁ ସଂରକ୍ଷିତ ମ୍ୟାକମିଲାନପୁର ବାଲି ଘାଟକୁ ରାସ୍ତା ନିର୍ମାଣ ପାଇଁ ବାଲିର ଆବଶ୍ୟକତା ଦର୍ଶାଇ ସ୍ମୃତି ନନ୍ଦନ ମହାନ୍ତି ନାମକ ଜଣେ ଠିକାଦାରଙ୍କୁ ବାଲି ଉତୋଳନ କରିବା ପାଇଁ ଅନୁମତି ପତ୍ର ଦେଇଥିବା ଜଣା ପଡ଼ିଛି । କେନ୍ଦୁଝର ବାସୀଙ୍କ ପାଣି ସମସ୍ୟା ଓ ଜଳ ସେଚନ ସମସ୍ୟାକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ କାନପୁର ଜଳ ସେଚନ ପ୍ରକଳ୍ପକୁ ପ୍ରାଥମିକତା ନ ଦେଇ ଅନ୍ୟ ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ବାଲି ଉତୋଳନ କରିବା ପାଇଁ ଅନୁମତି ଦେବା ଅନୁଚିତ ମନେ ହେଉଛି । ସର୍ବୋପରି ଜଣେ ଖଣି ଅଧିକାରିଣୀ ମାନନୀୟ ମୁଖ୍ୟ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଭ୍ରୂକ୍ଷେପ ନ କରିବା ନିଶ୍ଚିତ ଭାବରେ ଅତି ନିନ୍ଦନୀୟ କାର୍ଯ୍ୟ । ତେବେ ମ୍ୟାକମିଲାନପୁର ବାଲି ଘାଟକୁ ଲିଜ ପାଇଁ ଅନୁମତି ପାଇଥିବା ଲିଜ ଧାରୀଙ୍କ ପକ୍ଷରୁ ଖଣିକୁ ଯିବା ପାଇଁ ମ୍ୟାକମିଲାନପୁର ଗ୍ରାମ ରାସ୍ତାକୁ ବ୍ୟବହାର ନ କରି କାଟୁଳିକନା ଗ୍ରାମ ଦେଇ ଉକ୍ତ ଖଣିକୁ ପଶି ବାଲି ଉତୋଳନ କରିବା ପାଇଁ ରାସ୍ତା ନିର୍ମାଣ କରାଯାଉଛି । ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଅନେକ ମୂଲ୍ୟବାନ ଗଛକୁ ମଧ୍ୟ କରାଯାଇଛି । ଏହି ରାସ୍ତା ନିର୍ମାଣ ପାଇଁ କାଟୁଳିକନା ଗ୍ରାମବାସୀଙ୍କ ଅନୁମତି ନିଆ ଯାଇ ନ ଥିବା ବେଳେ ସେମାନେ ଦିନ ରାତି ଦେଖା ଶୁଣା କରି ସୃଷ୍ଟି କରିଥିବା ଜଙ୍ଗଲକୁ ଏପରି ନଷ୍ଟ କରିଦିଆଯିବାକୁ ସେମାନେ ବିରୋଧ କରିଛନ୍ତି । ତେବେ ଏହି ରାସ୍ତାକୁ ବାଲି ଚୋରି କରିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଥିବା ନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରୁଛନ୍ତି । ମ୍ୟାକମିଲାନପୁର ଖଣିରୁ ଚୋରାରେ ବାଲି ଉତୋଳନ କରିବା ଉଦ୍ଦେଶ୍ୟରେ ଆନୁମାନିକ ୮୦/୯୦ ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛକୁ କାଟି ଦିଆଯାଇଛି । ଏହାକୁ କାଟୁଳିକନା ଗ୍ରାମବାସୀ ବିରୋଧ କରିବାରୁ ଲିଜ ଧାରୀ ଗ୍ରାମବାସୀଙ୍କୁ ପୁଲିସ ରେ ମିଛ ଅଭିଯୋଗ ଦେଇ ଗ୍ରାମବାସୀଙ୍କୁ ଭୟଭୀତ କରିବା ପାଇଁ ମଧ୍ୟ ପଛେଇ ନାହାନ୍ତି । ଏହି ବାଲି ଚୋରି କରିବା ପାଇଁ ମାଫିଆଙ୍କୁ ପ୍ରଶାସନ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏଥିରେ ଖଣି ଅଧିକାରିଣୀ ସୁପ୍ରଭା ଶୁଭଦର୍ଶୀନି ନାଏକଙ୍କ ଭୂମିକା ସନ୍ଦେହ ଘେରକୁ ଟାଣି ହୋଇ ଯାଉଥିବା ବେଳେ ପ୍ରଶାସନ ମଧ୍ୟ ବାଲି ମାଫିଆ ଙ୍କୁ ସହଯୋଗ କରିବା ଗ୍ରାମବାସୀଙ୍କୁ ଚକିତ କରି ଦେଇଛି । ଏଥିରେ ବାଲି ମାଫିଆ, ଖଣି ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ମଧ୍ୟଚନ୍ଦ୍ରିକା କାର୍ଯ୍ୟ କରୁଛି ବୋଲି ଗ୍ରାମବାସୀ ହୃଦବୋଧ କରୁଛନ୍ତି । ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ଚମ୍ପୁଆ ଉପ ଜିଲ୍ଲାପାଳ ଓ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଯଦି କେନ୍ଦୁଝର ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଗ୍ରାମର ସରପଂଚ, ୱାର୍ଡ ମେମ୍ବରଙ୍କ ସହିତ ସମସ୍ତ ଗ୍ରାମବାସୀ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି । ତେବେ କାନପୁର ଜଳ ସେଚନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ବାଲି ଖଣିରୁ ଅନ୍ୟ କାର୍ଯ୍ୟ ପାଇଁ ବାଲି ଯୋଗାଣ ଅନୁମତି ପ୍ରଦାନ କୁ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ନାପସନ୍ଦ କରିବା ସହିତ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାର ଦ୍ୱାରା ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ।

ଆରମ୍ଭ

SEITHO ARAMBHA

ଭୋଗରାଇ ବୈଶାଖୀ ଉତ୍ସବ ୨୦୨୫ ଉଦ୍‌ଯାପିତ

ଭୋଗରାଇ,୧୧/୦୫ (ଆ.ପ୍ର) : ଭୋଗରାଇ ବ୍ଲକ ଭୋଗରାଇ ହାଟ ପଡ଼ିଆରେ ମା ବାଶୁଳୀଙ୍କ ପୀଠରେ ଦଶମ ବୈଶାଖୀ ଉତ୍ସବ - ୨୦୨୫ ଉଦଯାପିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ତଥା ଉତ୍ସବ କମିଟିର ସଭାପତି ପ୍ରବୀର କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସମ୍ମାନିତ ଅତିଥି ଭାବେ ଅନନ୍ତ ଦାସ ଫାଉଣ୍ଡେସନ କାର୍ଯ୍ୟକାରୀ ସଭାପତି ଇଂ ଅଭିଜିତ୍ ଦାସ, ପୂର୍ବତନ ସରପଂଚ ରମାକାନ୍ତ କରଣ, କୁସ୍ତୀରଗଡ଼ି ପଂଚାୟତ ସମିତି ସଦସ୍ୟା ଝରଣା ସାହୁ, ସମାଜସେବୀ ସୀମନ ଦାସ ମହାପାତ୍ର ଯୋଗଦେଇ ମା' ବାଶୁଳୀ ପୀଠର ବିକାଶ ସହିତ ପର୍ଯ୍ୟଟନର ପ୍ରାଣକେନ୍ଦ୍ର ହୋଇଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ସବ କମିଟିର ସଦସ୍ୟ ବଳରାମ ବିଶି ମଂଚ ଆହ୍ୱାନ କରିଥିଲା ବେଳେ ଉତ୍ସବ କମିଟିର ସଦସ୍ୟ ଭବେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଜଗବନ୍ଧୁ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉତ୍ସବ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

'ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ' ପକ୍ଷରୁ ପାଳନ ହେଉଥିବା 'ଭାଷାପକ୍ଷ' ହେଲା ଉଦ୍‌ଯାପିତ

ଶୁଣ ଶୁଣ ଆହେ ସରକାର ଆମ ଭାଷା ଓ ସାହିତ୍ୟ ଦରକାର' ଶୀର୍ଷକ ପ୍ରତୀକାତ୍ମକ କବିତା ପାଠ ଅନୁଷ୍ଠିତ ହେଲା

ବାଲେଶ୍ୱର, ୧୧/୦୫ (ଆ.ପ୍ର) : 'ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ' ତରଫରୁ ପାଳନ କରାଯାଉଥିବା 'ଭାଷାପକ୍ଷ'ର ଉଦ୍‌ଯାପନ ଦିବସ ନିରଂଜନ ରାଉତ ଓ ନିବାରଣ ଜେନାଙ୍କ ଯୁଗ୍ମ ସଭାପତିତ୍ୱରେ 'ସ୍ରଷ୍ଟା' ନାଟ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ତରଫରୁ ସାହିତ୍ୟିକମାନଙ୍କ ପ୍ରତି ଅବହେଳା କାରଣରୁ ଆଠବର୍ଷ ହେଲା ପୁରସ୍କାର ପ୍ରଦାନ କରାଯାଇ ନ ଥିବା, ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ଓ ସାରସ୍ୱତ ସମ୍ବର୍ଦ୍ଧନାରେ ଅନିୟମିତତା, ସାଧାରଣ ପରିଷଦର ପୁନର୍ଗଠନ ନ ହେବା ତଥା ଏକାଡେମୀର ସଭାପତି ଓ ଉପସଭାପତି ପଦ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଯୋଗୁଁ ପ୍ରତୀକାତ୍ମକ ଭାବରେ ଅନଶନ ତଥା ଧର୍ମଘଟ କରାଯାଇ କବିତାପାଠ, ବକ୍ତବ୍ୟ ତଥା ନାଟକ ପ୍ରଦର୍ଶିତ ହୋଇଥିଲା । କୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ 'ଶୁଣ ଶୁଣ ଆହେ ସରକାର ଆମ ଭାଷା ଓ ସାହିତ୍ୟ ଦରକାର' ଶୀର୍ଷକ କବିତା ପାଠୋତ୍ସବରେ ଚାଳିଶ ଜଣରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତାପାଠ କରି ହୃଦୟର ଉଦ୍‌ବେଗ ପରିପ୍ରକାଶ କରିଥିଲେ । ଏହି କବିତା ପାଠୋତ୍ସବରେ ଡ. ହରିଶ୍ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିବା ବେଳେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଓ 'ଚନ୍ଦ୍ରଭାଗା'ର ନିର୍ଦ୍ଦେଶକ କବି ଶ୍ରୀଦେବ ବକ୍ତା ଭାବରେ ଯୋଗ ଦେଇଥିଲେ । ଶରତ କୁମାର ମହାପାତ୍ର, ରାଜେନ୍ଦ୍ରନାଥ ରାଉତ, ଡ. ଭାଗବତ ପ୍ରସାଦ ଦାସ, ଅରୁଣା ରାୟ, ଡ. ହେମମାଳା ଦାଶ, ପ୍ରଦୀପ ଚାଟାର୍ଜୀ ପ୍ରମୁଖ ସାରସ୍ୱତ ସାଧକଗଣ ବକ୍ତବ୍ୟ ମାଧ୍ୟମରେ ସମସ୍ତ ଦାବୀକୁ ପରିପୂରଣ କରିବା ନିମିତ୍ତ ସରକାରଙ୍କ ଠାରେ ନିବେଦନ କରିଥିଲେ । ଏହି ବିଷୟବସ୍ତୁକୁ ମୂଳ କରି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ ନିରଂଜନ ରାଉତଙ୍କ ନିର୍ଦ୍ଦେଶିତ 'ଶୁଣ ଶୁଣ ଆହେ ସରକାର' ନାମରେ ଏକ ନାଟିକା କୁମରନାଥ ପାତ୍ର, ଶାନ୍ତିଲତା ବିଶି, ସଂଜୟ କୁମାର ପଣ୍ଡା, ପ୍ରଭାକର ସାହୁ, ପ୍ରଫୁଲ୍ଲ କୁମାର ଦାସ, କ୍ଷିପ୍ରା ପ୍ରଧାନ, ଡ. ସାରଙ୍ଗଧର ତ୍ରିପାଠୀ ଓ କଲ୍ୟାଣୀ ନନ୍ଦଙ୍କ ଦ୍ୱାରା ମଂଚସ୍ଥ ହୋଇଥିଲା । ଏହି ପରିପ୍ରେକ୍ଷୀରେ 'ଭାଷାପକ୍ଷ' ଉଦ୍‌ଯାପନୀ ସଙ୍ଗୀତ କଲ୍ୟାଣୀ ନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ସ୍ମିତା ସାମନ୍ତରାୟ, ପୁଷ୍ପଲତା ଚକ୍ରବର୍ତ୍ତୀ, କ୍ଷିପ୍ରା ପ୍ରଧାନ, ଅବନ୍ତୀ ପ୍ରଧାନ, ଡ. ତାନଶ୍ରୀ ପାଣିଗ୍ରାହୀ, କୁମରନାଥ ପାତ୍ର ଓ ପ୍ରଭାକର ସାହୁଙ୍କଦ୍ୱାରା ପରିବେଷଣ କରାଯାଇଥିଲା । ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କବି ଦୀପକ ଘୋଷ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. କ୍ଷିତୀଶ୍ୱର ଦାଶ, କମଳାକାନ୍ତ ଦାଶ, ପ୍ରଭାତ କୁମାର ଆଚାର୍ଯ୍ୟ, ହାଡ଼ିବନ୍ଧୁ ପାତ୍ର, କବିତା ଜେନା, ମନ୍ମଥ କୁମାର ସାହୁ, ମଧୁସୂଦନ ମାଝୀ, ଦାମୋଦର ନାୟକ, ଡ. ରତ୍ନାକର ସିଂହ, ଦୀପକ ଦାସ, କରୁଣାକର ସ, ମମତା ଦାସ, ପଦ୍ମଲୋଚନ ପ୍ରଧାନ, ହେମନ୍ତ କୁମାର ଜେନା, ପଦ୍ମଲୋଚନ ଦତ୍ତ, ଅସିତଜ୍ୟୋତି ପାତ୍ର, ଦେବାଶିଷ ସିଂହ ପ୍ରମୁଖ ସ୍ୱରଚିତ କବିତା ପାଠରେ ଅଂଶଗ୍ରହଣ କରିଥିଲେ ।

ବାଲିଆପାଳକୁ ଏମିତି ଅବହେଳା କ'ଣ ପାଇଁ ?

ବାଲିଆପାଳ, ୧୧/୦୫ (ଆ.ପ୍ର) : ବାଲିଆପାଳ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିଲେ ବି ସବୁଥିରେ ଏହା ଏବେ ଅବହେଳାର ଶିକାର ହେବାର ଲକ୍ଷ୍ୟ କରାଯାଉଛି ପ ପ୍ରଥମତଃ କୌଣସି ଦୃଷ୍ଟିରୁ ଏହି ବ୍ଲକ କାହାଠାରୁ କିଛି କମ ନୁହେଁ । ଚିର ସବୁଜ ଶସ୍ୟ ଶ୍ୟାମଳା ଭରା ଅର୍ଥାତ ଧାନ, ପାନ, ମାଛର ଏହି ଅଂଚଳ ଅତି ଉର୍ବର । ଉତ୍ତର ଓ ପୂର୍ବରେ ସୁବର୍ଣ୍ଣରେଖା ନଦୀ ସହିତ ଦକ୍ଷିଣରେ ବଙ୍ଗୋପସାଗରର ଢେଉ ସଦାବେଳେ ଲହଡି ଭାଙ୍ଗୁ ଥାଏ । ବ୍ଲକର ତଗରା, ଚଉମୁଖ, ଯମୁନାଶୁଳ ଚାନ୍ଦମଣିର ବେଳାଭୂମି ବହୁ ପୂର୍ବରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇ ସାରିଛିନ୍ତ ପ୍ରାୟତଃ ଭାରତ ବର୍ଷରେ ଏତେ ବଡ଼ ବିସ୍ତିର୍ଣ୍ଣ ସମତଳ ବେଳାଭୂମି ସହିତ ନୀଳ ରକ୍ତ କଙ୍କଡା, ନାଲି କଙ୍କଡା ଓ ଝାଉଁ ଜଙ୍ଗଲ ଅନ୍ୟ କେଉଁଠି ନାହିଁ । ଯାହା ହେଲେ କଣ ହେବ ସରକାରଙ୍କ ଦୃଷ୍ଟି କିନ୍ତୁ ବାଲିଆପାଳ ଉପରେ ପଡୁନାହିଁ । ଏହି କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲେଶ୍ୱର ଗସ୍ତରେ ଆସି ଚାନ୍ଦିପୁର ଓ ଭୋଗରାଇ ଅଂଚଳ ପରିଦର୍ଶନ କରି ତାଳସାରିକୁ ପର୍ଯ୍ୟଟନର ହବ କରିବେ ବୋଲି ଘୋଷଣା କରିବା ସହିତ ଚାନ୍ଦିପୁର ପାଇଁ ଅର୍ଥ ମଞ୍ଜୁର ପାଇଁ ଘୋଷଣା କଲେ । କିନ୍ତୁ ଏହି ଦୁଇ ବେଳାଭୂମିର ମଧ୍ୟଭାଗରେ ଥିବା ବାଲିଆପାଳ ପ୍ରତି ଏଭଳି ବୈମାତୃକ ମନୋଭାବ ପୋଷଣ କଣ ପାଇଁ ସକଣ ବାଲିଆପାଳ ବିଷୟରେ ମନ୍ତ୍ରୀଙ୍କ ନିକଟରେ କୌଣସି ସୂଚନା ନାହିଁ ନାଁ ଏ ଅଂଚଳକୁ ମନ୍ତ୍ରୀଙ୍କ ନଜର ଦୃଷ୍ଟିରୁ ହଟାଇ ଦିଆଯାଇଛି । ସେହିପରି ୨୦୨୪ ନିର୍ବାଚନ ପୂର୍ବରୁ ରାଜ୍ୟରେ ୩୪ ଟି ଏନଏସି ଘୋଷଣା ହୋଇଥିଲେ ମଧ୍ୟ ବାଲିଆପାଳ ଏଥିରୁ ବାଦ ପଡିଥିଲା । କିଛି ସାମାଜିକ ସଂଗଠନର ଦୃଢ଼ ପ୍ରତିବାଦ ପରେ ବାଲିଆପାଳକୁ ପୁଣି ଥରେ ଏନଏସି ପାଇଁ ସେତେବେଳର ବିଜେଡି ସରକାର ଘୋଷଣା କରିଥିଲେ । କିନ୍ତୁ ନିର୍ବାଚନ ସରିଲା ପରେ ଏବେର ନୂଆ ସରକାରଙ୍କ ସଦ୍ୟ ତାଲିକାରୁ ବାଲିଆପାଳ ଆଜି ଏନଏସିରୁ ବାଦ ପଡିଛି କ୍ଷୟାହାକି ଏ ଅଂଚଳରେ ଏବେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି । ୧୯୯୫ ରୁ ବାଲିଆପାଳ ଓ ମଧୁପୁରା ଗ୍ରାମ ପଂଚାୟତର ୧୫ ଟି ଗ୍ରାମକୁ ସହରାଂଚଳ (ଅର୍ବାନ ଏରିଆ)ବୋଲି ଘୋଷଣା କରାଯାଇ ଅଧିକ ରାଜସ୍ୱ ଆଦାୟ କରାଯାଉଛି । ଏ ନେଇ ଜନ ସାଧାରଣ ଏନଏସି ତାଲିକାରୁ ବାଲିଆପାଳ ବାଦ ପଡ଼ିବାର କାରଣ କଣ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏହାଛଡା ବ୍ଲକ ରେ ଦୀର୍ଘ ଦିନ ଧରି ବିଡ଼ିଓ ନାହାନ୍ତି ତେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଏବଂ ବିଭିନ୍ନ ବିଭାଗରେ ବହୁ ପଦବୀ ଏବେବି ଖାଲି ଅଛି । ଏହା ଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସକାଳୁଆ ଅଫିସ ହୋଇଥିଲେ ବି ଦିନ ୯ ଟା ପର୍ଯ୍ୟନ୍ତ ବହୁ କାର୍ଯ୍ୟାଳୟ ଖୋଲାହେଉନାହିଁ । ତେବେ ଅନେକ ଦୃଷ୍ଟିରୁ ବାଲିଆପାଳ ଆଜି ଅବହେଳିତ । ଏହା ପ୍ରଶାସନର ଦୁର୍ବଳତା ନା ରାଜନେତାଙ୍କ ଇଛା ଶକ୍ତିର ଅଭାବ ତାହା ଏବେ ପ୍ରଶ୍ନବାଚୀ । ଆଗାମୀ ଦିନରେ ଏହି ସବୁ ସମସ୍ୟାର ଯଦି କିଛି ସମାଧାନ ନ ହୁଏ ତେବେ ଅଂଚଳବାସୀ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି ସ୍ପଷ୍ଟ ଭାବେ କହିଛନ୍ତି ।

ପାଣିରେ ବୁଡ଼ି ଆଉଜଣେ ଯୁବକର ଅକାଳ ମୃତ୍ୟୁ

ନୀଳଗିରି,୧୧/୦୫ (ଆ.ପ୍ର) : ନୀଳଗିରି ଥାନା ଅଧୀନ ମହୁଆ ସ୍ଥିତ ପରିତ୍ୟକ୍ତ ଖାଦାନ ବ୍ଲୁ ଲେକ ରେ ଗାଧୋଇବାକୁ ଆସି ପାଣିରେ ବୁଡି ଯାଇ ଜଣେ ଯୁବକର ମୃତ୍ୟୁ ଘଟିଛି । ସୂଚନାରୁ ଜଣାଯାଇଛି, ଯୁବକ ଜଣକ କମାରଖାଲିଆ ଗ୍ରାମର ସୁନିଲ ସିଂ । ନୀଳଗିରି ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ଶବକୁ ଉଦ୍ଧାର କରିଛନ୍ତି । ତେବେ ପୂର୍ବରୁ ବାରମ୍ୱାର ଉକ୍ତ ବ୍ଲୁ ଲେକ୍‌ର ପାଣିରେ ବୁଡି ଯାଇ ବହୁ ଅମୂଲ୍ୟ ଜୀବନ ଯିବାର ନଜିର ରହିଛି । କିନ୍ତୁ ଏଥି ପ୍ରତି ନୀଳଗିରି ପ୍ରଶାସନର ନଜର ନାହିଁ । କ୍ରମାଗତ ଭାବେ ଏଭଳି ଘଟଣା ଘଟି ଜୀବନ ଯାଉଥିବା ବେଳେ, ଏହି ଅଂଚଳକୁ ନିଷିଦ୍ଧାଂଚଳ ଘୋଷଣା କରିବାକୁ ଅଂଚଳବାସୀ ଦୃଢ଼ ଦାବୀ କରିଛନ୍ତି ।

ବର୍ଷ ବର୍ଷ ଧରି କାହା ସ୍ୱାର୍ଥରେ ଚୌକି ମାଡ଼ିବସିଛନ୍ତି ସରକାରୀ ବାବୁ

ବାଲିଆପାଳ, ୧୧/୦୫ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଥିବା ବିଭିନ୍ନ ବିଭାଗରେ କର୍ମଚାରୀ ମରୁଡି ଏବେ ଦେଖାଦେଇଛି । ଯାହା ଫଳରେ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସରକାର କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାରେ । କେଉଁଠି ବିଡ଼ିଓ ନାହାଁନ୍ତି ତେ କେଉଁଠି ଡାକ୍ତର । ଏମିତି ବହୁ ବିଭାଗରେ ଅନେକ ପଦବୀ ଫାଙ୍କା ଅଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା କିଛି ସରକାରୀ ବାବୁ ମାନେ ଏହା ମଧ୍ୟରେ ବର୍ଷ ବର୍ଷ ଧରି ଚୌକି ମାଡ଼ିବସିଛନ୍ତି । ଅନ୍ୟତ୍ର ଯିବାର ନାଁ ଧରୁନାହାଁନ୍ତି । ବିଡ଼ିଓଙ୍କ ଦାଇତ୍ୱ ତୁଲାଉ ଥିବା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ୬ ମାସ ରହିବା ପରେ ଏବେ ତାଙ୍କର ବଦଳି ଧାମନଗରକୁ ହୋଇଛି ଓ ତାଙ୍କ ବଦଳରେ ରାଧା ରଞ୍ଜନ ଦାସଙ୍କୁ ବାଲିଆପାଳ ତହସିଲଦାର ଭାବେ ନିଯୁକ୍ତି ଦିଆ ଯାଇଛି । କିନ୍ତୁ କିଛି ପଂଚାୟତ ନିର୍ବାହୀ ଅଧିକାରୀ ଦୀର୍ଘ ବର୍ଷ ଧରି ଗୋଟିଏ ବ୍ଲକରେ ଅଛନ୍ତି । ଅଳାଡ଼ିହା ପଂଚାୟତର ପିଇଓ ସସ୍ମିତା ସିଂ ୯ବର୍ଷ ୯ମାସ, ଅସ୍ତି ପଂଚାୟତର କରୁଣାକର ଜେନା ୧୦ବର୍ଷ, ବଡାଣ ପଂଚାୟତର ରାଇମଣି କିସ୍କୁ ୧୦ବର୍ଷ, ବଳରାମପୁରର ରାଧିକା ଦଣ୍ଡପାଟ ୧୦ ବର୍ଷ, ବେତଗଡ଼ିଆର ରଞ୍ଜନ ଆଚାର୍ଯ୍ୟ ୧୩ ବର୍ଷ ୯ ମାସ, ବିଷ୍ଣୁପୁରର ପ୍ରଭୁରାମ ଦେ ୧୦ ବର୍ଷ, ଶ୍ରୀରାମପୁରର ବବଲୁ ହାଁସଦା ୧୦ ବର୍ଷ ଏବଂ ସଂଟ୍ରଆ ଗ୍ରାମ ପଂଚାୟତର ପିଇଓ ଭାବେ ସୁଶାନ୍ତ ଦେହୁରୀ ୧୦ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ଏମିତି ଅନ୍ୟ ବିଭାଗରେ ମଧ୍ୟ ୩ ବର୍ଷରୁ ଅଧିକ କିଛି ବାବୁ ମଧ୍ୟ ଚାକିରୀ କରି ଆସୁଛନ୍ତି । ସରକାରୀ ନିୟମ ଅନୁଯାୟୀ କିଛି ବର୍ଷ ଗୋଟିଏ ସ୍ଥାନରେ ରହିବାପରେ ଯେ କୌଣସି ସ୍ଥାନକୁ ବଦଳି ହେବାକଥା, କିନ୍ତୁ କାହା ସ୍ୱାର୍ଥରେ ଏହି ବାବୁ ମାନେ ଏଠାରେ ଦୀର୍ଘ ବର୍ଷ ଧରି ରହିଛନ୍ତି ଏହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେବେ ଏମାନଙ୍କର ତୁରନ୍ତ ବଦଳି ହେବା ଆବଶ୍ୟକ ବୋଲି କିଛି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

ସାଥୀ ରାମଚନ୍ଦ୍ର ସଙ୍କ ଦ୍ୱିତୀୟ ଶ୍ରାଦ୍ଧ ବର୍ଷିକିରେ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୧୧/୦୫ (ଆ.ପ୍ର) : ସିପିଆଇ (ଏମ) ନୀଳଗିରି ଆଂଚଳିକ କମିଟି ପକ୍ଷରୁ, ସ୍ୱର୍ଗତଃ ରାମଚନ୍ଦ୍ର ସ ଙ୍କ ଦ୍ୱିତୀୟ ଶ୍ରାଦ୍ଧ ବର୍ଷିକି ରେ ତାଙ୍କ ଘର ବାଙ୍କିସାହିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ରେ ସାଥୀ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ । ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି ରାମଚନ୍ଦ୍ର ସ ଙ୍କ ମାର୍କ୍ସବାଦୀ ଚିନ୍ତାଧାରା ଉପରେ ଆଲୋଚନା କରିଥିଲେ । ସେ ସମସ୍ତ ଙ୍କର ଜଣେ ଦରଦୀ ବନ୍ଧୁ ଥିଲେ । ସିପିଆଇ (ଏମ)ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ସାଥୀ ରାମଚନ୍ଦ୍ର ସ ଙ୍କ ମୃତ୍ୟୁ, ଦଳ ପାଇଁ,ଏକ ବଡ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି । ଯାହାକି ଆଲୋଚନା କରାଯାଇ ପାରିବ ନାହିଁ ବୋଲି କହିଥିଲେ । ରାମଚନ୍ଦ୍ର ସ ଙ୍କ ସାନଭାଇ ଲକ୍ଷ୍ମଣ ସ ବଡ଼ ଭାଇଙ୍କ ଉପରେ ଆଲୋଚନା କଲା ବେଳେ କହିଲେ, ଭାଇ ପାର୍ଟୀ ପାଇଁ ସବୁ ସ୍ଥାନରେ ପରିଚିତ । ରାମଚନ୍ଦ୍ର ସ ଙ୍କ ଉପରେ ବହୁ ସାଥୀ ଆଲୋଚନା କରିଥିଲେ । ଉକ୍ତ ସଭା ରେ ଜଗନ୍ନାଥ ସିଂ, ଲକ୍ଷ୍ମୀଧର ସାହୁ, ପୁରୁଷୋତ୍ତମ ବାରିକ, ଜତିନ୍ଦ୍ର ନାୟକଙ୍କ ସମେତ ବହୁ ସାଥୀ ଉପସ୍ଥିତ ରହି ରାମଚନ୍ଦ୍ର ସ ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ । ଉକ୍ତ ସଭାରେ ଆସନ୍ତା ମେ ୨୦ ତାରିଖରେ ସାଧାରଣ ଧର୍ମଘଟ ଡାକରାକୁ ସଫଳ ପାଇଁ ପାର୍ଟି ତରଫରୁ ପ୍ରସ୍ତାବ ଦିଆଯାଇଛି ।

ପ୍ରତାପ ଚନ୍ଦ୍ର ସ୍ମାରକୀ ପାଠାଗାର ଉଦ୍‌ଘାଟିତ

ବାଲେଶ୍ୱର, ୧୧/୦୫ (ଆ.ପ୍ର) : ଗତକାଲି ସନ୍ଧ୍ୟାରେ ସଦର ବ୍ଲକ୍‌ର ବାହାବଳପୁର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡରେଇ ଗ୍ରାମରେ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ବାରିକଙ୍କ ସ୍ମୃତିରେ ତାଙ୍କର ପୁତ୍ର ତାପସ କୁମାର ବାରିକ ଓ କନ୍ୟା ସୁସ୍ମିତା ଭୂୟାଁଙ୍କ ଉଦ୍ୟମରେ 'ପ୍ରତାପ ଚନ୍ଦ୍ର ସ୍ମାରକୀ ପାଠାଗାର' ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ସଭାପତି ଇଂ. ବନମାଳୀ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସୁସ୍ମିତା ଭୂୟାଁ ସମସ୍ତ ଅତିଥି ଓ ଗ୍ରାମବାସୀମାନଙ୍କୁ ସ୍ୱାଗତ କରିବା ସହିତ ତାଙ୍କ ଦିବଂଗତ ପିତାଙ୍କର ଅନ୍ତିମ ଇଚ୍ଛା ସାକାର ହୋଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ । ଆମେରିକାରେ ଥିବା ତାଙ୍କ ପୁତ୍ର ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ପାରିନଥିବାରୁ ଦୁଃଖ ପ୍ରକାଶ କରିବା ସହିତ ଭିଡ଼ିଓକଲ୍ ମାଧ୍ୟମରେ ତାଙ୍କର ବକ୍ତବ୍ୟ ରଖିଥିଲେ । ଉଦ୍‌ଘାଟନୀ ବକ୍ତବ୍ୟରେ ଇଂ. ନାୟକ ସ୍ୱର୍ଗତ ବାରିକ ସଂଘର ଜଣେ ଉତ୍ସାହୀ ପୃଷ୍ଠପୋଷକ ସଦସ୍ୟ ଭାବରେ ସଂଘ ଅଭିବୃଦ୍ଧିରେ ନିଜର ଅବଦାନ ରଖିଥିବା ଉଲ୍ଲେଖ କରି ତାଙ୍କର ଜନ୍ମମାଟିର ଉନ୍ନତି ସକାଶେ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଦୃଢ଼ ସେବା ମନୋଭାବର ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି କହିଥିଲେ । ସଂଘର ଉପସଭାପତି ସୁଦର୍ଶନ ଦାସ ପୁତ୍ର କନ୍ୟାଙ୍କୁ ପ୍ରଶଂସା କରିବା ସହିତ ପାଠାଗାର ଉଦ୍‌ଘାଟନ ପରେ ଏହାର ପଞ୍ଜୀକରଣ ଓ ସୁପରିଚାଳନା ନିମନ୍ତେ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ସାଧାରଣ ସମ୍ପାଦକ ଦାମୋଦର ନାୟକ ନୈତିକ ମୂଲ୍ୟବୋଧ ଓ ପୂଜ୍ୟପୂଜାରେ ଆଜିର ଦିନରେ ଅବକ୍ଷୟ ଦେଖା ଦେଉଥିବାବେଳେ ସ୍ୱର୍ଗତ ବାରିକଙ୍କ ପୁତ୍ରକନ୍ୟା ତାଙ୍କ ପିତାଙ୍କ ଅନ୍ତିମ ଇଚ୍ଛା ପୂର୍ଣ୍ଣକରି ଆଜିର ଯୁବପିଢ଼ିଙ୍କ ପାଇଁ ଆଦର୍ଶ ସନ୍ତାନର କର୍ତ୍ତବ୍ୟବୋଧର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଉପଦେଷ୍ଟା ବସନ୍ତ କୁମାର ନାୟକ ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇବା ସହିତ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଏହାର ସୁଯୋଗ ନେବାକୁ ଅନୁରୋଧ କରିଥିଲେ । ଯୁଗ୍ମ ସମ୍ପାଦିକା ସାବିତ୍ରୀ ଦାସ ସ୍ୱର୍ଗତ ବାରିକଙ୍କ ପୁତ୍ରକନ୍ୟାଙ୍କ ପିତୃଭକ୍ତିର ଭୂୟସୀ ପ୍ରଶଂସା କରିବା ସହିତ ସମାଜର ଉନ୍ନତିକଳ୍ପେ ଅନ୍ୟମାନେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ସ୍ୱର୍ଗତ ବାରିକଙ୍କ ଦାଦା ଭଗବାନ ବାରିକ ତ୍ୟାଗ, ଭକ୍ତି, ସମର୍ପଣ ଭାବର ଆଜିର ସମାଜରେ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ବିଭିନ୍ନ ପୌରାଣିକ ଓ ପାରମାର୍ଥିକ କଥାବସ୍ତୁର ଅବତାରଣା କରିଥିଲେ । ସ୍ୱର୍ଗତ ବାରିକଙ୍କ ପୁତୁରା ସୁଜୟ କୁମାର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

୪୦ ଲିଟର ମଦ ଜବତ, ୨ ଗିରଫ



ଭୋଗରାଇ, ୧୧/୦୫ (ଆ.ପ୍ର) : ଭୋଗରାଇ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୪୦ ଲିଟର ଚୋରା ଦେଶୀ ମଦ ସହିତ ୨ ଜଣଙ୍କୁ କରାଯାଇଛି । ଭୋଗରାଇ ଥାନା ଅନ୍ତର୍ଗତ ଭୋଗରାଇ ହାଟରେ ଚଢ଼ାଉ କରାଯାଇ ସେହି ଗ୍ରାମର ପଦ୍ମଲୋଚନ ବେହେରା ପାଖରୁ ୧୭ ଲିଟର ଓ ଚନ୍ଦନ ବେହେରା ପାଖରୁ ୨୩ ଲିଟର ଜବତ କରାଯିବା ସହିତ ୨ ଜଣଙ୍କୁ ଗିରଫ କରାଯାଇଥିଲା । ଏନେଇ ଭୋଗରାଇ ଅବକାରୀ ଥାନାରେ ୨୪/୨୫, ୨୫/୨୫ ରେ ଦୁଇଟି ମାମଲା ରୁଜୁ ହୋଇଛି । ଏହି ଚଢ଼ାଉରେ ଓଆଇସି ଚନ୍ଦନ ନାୟକ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସ ସହିତ ଅନ୍ୟମାନେ ସାମିଲ ଥିଲେ ।

ବାଲିଆପାଳ ବ୍ଲକ କଳାକାର ସଂଘ ପକ୍ଷରୁ ସ୍ୱର୍ଗତ ଜଗନ୍ନାଥ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ବାଲିଆପାଳ, ୧୧/୦୫ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ସିମୁଳିଆ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉ ମଠ ପରିସରରେ ବାଲିଆପାଳ ବ୍ଲକ କଳାକାର ସଂଘ ପକ୍ଷରୁ ବାଲିଆପାଳର ଗୌରବ, ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ବାଲିଆପାଳ ଜଗନ୍ନାଥ ମନ୍ଦିରର ପ୍ରଧାନ ସେବକ ତଥା ବିଶିଷ୍ଟ ଶିକ୍ଷକ ନେତା ସ୍ୱର୍ଗତ ଜଗନ୍ନାଥ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । କଳାକାର ସଂଘର ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଓଡିଶା ସାହିତ୍ୟ ଏକାଡେମୀ ଉପ୍ରାକ୍ତନ ସଦସ୍ୟ କବି ଡ଼ଃ କାଳିପଦ ପଣ୍ଡା ଯୋଗଦେଇ ସ୍ୱର୍ଗତ ଜଗନ୍ନାଥ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ବିରମାଧବ ଦାସ, ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ବାଗ, ଗିରିଧାରୀ ଭୂୟାଁ, ରାଧାରମଣ ରାଉତ, ରାଜକିଶୋର ଚକ୍ରବର୍ତ୍ତୀ, ନିତ୍ୟାନନ୍ଦ ବାରିକ, ପୂର୍ଣ୍ଣଚନ୍ଦ୍ର ଦାସ, ଦୈତାରି ଜେଙ୍କା, ବେଣୁଧର ବିଶ୍ୱାଳ, ସୁଦର୍ଶନ ମଙ୍ଗରାଜ, ଶିବ ପ୍ରସାଦ ସାହୁ, ବେଣୁଧର ଜେନା, ସୁବଳ ମୁଖୀ, ଶୁଭ୍ରା ପ୍ରମାଣିକ, ସ୍ୱାଗତିକା ପଁଜା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତି ଥିଲେ ବାଲିଆପାଳର ସୁଯୋଗ୍ୟ ସନ୍ତାନ ତାଙ୍କ ସ୍ଥାନ କେହି ନେଇ ପାରିବେ ନାହିଁ ବୋଲି କହିବା ସହିତ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଅମରାତ୍ମାର ସଦଗତି କାମନା କରିଥିଲେ । ଶେଷରେ ସଙ୍ଗୀତଜ୍ଞ ପ୍ରକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ସୋମବାର, ୧୨ ମେ,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସଂଘର୍ଷହୀନ ସ୍ୱାଦର ସଫଳତା

ଜୀବଜଗତଠାରୁ ପରିବେଶ ପର୍ଯ୍ୟନ୍ତ ସମସ୍ତେ ଭିନ୍ନ ଭିନ୍ନ ସଂଘର୍ଷରେ ପେଷି ହେଉଛନ୍ତି । ଯାହା ଜଣାଯାଏ ମନୁଷ୍ୟ ବିନା ପୃଥିବୀରେ ଜୀବଜଗତକୁ ସଂଘର୍ଷ କରିବାକୁ ବୋଧହୁଏ ପଡିବ ନାହିଁ କିନ୍ତୁ ଜୀବଜଗତ ବିନା ମନୁଷ୍ୟ ତିଳେ ମାତ୍ର ତିଷ୍ଠି ରହି ନ ପାରେ । ମନୁଷ୍ୟ ଆଜି ନିଜେ ନିଜ ସହିତ ସଂଘର୍ଷ କରୁଛି । ଏଥିରେ କିଏ ଜିତୁଛି କିଏ ହାରୁଛି ଜାଣିବା କଷ୍ଟକର। ସଂଘର୍ଷର ଅର୍ଥ କଣ କେବଳ କଠୋର ପରିଶ୍ରମ ? ବିପରୀତ ପରିସ୍ଥିତିରେ ଆଗକୁ ବଢିବାର ପ୍ରୟାସ କରିବା ହେଉଛି ସଂଘର୍ଷ । ଅର୍ଥାତ ଆପଣଙ୍କ ପାଖରେ ଆବଶ୍ୟକ ସାଧନ ନଥାଇ ସାଧନା ବଳରେ ସଫଳତାର ନଭଶ୍ଚୁମ୍ବୀକୁ ସ୍ପର୍ଶ କରିବା ସଂଘର୍ଷ । ତେଣୁ ସଂଘର୍ଷ ଥାଏ ମାନସିକତାରେ । ଜୟଗାନ କେବଳ ସେହିମାନଙ୍କର ହୁଏ ଯିଏ ଅଭାବ ଓ ଅସୁବିଧାରେ ବି ଲକ୍ଷ୍ୟପଥରୁ ବିଚ୍ୟୁତ ନ ହୋଇଛନ୍ତି । ଲୁହ ଆଖିରୁ ଝରିଲେ ଦୁଃଖ ପ୍ରକଟ ହୋଇଥାଏ । ସମୟ ସମୟେ ଖୁସିରେ ବି ଝରେ ଲୁହ । କିନ୍ତୁ ଲୁହକୁ ଚାପି ରଖି ଦୁଃଖକୁ ସାମ୍ନା କରିବା ହେଉଛି ସଂଘର୍ଷ । ସଂଘର୍ଷ କାହାକୁ ପରାଜିତ କରି ଆଗକୁ ବଢିଯିବା ନୁହେଁ । ନିଜକୁ ଚିହ୍ନିବା ଓ ଦକ୍ଷତାର ସଠିକ ଉପଯୋଗ କରିବାରେ ମନୋନିବେଶ କରିବା ନା ଆଉ କାହାକୁ ଅନୁଧାବନ କରି ତୁଳନା କରିବା । ନିଜେ ନିଜର ପ୍ରତିଯୋଗୀ ବିଚାରି ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବା ଆଜିର ମୁଖ୍ୟ ସଂଘର୍ଷ । ସଂଘର୍ଷକୁ ଉପଭୋଗ କଲେ ଲକ୍ଷ୍ୟସ୍ଥଳର ଦୂରତା କମି କମି ଆସେ । ତେଣୁ ସଂଘର୍ଷ ଏକ ଆହ୍ୱାନ, ତାକୁ ସ୍ୱୀକାର କରିବା ସାମ୍ନା କରି । ନା କି ପଛଘୁଞ୍ଚା ଦେଇ ଭାଗ୍ୟକୁ ଦୋଷ ଦେବା । ପିଲାଦିନେ ପ୍ରଥମେ ପାଦରେ ଚାଲିବାକୁ ସଂଘର୍ଷ କହିଲେ ଜୀବନର ଚଲାପଥରେ ଚାଲିବାକୁ ସରଳ କୁହାଯିବ କି ? ବଡମଣିଷଟିଏ ହେବା ଯଦିଓ ଏତେ କଷ୍ଟ ନୁହେଁ କିନ୍ତୁ ମଣିଷପଣିଆକୁ ବଜାୟ ରଖିବାରେ ହୁଏ ଅସଲ ସଂଘର୍ଷ ।

ଜୀବନ ଦର୍ଶନରେ ବୁଦ୍ଧଙ୍କ ଅନୁଚିନ୍ତା

।। ପୁଷ୍ପମିତ୍ର ମହାପାତ୍ର ।।

'ଜୀବନ ହେଉଛି ଦୁଃଖପୂର୍ଣ୍ଣ । କାମନା ହିଁ ସମସ୍ତ ଦୁଃଖର କାରଣ । କାମନାର ବିନାଶରେ ଦୁଃଖର ବିନାଶ ହୋଇଥାଏ । ନିତିମୟ ଜୀବନ ପାଳନ ଓ ଯାପନ ଦ୍ୱାରା ହିଁ କାମନାର ବିନାଶ ଘଟିବା ସହିତ ନିର୍ବାଣ ପ୍ରାପ୍ତି ହୋଇଥାଏ ।' ଏହି ବୌଦ୍ଧ ସିଦ୍ଧାନ୍ତର ଦିବ୍ୟମୟ ଅନୁଚିନ୍ତନ ସମଗ୍ର ମାନବ ସମାଜ ପ୍ରତି ଏକ ଦିବ୍ୟବାଣୀ ନିଶ୍ଚୟ । ବୌଦ୍ଧ ଧର୍ମ ସାର୍ବଜନୀନ ତଥା ବ୍ୟାପକ ହୋଇଥିବାରୁ କେବଳ ଓଡ଼ିଶା, ଭାରତ ନୁହେଁ ବରଂ ସମଗ୍ର ପୃଥିବୀରେ ଏହା ଏକ ବିଶିଷ୍ଟ ଧର୍ମରୂପେ ଲୋକାଦୃତ ଓ ପରିଚିତ । ଓଡ଼ିଶାର ଇତିହାସରୁ ଯାହା ଜଣାଯାଏ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ପୂର୍ବରୁ ବୌଦ୍ଧ ସନ୍ନ୍ୟାସୀମାନେ ବିଭିନ୍ନ ବସତି ସ୍ଥାପନ କରି ଏହି ଧର୍ମର ପ୍ରଚାର କରିଥିଲେ । ସେ ସମୟର ଉଦ୍‌ଭାସିତ ବୌଦ୍ଧ ଆଲୋକ ଏବେବି ନିର୍ବାପିତ ହୋଇନାହିଁ । ବୁଦ୍ଧ ଜୟନ୍ତୀର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉଛି ଯେ ଏହି ଦିନ ଗୌତମ ବୁଦ୍ଧ ଯେ କେବଳ ଜନ୍ମଗ୍ରହଣ କରିଥିଲେ ତାହାନୁହେଁ ସେହି ଦିନ ସେ ବୁଦ୍ଧତ୍ୱ ପ୍ରାପ୍ତ ହେବା ସହ ନିର୍ବାଣ ବା ମୋକ୍ଷ ମଧ ପ୍ରାପ୍ତ ହୋଇଥିଲେ । ବୁଦ୍ଧଦେବଙ୍କ ସାଧନାର ସିଦ୍ଧିପ୍ରାପ୍ତି ଆଜି ଠାରୁ ଅଢ଼େଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ହେବ । ଅଦ୍ୟାବଧି ଓଡ଼ିଆମାନେ ନାନା ଭାବରେ ବୌଦ୍ଧଧର୍ମର ସିଦ୍ଧାନ୍ତକୁ ଓଡ଼ିଶାର ଧର୍ମ, ସଂସ୍କୃତି, ସାହିତ୍ୟ ଓ ଆଚାର ବ୍ୟବହାର କ୍ଷେତ୍ରରେ ପ୍ରୟୋଗ କରି ଆସିଛନ୍ତି । ଏହା ଅନ୍ୟାନ୍ୟ ବହୁ ଧର୍ମକୁ ଶୀଳ, ସମାଧି, ପ୍ରଜ୍ଞା ସୂତ୍ରରେ ତଥା ସତ୍ୟ, ଅହିଂସା ଓ କରୁଣାର ବାଣୀ ପ୍ରଚାର କରି ଯେପରି ପ୍ରଭାବିତ କରିପାରିଛି, ସେହିପରି ଅନ୍ୟାନ୍ୟ ବହୁ ଧର୍ମ ଦର୍ଶନ ଆଦର୍ଶ ଦ୍ୱାରା ମଧ ପ୍ରଗତିଶୀଳ ସାମାଜିକ ମୂଲ୍ୟବୋଧ କ୍ଷେତ୍ରରେ ପରିମାର୍ଜିତ ହୋଇଛି । ମାତ୍ର ବୌଦ୍ଧ ସିଦ୍ଧାନ୍ତର ଉପରୋକ୍ତ ମୌଳିକତା ଯେପରି ଚିରନ୍ତନ ଏବଂ ଅପରିବର୍ତ୍ତନୀୟ ସେହିପରି ଦୃଢ଼ ଓ ଭାସ୍କର । ବୌଦ୍ଧ ଧର୍ମରେ ନୈତିକ ଜୀବନଯାପନ, ସମାଧି ଓ ପ୍ରଜ୍ଞା ଉପରେ ଗୁରୁତ୍ୱ ଦିଆଯାଇ ମାନବିକତାର ଅଭିବୃଦ୍ଧି ପାଇଁ ସାଧନର ଧାରା ଉଲ୍ଲେଖ ରହିଛି । ବୌଦ୍ଧ ପରମ୍ପରାରେ ପର୍ବପର୍ବାଣୀ ଓ ଆଡ଼ମ୍ବର ମହୋତ୍ସବ ଖୁବ୍ କମ୍ । ତେବେ ଆରାଧନା, ଧ୍ୟାନ, ଉପାସନା ଓ ଅଧ୍ୟବସାୟ ପାଇଁ ସାଧନା ପଥରେ ଯେଉଁ ପବିତ୍ରତା ଆବଶ୍ୟକ ତାହାର ଆଚରଣ ବିଧିପାଇଁ ସାରା ବର୍ଷର ପ୍ରତ୍ୟେକ ମାସର ପୂର୍ଣ୍ଣିମା ତିଥିରେ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଅତ୍ୟନ୍ତ ପୁଣ୍ୟ ଦିବସ ଭାବେ ପରିଚିତ ହୋଇଥାଏ । ଏହିସବୁ ପୂର୍ଣ୍ଣିମା ଭିତରେ ବୈଶାଖ ମାସରେ ପଡୁଥିବା ବୈଶାଖ ପୂର୍ଣ୍ଣିମା ବା ବୁଦ୍ଧ ପୂର୍ଣ୍ଣିମା ସବୁଠାରୁ ଶ୍ରେଷ୍ଠ । ବୁଦ୍ଧଦେବ କୌଣସି ଏକ ଧର୍ମ-ପ୍ରତିଷ୍ଠା କରିବା ପରିକଳ୍ପନା କରି ନଥିଲେ । ସେ 'ବୋଧି' ବା 'ଜୀବନର ସତ୍ୟ' ଆବିଷ୍କାର କରିବା ପରେ ପରେ ତାଙ୍କ ପଛେ ପଛେ ଏତେ ଲୋକ ଏବଂ ଏତେ ପ୍ରକାର ଲୋକ ଅନୁଗାମୀ ହେଲେ ଯେ ସେ ବାଧ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସେମାନଙ୍କୁ 'ସଂଘବଦ୍ଧ' ହେବାକୁ ଉପଦେଶ ଦେଲେ ଏବଂ ସେମାନଙ୍କ ସନ୍ନ୍ୟାସ ଏବଂ ଗାର୍ହସ୍ଥ୍ୟ ଜୀବନ ପାଇଁ ଚିକିନିଖି ନୀତିନିୟମ ପ୍ରଣୟନ କରି ଚାଲିଲେ । ତାହା ହିଁ 'ତ୍ରିପିଟକ'ର ବିନୟ ପିଟକ ।

ଭଗବାନ ବୁଦ୍ଧଙ୍କ ପାଇଁ କୋଟି କୋଟି କଣ୍ଠରେ ନିନାଦିତ ହେଉଛି - 'ବୁଦ୍ଧଂ ଶରଣଂ ଗଚ୍ଛାମି । ସଂଘଂ ଶରଣଂ ଗଚ୍ଛାମି । ଧର୍ମଂ ଶରଣଂ ଗଚ୍ଛାମି ।' ଗୌତମ ବୁଦ୍ଧ ବିଶ୍ୱରେ ଏବେ ମଧ ସର୍ବଶ୍ରେଷ୍ଠ ମନୀଷୀଭାବରେ ସଂପୂଜିତ । ମାନବ ଜୀବନ ଦିଗନ୍ତ ତାଙ୍କର ଚିନ୍ତାଚେତନାର ଅବଦାନରେ ସମୁଦ୍ଭାସିତ । ସର୍ବପ୍ରଥମ ଐତିହାସିକ ପୁରୁଷଭାବରେ ତାଙ୍କର ଶାଣିତ ବୌଦ୍ଧିକ ପ୍ରତିଭା ମାଧ୍ୟମରେ ଜୀବନକୁ ବିଶ୍ଳେଷଣ କରି ମୈତ୍ରୀ, ପ୍ରେମ ଓ କରୁଣାର ଅନୁଶୀଳନନିମିତ୍ତ ସେ ମାନବଜାତିକୁ ଆହ୍ୱାନ କରିଅଛନ୍ତି । ତାଙ୍କ ମତରେ ନିର୍ବାଣ ହେଉଛି କାମ, ସ୍ୱାର୍ଥ, ନିର୍ବୋଧତା ଓ ଅଜ୍ଞତାର ଧ୍ୱଂସ ସାଧନ । ତାହାହେଲେ ମନୁଷ୍ୟର ପ୍ରାଣରେ ଦିବ୍ୟଚେତନାର ଉଦ୍ରେକ ହେବ । ତାଙ୍କ ମତରେ ଉପଲବ୍ଧ ତତ୍ତ୍ୱକୁ ଆଚରଣରେ ପ୍ରଦର୍ଶନ କରିବା ହିଁ ଧର୍ମ । ବୌଦ୍ଧଧର୍ମ ମାନବିକ ପ୍ରୀତି, ପ୍ରତ୍ୟୟ ଓ ଭ୍ରାତୃତ୍ୱ ଉପରେ ଜୀବନକୁ ଆଧାରିତ କରାଇ ମଣିଷକୁ ଭୂମାପ୍ରତି ସମାକୃଷ୍ଟ କରିଛି । କାଳକ୍ରମେ ବୌଦ୍ଧଧର୍ମ ହୀନଯାନ ଓ ମହାଯାନରେ ବିଭକ୍ତ ହୋଇଥିଲା । ହୀନଯାନୀମାନଙ୍କ ମତରେ ତଥାଗତଙ୍କ ଦ୍ୱାରା ଓ ମହାଯାନରେ ଅଷ୍ଟାଙ୍ଗିକ ମାର୍ଗର ଯଥାର୍ଥ ଅନୁଶୀଳନଦ୍ୱାରା ମାନବ ଜ୍ଞାନପ୍ରାପ୍ତ ହୋଇ ନିର୍ବାଣ ଲାଭକରେ । ମାତ୍ର ମହାଯାନୀମାନେ କହନ୍ତି ଅଷ୍ଟାଙ୍ଗିକ ମାର୍ଗର ସାଧନା ଜୀବନ ପଥଚାରୀ ସାଧାରଣ ସଂସାରୀ ପକ୍ଷରେ ସୁକଠିନ । ମାତ୍ର ଅସଂଖ୍ୟ ମାନବଜନ୍ମରେ ଦାନ-ଧ୍ୟାନ, ଦୟା-କ୍ଷମା, ତେଜଃ-ବୀର୍ଯ୍ୟର ଅନୁଗାମୀ ହେବାଦ୍ୱାରା ସେ ମହାପ୍ରଜ୍ଞା ଓ ମହାକରୁଣାର ଅଧିକାରୀ ହୁଏ । ବୁଦ୍ଧଙ୍କ ମତରେ ଜୀବନ ଏକ ସନ୍ଧାନ-ଏକ ଅନ୍ୱେଷଣ । ବ୍ୟକ୍ତି ନିଜର କ୍ଷୁଧା ଓ ଉଦ୍ଦୀପନା ସକଳ ଉପରେ କର୍ତ୍ତୃତ୍ୱ ଲାଭ କଲେ ତାର ଅନ୍ୱେଷଣ ସାଫଲ୍ୟ ଲାଭ କରେ । ତାଙ୍କ ମତରେ, କ୍ଷତାକ୍ତ ପାଇଁ ପ୍ରଲେପ ଅଛି । କ୍ଷୁଧିତନିମିତ୍ତ ଆହାର ଅଛି । ତୃଷାର୍ତ୍ତନିମିତ୍ତ ଜଳ ଅଛି । ନୈରାଶ୍ୟଗ୍ରସ୍ତ ନିମିତ୍ତ ଆଶାର ସ୍ୱର୍ଣ୍ଣ ଅଛି । ଅନ୍ଧକାରରେ ଥିବା ବ୍ୟକ୍ତିମାନଙ୍କ ନିମିତ୍ତ ଆଲୋକ ଅଛି । ଯେଉଁମାନେ ସାଧୁ ଓ ନ୍ୟାୟପରାୟଣ ସେମାନଙ୍କ ନିମିତ୍ତ ଆଶୀର୍ବାଦର ଅସମାପ୍ତ ନିର୍ଝର ରହିଛି । ସେହି ଯୁଗପୁରୁଷଙ୍କର ବନ୍ଦନା ଗାନ କରିବାକୁ ଏବେ ବି ଅଗଣିତ କଣ୍ଠ ଅନୁରଣିତ ହୋଇଉଠୁଛି - 'ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତମ୍ । ସଦୟହୃଦୟ ଦର୍ଶିତ ପଶୁଘାତମ୍ । କେଶବ ! ଧୃତ ବୁଦ୍ଧଶରୀର, ଜୟ ଜଗଦୀଶ ହରେ ।'

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ;୯୪୩୭୨୨୫୬୮୯,

ବୁଦ୍ଧାନୁକୂଳଂ ଶରଣଂ ଗଚ୍ଛାମି

।। ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।

ପରମ ପୁରୁଷ ଯୁଗାବତାର କଳ୍କୀ ବିଗ୍ରହ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ - ଭଗବାନ ବୁଦ୍ଧ ଓ ଭଗବାନ ହଜରତ୍ ମହମ୍ମଦ ଇତ୍ୟାଦିଙ୍କ ବିରୁଦ୍ଧରେ ଯେଉଁ ଅପବାଦ ଚାଲୁଛି ତାହାର ନିରାକରଣ କରିବାକୁ ହେବ । ଭଗବାନ ବୁଦ୍ଧ ବର୍ଣ୍ଣଧର୍ମ ସ୍ୱୀକାର କରୁଥିଲେ, ଆର୍ଯ୍ୟସତ୍ୟ - ଆର୍ଯ୍ୟସତ୍ୟ ବୋଲି ବାରମ୍ବାର କହୁଥିଲେ, ଆର୍ଯ୍ୟକୃଷ୍ଟି ଉପରେ ଭଗବାନ ବୁଦ୍ଧଙ୍କର ସବୁକିଛି ଥିଲି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆନନ୍ଦ ସହକାରେ ପ୍ରକାଶ କଲେ - ଧର୍ମଯାଜକ (ଋତ୍ୱିକ୍) ଉପଗୁପ୍ତଙ୍କର ଏକ ଭଜନର ତାନରେ ସମ୍ରାଟ ଅଶୋକଙ୍କର ଅନ୍ତରସ୍ଥଳ ଜାଗି ଉଠିଥିଲା । ଉପଗୁପ୍ତଙ୍କ ମାଧ୍ୟମରେ ସମ୍ରାଟ ଅଶୋକ ଭଗବାନ ବୁଦ୍ଧଙ୍କୁ ଉପଲବ୍ଧି କରିଥିଲେ । ବୈଶିଷ୍ଟ୍ୟ ପାଳୀ ଆପୂରୟମାଣ ଧର୍ମପ୍ରବର୍ତ୍ତକଗଣ ସମସ୍ତେ ଏକବାର୍ତ୍ତାବାହୀ ଓ ଏକସତ୍ତାବାହୀ । ବୌଦ୍ଧମତ ଓ ହିନ୍ଦୁମତରେ ପାର୍ଥକ୍ୟ ବହୁତ କମ୍ । କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ମୁଁ ଶୁଣିଛି ଭଗବାନ ବୁଦ୍ଧ ପ୍ରକାରାନ୍ତରେ ବର୍ଣ୍ଣାଶ୍ରମ ସମର୍ଥନ କରୁଥିଲେ । ଭଗବାନ ବୁଦ୍ଧ ଗୃହୀମାନଙ୍କ ପାଇଁ ଗୃହୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ଭିକ୍ଷୁକ ବା ସନ୍ନ୍ୟାସୀ ମାନଙ୍କ ନିମିତ୍ତ ସନ୍ନ୍ୟାସୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି । ଗୃହୀମାନଙ୍କର ବିବାହ, ଚାଲିଚଳନ ସମ୍ବନ୍ଧରେ ଯେଉଁସବୁ ନିର୍ଦ୍ଦେଶ ଦେଇଛନ୍ତି ତାହା ସଙ୍ଗେ ବର୍ଣ୍ଣାଶ୍ରମର କୌଣସି ବିରୋଧ ନାହିଁ । ବର୍ଣ୍ଣାଶ୍ରମ ହେଉଛି ଏକ ବିଜ୍ଞାନ-ଭିତ୍ତିକ ସମାଜ ବିଧାନ । ଏହି ଭିତ୍ତିଭୂମି ଭାଙ୍ଗିଦେଲେ ମନୁଷ୍ୟର ଅନ୍ତରରେ ଓ ବାହାରେ ଏକ ବିଶୃଙ୍ଖଳ ଅବସ୍ଥା ସୃଷ୍ଟି ହୁଏ । ଭଗବାନ ବୁଦ୍ଧଙ୍କର ଅଷ୍ଟଶୀଳ ନୀତି ସମ୍ବନ୍ଧରେ ବୁଝାଇବାକୁ ଯାଇ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସତ୍‌ଦୃଷ୍ଟି, ସତ୍‌ସଂକଳ୍ପ, ସତ୍‌ବାକ୍ୟ, ସତ୍‌ବ୍ୟବହାର, ସଦୁପାୟେ ଜୀବିକାର୍ଜନ, ସତ୍‌ଚେଷ୍ଟା, ସତ୍‌ସ୍ମୃତି ଓ ସମ୍ୟକ୍ ସମାଧି ଇତ୍ୟାଦି ଅଲଗା ଅଲଗା ବ୍ୟାପାର ନୁହେଁ । ସବୁଗୁଡିକ ମଧ୍ୟରେ ଏକ ସଙ୍ଗତି ରହିଛି । ପାଞ୍ଚକଥା - ଆଠଟି ନୀତି ମିଶି ଯେଭଳି ଗୋଟିଏ । ପ୍ରଧାନ କଥା ହେଲା - ଯାହାକିଛି କରିବୁ ତାହା ଯେପରି ଅସ୍ତିତ୍ୱପୋଷଣୀ ଓ ବୃଦ୍ଧିବାହୀ ହୁଏ । ଆଉ ଏହାର ମୂଳରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି, ଅର୍ଥାତ୍ ବୁଦ୍ଧଙ୍କ ପ୍ରତି ଆନତି ସମ୍ପନ୍ନ ହୋଇ ତାଙ୍କର ନୀତିବିଧିକୁ ଆଶ୍ରୟ କରି ଜୀବନରେ ଚାଲିଲେ ମନୁଷ୍ୟ ବୁଦ୍ଧତ୍ୱ ଲାଭ କରେ । ମହାପ୍ରଭୁ ବୁଦ୍ଧଦେବଙ୍କର ପଂଚଜଣ ପ୍ରମୁଖ ଶିଷ୍ୟ ଥିଲେ । ମହାପ୍ରଭୁ ଅତି କୃଚ୍ଛତା ତ୍ୟାଗକରି ମଧ୍ୟମପନ୍ଥା ଅବଲମ୍ବନ କରିବାରୁ ଏହି ଶିଷ୍ୟ ମାନଙ୍କ ମନରେ ପ୍ରଶ୍ନ ଓ ସନ୍ଦେହ ଜାଗ୍ରତ ହୋଇଥିଲା । ଭଗବାନ ବୁଦ୍ଧ ସେମାନଙ୍କୁ ପୁଣି ସାରନାଥରେ ଦେଖାକରି ସେମାନଙ୍କର ସନ୍ଦେହମୋଚନ କରି ସେମାନଙ୍କ ମାଧ୍ୟମରେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ । ଏହି ପାଞ୍ଚଶିଷ୍ୟ ଥରେ ପ୍ରତ୍ୟୟଦୀପ୍ତ ହେବାପରେ ନିଃସଂଶୟ ଚିତ୍ତରେ ଆଦର୍ଶ ସଞ୍ଚାର କର୍ମରେ ଆତ୍ମନିୟୋଗ କରିଥିଲେ । ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଖୋଲା ଚିତ୍ତରେ ପ୍ରକାଶ କଲେ - ପ୍ରାୟ ସମସ୍ତ ମହାପୁରୁଷଙ୍କ କ୍ଷେତ୍ରରେ ଦେଖାଯାଏ ସେମାନଙ୍କର ଜୀବନ ବିଷାଦ ଓ ଭାରାକ୍ରାନ୍ତ ଏହି ପ୍ରସଙ୍ଗରେ ପୁନର୍ବାର ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତକଲେ - ଏହା ହେଉଛି ଶିଷ୍ୟମାନଙ୍କର ସାମର୍ଥହୀନତାର ଲକ୍ଷଣ । ଅବତାର ପୁରୁଷମାନେ ସର୍ବଦା ନିଜ ପ୍ରତି ନିଷ୍ଠୁର କାରଣ ସେମାନେ ସର୍ବଦା ପରିବେଶର ପ୍ରତିପ୍ରତ୍ୟେକଙ୍କର ମଙ୍ଗଳ ସାଧନରେ ବ୍ୟସ୍ତ, ଅବଶ୍ୟ ମଙ୍ଗଳ ନିମିତ୍ତ ନିଜକୁ ସର୍ବସ୍ୱ ଦେବାପାଇଁ ସେମାନେ ଜଗତକୁ ଆସନ୍ତି, ନିଜ ପ୍ରତି ଚାହିଁବାର ଅବକାଶ ସେମାନଙ୍କ ପାଖରେ ନଥାଏ । ଏହିପରି ଅବସ୍ଥାରେ ପରିବେଶ ସେମାନଙ୍କ ପ୍ରତି ପ୍ରୀତିପରାୟଣ ହେଲେ ସେମାନେ ସ୍ୱସ୍ତି ଓ ଶାନ୍ତିରେ ରହିପାରନ୍ତି । ମହାପ୍ରଭୁ ବୁଦ୍ଧଦେବ କହିଥିଲେ - ଅହିଂସା ପରମ ଧର୍ମ । ଏ କଥାର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଅହିଂସା ଯେଉଁଠାରେ ସପରିବେଶ ସତ୍ତାସମ୍ବର୍ଦ୍ଧନାକୁ ସର୍ବତୋ ଭାବରେ ପୁଷ୍ଟକରି ସାର୍ଥକ ହୋଇଉଠେ, ତାହା ଯେ ପରମ ଧର୍ମ ଏ ବିଷୟରେ କୌଣସି ସନ୍ଦେହ ନାହିଁ । ସତ୍ତାକୁ ହତ୍ୟା ବା କ୍ଷୁର୍ଣ୍ଣ ନକରିବା ଯଦି ପରମ ଧର୍ମ ହୁଏ ତେବେ ସତ୍ତା ହତ୍ୟାକାରୀ ଯାହା ତାହାକୁ ବିହିତ ଭାବରେ ନିରୋଧ କରିବା ମଧ ପରମ ଧର୍ମର ଅଙ୍ଗୀଭୂତ । ଆମେମାନେ ଜୀବନପ୍ରେମୀ ହେଲେ ମୃତ୍ୟୁ ବିରୁଦ୍ଧରେ ଚିରକାଳ ସଂଗ୍ରାମ କରିବାକୁ ହେବ । ମହାପ୍ରଭୁ ଯେତେବେଳେ ସଶରୀରରେ ରହି ଏହି ମର୍ତ୍ତ୍ୟଧାମରେ ଲୀଳାଖେଳ କରନ୍ତି ତାଙ୍କର କଥାବାର୍ତ୍ତା ଚଳନ ଓ ଭଙ୍ଗୀରେ ସମସ୍ତଙ୍କୁ ସତ୍ତାପ୍ରେମୀ ଓ ଆତ୍ମନିୟନ୍ତ୍ରୀ କରିଦେଉଛନ୍ତି । ପ୍ରଭୁ କରୁଣା ପରବଶ ହୋଇ ମାନବ ଜନ୍ମ ଗ୍ରହଣ କରନ୍ତି ଓ ଆମମାନଙ୍କର ମଙ୍ଗଳ ନିମିତ୍ତ ବହୁତ କଷ୍ଟ ସହ୍ୟ କରନ୍ତି । ସମସ୍ତଙ୍କୁ କାଳର ହାତରୁ ଉଦ୍ଧାର କରିବା ପାଇଁ ସେ କାଳାଧୀଶ ହୁଅନ୍ତି । ଦଶାବତାର ମଧ୍ୟରେ ମହାପ୍ରଭୁ ବୁଦ୍ଧ ଜଣେ । ମନୁଷ୍ୟର ଅନ୍ତରରେ ସବୁ ସମୟ ଏକ ଫାଙ୍କା ଫାଙ୍କା ଭାବ ଲାଗି ରହେ ଓ ତାହା ପୂର୍ଣ୍ଣ ହୁଏ ଯେତେବେଳେ ମନୁଷ୍ୟର ଅନୁରାଗ ଶ୍ରେୟ ନିବଦ୍ଧ ହୁଏ । ସେ ଅନୁରାଗ ହେବା ଉଚିତ ଅଚ୍ୟୁତ, ଦୁଃଖ-କଷ୍ଟ, ଦୈନ୍ୟ-ରୋଗ, ଶୋକ-ଆନନ୍ଦ ଇତ୍ୟାଦି ଦ୍ୱାରା ଅନୁରାଗ ଛିନ୍ନ ହୁଏନାହିଁ । ମନୁଷ୍ୟ ଜୀବନର ଯେତେକିଛି ପ୍ରଚେଷ୍ଟା ଏହି ଶୂନ୍ୟାକୁ ପୂର୍ଣ୍ଣ କରିବା ପାଇଁ ଓ ପ୍ରେଷ୍ଠାନୁରାଗ ବ୍ୟତୀତ ଏହି ଶୂନ୍ୟ କେବେ ପୂର୍ଣ୍ଣ ହୁଏନାହିଁ । ମହାପ୍ରଭୁ ବୁଦ୍ଧଦେବ ସେଥିପାଇଁ ସବୁବେଳେ ନିର୍ବାଣ କଥା କହୁଥିଲେ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତକଲେ, ଶୁଣିଛି - ଭକ୍ତ ଆନନ୍ଦ ମହାପ୍ରଭୁ ବୁଦ୍ଧଦେବଙ୍କ ସହିତ କେତେଗୁଡ଼ିକ ସର୍ତ୍ତ କରିଥିଲେ ସେଥିପାଇଁ ସେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇପାରିନଥିଲେ । ଭଗବାନ ବା ଇଷ୍ଟଙ୍କ ପାଖରେ ଆମେ ଯେତେବେଳେ ଆତ୍ମୋତ୍ସର୍ଗ କରୁ ସେତେବେଳେ ଯଦି ନିଜସ୍ୱ ସର୍ତ୍ତ ରଖାଯାଏ ତାହା ଆତ୍ମବିକାଶର ପଥରେ ବାଧା ଦିଏ । ଇଷ୍ଟ ବା ଗୁରୁଙ୍କର ଇଚ୍ଛା ପୂରଣ ବ୍ୟତୀତ କୌଣସି ବ୍ୟକ୍ତିଗତ ପ୍ରତ୍ୟାଶା ଥିଲେ ଆତ୍ମୋନ୍ନତି ପଥରେ ଅନ୍ତରାୟ ହୁଏ । ଭକ୍ତ କଶ୍ୟପ, ସାରୀପୁତ୍ର ଓ ମୌଦଗଲ୍ୟାୟନ ଇତ୍ୟାଦି ଭକ୍ତମାନେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇଥିଲେ । ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତକଲେ, ମୋର ମନେହୁଏ ଶ୍ରମଣ, ଜ୍ୟୋତି, ସନ୍ନ୍ୟାସୀ ଇତ୍ୟାଦି ଭକ୍ତମାନଙ୍କର ସଂବାଦ ହିଁ ତାଙ୍କର ଚରିତ୍ର, ତାଙ୍କର ଜୀବନ ଓ ତାଙ୍କ ତପସ୍ୟା । ଏହି ଚରିତ୍ର ଭିତରେ ହିଁ ଜାତିର ପ୍ରକୃତ ଉନ୍ନତି ଘଟେ । ବୌଦ୍ଧ ମତବାଦ ମଧ୍ୟରେ ଉପନିଷଦର କଥା ଅନେକ ଅଛି ।

ସହପ୍ରତିରବ୍ଧି ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ଗୌତମ ବୁଦ୍ଧଙ୍କ ଦଶଟି ବିଚାର

।। ସୁରେଶ କୁମାର ନାୟକ ।।

ବୈଶାଖ ପୂର୍ଣ୍ଣିମାକୁ ବୁଦ୍ଧ ପୂର୍ଣ୍ଣିମା ନାମରେ ପରିଚିତ । ଏହି ଦିନରେ ଭଗବାନ ଗୌତମ ବୁଦ୍ଧ ଜନ୍ମ ନେଇଥିଲେ ଏବଂ ନିର୍ବାଣ ପ୍ରାପ୍ତି କରିଥିଲେ । ଏହି ଦିନ ହିଁ ସେ ବୁଦ୍ଧତ୍ୱ ପ୍ରାପ୍ତି କରିଥିଲେ । ସାରା ବିଶ୍ୱରେ ଏବେ ୫୦ କୋଟିରୁ ଅଧିକ ବୌଦ୍ଧ ଧର୍ମାବଲମ୍ବୀ ରହିଛନ୍ତି । ବୌଦ୍ଧ ଧର୍ମାବଲମ୍ବୀମାନେ ବେଶ୍ ଧୂମ୍‌ଧାମରେ ଏହି ପର୍ବ ପାଳନ କରିଥାନ୍ତି । ସନାତନ ହିନ୍ଦୁ ଧର୍ମରେ ଭଗବାନ ବୁଦ୍ଧଙ୍କୁ ବିଷ୍ଣୁଙ୍କ ନବମ ଅବତାର ଭାବେ ମାନ୍ୟତା ମିଳିଛି । ଏଣୁ ହିନ୍ଦୁଙ୍କ ପାଇଁ ମଧ ଏହି ଦିନର ବିଶେଷ ମହତ୍ତ୍ୱ ରଖିଥାଏ । ବିହାର ବୌଦ୍ଧଗୟା ଠାରେ ଉଭୟ ହିନ୍ଦୁ ଏବଂ ବୌଦ୍ଧ ଧର୍ମାବଲମ୍ବୀମାନେ ସମ୍ପୂର୍ଣ୍ଣ ଭକ୍ତି ଭାବେ ଭଗବାନ ବୁଦ୍ଧଙ୍କ ପୂଜା କରିଥାନ୍ତି । ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁ ହରିଦ୍ୱାରରେ ସ୍ନାନ କରି ପୁଣ୍ୟ ଅର୍ଜନ କରିବାର ପରମ୍ପରା ମଧ ରହିଛି । ଗୃହତ୍ୟାଗ ପରେ ସିଦ୍ଧାର୍ଥ ଲଗାତାର ସାତ ବର୍ଷ ପର୍ଯ୍ୟନ୍ତ ବଣରେ ବୁଲିଥିଲେ । କଠୋର ତପସ୍ୟା କରିବା ପରେ ବୈଶାଖ ପୂର୍ଣ୍ଣିମା ଦିନ ହିଁ ସେ ବୁଦ୍ଧତ୍ୱର ଜ୍ଞାନ ଲାଭ କରିଥିଲେ । ବୁଦ୍ଧଙ୍କ ଜନ୍ମ କପିଳାବସ୍ତୁ ନିକଟବର୍ତ୍ତୀ ଲୁମ୍ବିନୀ (ବର୍ତ୍ତମାନ ନେପାଳରେ ରହିଛି) ଠାରେ ହୋଇଥିଲେ । ସେ ଶାକ୍ୟ ବଂଶର ରାଜା ଶୁଦ୍ଧୋଦନ ଏବଂ ରାଣୀ ମହାମାୟା ଦେବୀଙ୍କ ପୁତ୍ର ଥିଲେ । ମାଉସୀ ଗୌତମୀଙ୍କ ଦ୍ୱାରା ଲାଳିତପାଳିତ ହୋଇଥିବାରୁ ତାଙ୍କ ନାଁ ଗୌତମ ରହିଥିଲା । ବୁଦ୍ଧଦେବ ଅନେକ ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ ମଧ ଗୁରୁ ବିଶ୍ୱାମିତ୍ରଙ୍କ ଠାରୁ ସେ ବେଦ, ଉପନିଷଦ ଏବଂ ଶସ୍ତ୍ର ବିଦ୍ୟା ଶିକ୍ଷା କରିଥିଲେ । ସେ ଯଶୋଧାରାଙ୍କୁ ବିବାହ କରିଥିଲେ ତାଙ୍କର ରାହୁଲ ନାମରେ ଏକ ପୁତ୍ର ଥିଲା । ବୁଦ୍ଧେ ପରବର୍ତ୍ତୀ ସମୟରେ ବୌଦ୍ଧ ଭିକ୍ଷୁ ପାଲଟି ଯାଇଥିଲେ । ଭିନ୍ନ ଭିନ୍ନ ଦେଶରେ ଥିବା ବୌଦ୍ଧ ଧର୍ମାବଲମ୍ବୀ ମାନେ ଭିନ୍ନ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ବୁଦ୍ଧ ପୂର୍ଣ୍ଣିମା ପାଳିଥାନ୍ତି ।

କୌଣସି ପରିସ୍ଥିତିରେ ବି ସୂର୍ଯ୍ୟ, ଚନ୍ଦ୍ରମା ଏବଂ ସତ୍ୟ ଏହି ତିନୋଟି ଜିନିଷ ଲୁଚି ରହିପାରିବ ନାହିଁ । ଜୀବନରେ କୌଣସି ଉଦ୍ଦେଶ୍ୟ, ଲକ୍ଷ୍ୟ ପାଖରେ ପହଂଚିବା ଠାରୁ ବେଶି ମହତ୍ତ୍ୱପୂର୍ଣ୍ଣ ହେଉଛି ଯେଉଁ ରାସ୍ତାରେ ଆପଣ ଯାଉଛନ୍ତି ତାହାକୁ ପ୍ରଥମେ ଶେଷ କରନ୍ତୁ । ଖରାପକୁ ଖରାପରେ କେବେ ବି ଶେଷ କରାଯାଇପାରିବ ନାହିଁ । ଘୃଣାକୁ ତ କେବଳ ପ୍ରେମ ଦ୍ୱାରା ହିଁ ସମାପ୍ତ କରାଯାଇପାରିବ । ସତ୍ୟ ମାର୍ଗରେ ଚାଲୁଥିବା ବ୍ୟକ୍ତି କେବଳ ଦୁଇଟି ଭୁଲ କରିପାରେ । ପ୍ରଥମଟି ସମ୍ପୂର୍ଣ୍ଣ ରାସ୍ତା ନ ବାଛିବା, ଦ୍ୱିତୀୟଟି ରାସ୍ତା ଆରମ୍ଭ ନ କରିବା । ଭବିଷ୍ୟତର ସ୍ୱପ୍ନରେ ହଜିଯାଅନି, କି ଭୂତକାଳ କଥା ଭାବି ଚିନ୍ତିତ ହୁଅନି ସବୁବେଳେ ବର୍ତ୍ତମାନ ଉପରେ ଧ୍ୟାନ ଦିଅ । ଏହା ହେଉଛି ଜୀବନରେ ଖୁସି ରହିବାର ମୂଳମନ୍ତ୍ର । ଯେଉଁଭଳି ଭାବରେ ଗୋଟିଏ ଦୀପରୁ ହଜାର ଦୀପ ଜଳାଇ ଅନ୍ଧକାରକୁ ଦୂର କରାଯାଇଥାଏ, ସେହିପରି ଖୁସି ବାଣ୍ଟିବା ଦ୍ୱାରା ଏହା ସବୁବେଳେ ବଢ଼ିଥାଏ । ଜୀବନରେ ଯେତେ ବି ଭଲବହି ପଢ଼ କିମ୍ବା ଭଲ ଶବ୍ଦ ଶୁଣ, କିନ୍ତୁ ଯେ ପର୍ଯ୍ୟନ୍ତ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ ନକରିଛ ସେ ପର୍ଯ୍ୟନ୍ତ ଏସବୁର କିଛି ଲାଭ ନାହିଁ । ସର୍ବଦା କ୍ରୋଧିତ ରହିବା, ଜଳୁଥିବା କୋଇଲାକୁ ଅନ୍ୟ ବ୍ୟକ୍ତି ଉପରେ ଫୋପାଡ଼ିବା ସଦୃଶ । ଏହି କ୍ରୋଧ ସର୍ବପ୍ରଥମେ ନିଜକୁ ହିଁ ଜାଳିଥାଏ । କ୍ରୋଧରେ ହଜାରେ ଭୁଲ ଶବ୍ଦ କହିବା ଅପେକ୍ଷା ମଉନ ରହିଗଲେ ଶାନ୍ତି ମିଳିଥାଏ ।

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ;୯୪୩୭୨୨୫୫୯୨

କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ : ତଥାଗତ ବୁଦ୍ଧ

।। ଡ଼ଃ.ଅରୁନ୍ଧତୀ ଦେବୀ ।।

ପୁଣ୍ୟଭୂମି ଭାରତ ବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳ ବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୂତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ, ନଭଶ୍ଚୁମ୍ବୀ ପ୍ରାସାଦ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲୁଣ୍ଠିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କୁ ସୁସଂଯତ ଓ ସୁପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ମହାପରାକ୍ରମୀ ଚଣ୍ଡାଶୋକ ଯେ ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିଲେ, ସେ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ । ପୁନଶ୍ଚ ବୁଦ୍ଧଙ୍କ ସମୟରେ ଅଙ୍ଗୁଳିମାଳା ସମସ୍ତ ଲୋକଙ୍କୁ ହତ୍ୟା କରିବାର ଏକ ପ୍ରତିଜ୍ଞା ନେଇ ଜଙ୍ଗଲ ପଥରେ ପ୍ରତିଦିନ ମଣିଷଙ୍କୁ ହତ୍ୟାକରି ଚାଲିଥିଲା । କେତେଜଣଙ୍କୁ ମାରିଲା, କିଛିଦିନ ପରେ ଭୁଲିଯିବାରୁ, ଏହାପରେ ଯେଉଁମାନଙ୍କୁ ହତ୍ୟା କଲା ତାଙ୍କର ଗୋଟିଏ ଗୋଟିଏ ଆଙ୍ଗୁଳି କାଟି ନିଜ ବେକରେ ହାର କରି ପିନ୍ଧିଲା । ତା ଭୟରେ ଲୋକମାନେ ଏକାକୀ ନଯାଇ ୩୦/୪୦ଜଣ ଏକାଠି ହୋଇ ବନ୍ୟପଥରେ ଯାତ୍ରା କରୁଥିଲେ । ବୁଦ୍ଧଦେବ ଶ୍ରାବସ୍ତୀର ଜନତାଙ୍କ ମୁଖରୁ ଅଙ୍ଗୁଳିମାଳା କଥା ଶୁଣି ସେ ରହୁଥିବା ଜଙ୍ଗଲ ପଥରେ ସମସ୍ତଙ୍କ ବାରଣ ସତ୍ତ୍ୱେ ଏକାକୀ ଯାତ୍ରା କଲେ । ନିର୍ଭୟ ଚିତ୍ତରେ ଏକାକୀ ଜଣେ ଶ୍ରମଣ ଯାତ୍ରା କରୁଥିବା ଦେଖି ଅଙ୍ଗୁଳିମାଳା ତାଙ୍କ ପଶ୍ଚାତ୍‌ଧାବନ କଲା । କିନ୍ତୁ ସେ ଆଶ୍ଚର୍ଯ୍ୟ ହେଲା ଯେ ଏତେ କ୍ଷିପ୍ର ଗତିରେ ଚାଲିମଧ ସେ ବୁଦ୍ଧଙ୍କୁ ଧରିପାରୁନଥିଲା କ୍ଳାନ୍ତ ହୋଇ ଗୋଟିଏ ସ୍ଥାରେ ଛିଡ଼ା ହୋଇ ସେ ଉଚ୍ଚସ୍ୱରରେ କହିଲା - 'ସ୍ଥିର ହୁଅ ଶ୍ରମଣ' । ଉତ୍ତରରେ ବୁଦ୍ଧ କହିଲେ - 'ମୁଁ ସର୍ବଦା ସ୍ଥିର, ମାତ୍ର ଚଂଚଳତା ମଧ୍ୟରେ ତୁମେ ଗତି କରୁଅଛ । ଅତଏବ ତୁମେ ସ୍ଥିର ହୁଅ ।' ଅଙ୍ଗୁଳିମାଳା କହିଲେ - 'ଶ୍ରମଣ ! ତୁମେ ଗତି କରୁଅଛ ଏବଂ ମୁଁ ଏଠାରେ ଛିଡ଼ା ହୋଇଅଛି, ଏପରି ସ୍ଥଳେ ତୁମେ ସ୍ଥିର ଓ ମୁଁ ଅସ୍ଥିର ଏହା କିପରି କହୁଛ ? ବୁଦ୍ଧ ଦେବ କହିଲେ - 'ଯାହାର ଇନ୍ଦ୍ରିୟ ଶାନ୍ତ, ଯେ ହିଂସାରହିତ, ଯେ ଅନୁଦ୍‌ବିଗ୍ନ ଓ ଯାହାର ମତି ସଂସାର ପ୍ରତି ଅନାସକ୍ତ, ସେ ସର୍ବଦା ସ୍ଥିର । ମାତ୍ର ତୁମର ଇନ୍ଦ୍ରିୟ ଅଶାନ୍ତ, ତୁମେ ନରହତ୍ୟା ରୂପକ ହିଂସାରେ ଜଡ଼ିତ ତୁମର ମତି ସର୍ବଦା ଉଦ୍‌ବିଗ୍ନ । ଅତଏବ ତୁମେ ଅସ୍ଥିର ।' ତଥାଗତ ବୁଦ୍ଧଙ୍କର ଏହି ବାଣୀ ଅଙ୍ଗୁଳିମାଳା ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା । ତାର ହୃଦୟ ବେଦନାରେ ଖଣ୍ଡ ବିଖଣ୍ଡିତ ହୋଇଗଲା । ନରହତ୍ୟା ରୂପି ପୂର୍ବାର୍ଜିତ ପାପପାଇଁ ତା' ନେତ୍ରରୁ ଅନୁତାପର ଅଶ୍ରୁ ଧାର ଧାର ହୋଇ ଝରିବାକୁ ଲାଗିଲା । ତଥାଗତ ତାଙ୍କୁ କରୁଣାପୂର୍ଣ୍ଣ ନେତ୍ରରେ ଚାହିଁ ସତେ ଯେପରି ଅମୃତର ଆହ୍ୱାନ ଦେଉଥିଲେ । ଅଙ୍ଗୁଳିମାଳା ସମସ୍ତ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ବୁଦ୍ଧଦେବଙ୍କର ପାଦଦ୍ୱୟକୁ ଜାବୁଡ଼ି ଧରିଲା ଓ ନିଜ ଚକ୍ଷୁରୁ ନିର୍ଗତ ଅଶ୍ରୁଜଳରେ ତାଙ୍କ ପାଦ ପ୍ରକ୍ଷାଳନ କରି ଶରଣ ଭିକ୍ଷା କଲା । ତଥାଗତ ଅଙ୍ଗୁଳିମାଳାକୁ ଉଠାଇନେଇ ଅତି ସ୍ନେହରେ ଆଲିଙ୍ଗନ କଲେ । କରୁଣାମୟ ବୁଦ୍ଧଙ୍କର ଗଭୀର ମମତ୍ୱଭରା କରୁଣା ଓ ମାର୍ଗଦର୍ଶନ ଅଙ୍ଗୁଳିମାଳାକୁ କଷାୟ ବସ୍ତ୍ର ପରିହିତ ବୌଦ୍ଧଭିକ୍ଷୁରେ ରୂପାନ୍ତରିତ କଲା ଏବଂ ଅପର ପକ୍ଷରେ ତାକୁ ଅର୍ହତ ପଦର ଅଧିକାରୀ କରି ତା' ଜୀବନକୁ ଧନ୍ୟ କରିଦେଲା ।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତା'ର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍ପେଷଣର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି । ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି । କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି । ଯେଉଁଥିପାଇଁ ନିକଟରେ ଦାମନଯୋଡ଼ିରେ ଶାନ୍ତ ରାତ୍ରୀର ନୀରବତାକୁ ବିକ୍ଷୁବ୍ଧ କରି ଅତି ଅପ୍ରତ୍ୟାଶିତ ଭାବେ ହିଂସାର ରକ୍ତ ବହିଗଲା । ବମ୍ବେର ତାଜ୍, ଟ୍ରାଇଡେ[ହୋଟେଲ୍, ନରିମାନ ହାଉସ୍, ଶିବାଜୀ ଟରମିନସ୍‌ରେ ନିଜ ଦୋଷ କ'ଣ ତାହା ଜାଣିବା ପୂର୍ବରୁ, କିଛି ଜୀବନ ଦୀପ ଆର୍ଶଚିହ୍ନାରରେ ନିର୍ବାପିତ ହୋଇଗଲା । କେଉଁଠି ପଞ୍ଚପଟୁ ଗୁଳି ତ, ଦିଲ୍ଲୀ ସହର ପରି କେଉଁଠି ସିରିଜ୍ ବୋମା ବିସ୍ଫୋରଣ, ଅନ୍ୟ କେଉଁଠି ଗ୍ରେନେଡ୍ ମାଡ଼, ଆଉ କେଉଁଠି ଆତ୍ମଘାତୀ ବୋମା ବିସ୍ଫୋରଣରେ - ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି । 'ବସୁଧୈବ କୁଟୁମ୍ବକମ୍' । ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ । ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ 'ଜୀବେ ଦୟା' ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ । କେହି କାହାକୁ ହତ୍ୟା ନକରୁ । ଯେ କୌଣସି କାରଣ ପାଇଁ ହେଉ, ହତ୍ୟାକାରୀଟି ବାସ୍ତବରେ ଦୁଃଖୀ ମଣିଷଟିଏ । ଅଶାନ୍ତ ଆତ୍ମାଟିଏ । ସେ ଆମର ଆତ୍ମୀୟ । ତା'ହୃଦୟରେ କରୁଣାପ୍ରାଣ ବୁଦ୍ଧ ବି ହସି ଉଠିପାରିବେ । ଯାହାଦ୍ୱାରା ସେ ଶାନ୍ତି ଅନୁଭବ କରିବା ସହ, ତା' ଆଖିରୁ ପ୍ରେମର ଅଶ୍ରୁ ମଧ ନିର୍ଗତ ହୋଇପାରିବ - ଅନ୍ୟ ମଣିଷ ଆତ୍ମୀୟଟି ପାଇଁ । ଏଇଥିପାଇଁ ଖ୍ରୀଷ୍ଟପୂର୍ବ ୫୪୩ରେ କୁଶିନାରାର ପାବା ନାମକ ସ୍ଥାନରେ ବିସ୍ତୀର୍ଣ୍ଣ ଶାଳବଣ ମଧ୍ୟରେ ଅଶୀବର୍ଷ ବୟସରେ ବୈଶାଖ ପୂର୍ଣ୍ଣିମାର ଶାନ୍ତ ସ୍ନିଗ୍ଧ, ଜ୍ୟୋତ୍ସ୍ନାସ୍ନାତ ରାଜନୀରେ ନିର୍ବାଣ ପ୍ରାପ୍ତ ହୋଇ ଦେହ ତ୍ୟାଗ କରିଥିବା ପରମ କାରୁଣିକ କରୁଣାପ୍ରାଣ ତଥାଗତ ବୁଦ୍ଧ ଆଜି ଆମମାନଙ୍କର ପରମ ବନ୍ଦନୀୟ ଓ ଅନୁସରଣୀୟ । ଏକ ସ୍ନେହ ଶାନ୍ତିଭରା ଶୋଭନୀୟ ପୃଥିବୀ ପାଇଁ ପୂଜ୍ୟ ଶ୍ରୀକୁମାର ଭାଇଙ୍କ ସେହି ପଂକ୍ତି ପ୍ରଣିଧାନଯୋଗ୍ୟ - ରାତ୍ରି ପାହିଛି, ପ୍ରଭାତ ହୋଇଛି ଆସରେ ଆସରେ ଭାଇ, ଦ୍ୱାରଦ୍ୱାର ବୁଲି ବୁଦ୍ଧଙ୍କ ବାଣୀ ଶୁଣାଇବା ଆମେ ଗାଇ ଭିକ୍ଷା ମାଗିବା ମାନବ ହୃଦୟ ସମାଜର ହିତ ପାଇଁ, ମାନବିକତାର ଜାଗରଣ ହେବ ଭ୍ରାନ୍ତି ରହିବ ନାହିଁ । ଲୋଭ ଓ ଗର୍ବ ହିଂସା ଛାଡ଼ିବ ମାନବ ଜୀବନକୁ ତା'ର ପ୍ରତି ହୃଦୟରୁ ଝରିବ ଝରଣା ସ୍ନେହ କ୍ଷମା କରୁଣାର ସ୍ନେହ କ୍ଷମା କରୁଣାର... । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ;୯୪୩୭୧୨୪୫୭୨

ପଂଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ଓ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କ ଦକ୍ଷତା ବୃଦ୍ଧି ତାଲିମ

ଭବାନୀପାଟଣା, ୧୧/୦୫ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ଗ୍ରାମ ପଂଚାୟତ ସଭା ଗୃହ ଠାରେ ଆର୍ ସି ଡ଼ି ସି ଭୁବନେଶ୍ୱର ତରଫରୁ, କିମ୍ ଜେଡ ଜର୍ମାନ ଓ ଚାଇଲ୍ଡ ଫଣ୍ଡଙ୍କ ମିଳିତ ସହାୟତାରେ ଏକ ଦିନିଆ ପଂଚାୟତ ସ୍ତରୀୟ ଶିଶୁ ସୁରକ୍ଷା ସମିତି ଓ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ରଘୁରାମ ବାଗ, ପ୍ରକଳ୍ପ ସଂଯୋଜକ ଆର୍ ସି ଡ଼ି ସି ସ୍ୱାଗତ ଜଣାଇ ତାଲିମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ଜଗଜିବନ ଅଘରିଆ ସରପଂଚ ମାନଝରି, ତଥା ଗ୍ରାମ ପଂଚାୟତ ସ୍ତରୀୟ ଓ ଗ୍ରାମ୍ୟ ସ୍ତରୀୟ ଶିଶୁ ସୁରକ୍ଷା ସମିତିର ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ତାଲିମଦାତ୍ରୀ ଭାବରେ ସ୍ୱର୍ଣ୍ଣଲତା ମହାନ୍ତି ଉପସ୍ଥିତ ରହି ଶିଶୁ ଅଧିକାର, ଶିଶୁ ନିର୍ଯ୍ୟାତନା ରୋକିବା, ବାଲ୍ୟ ବିବାହ ନ କରିବା, ଶିଶୁ ଶ୍ରମିକ ରୋକିବା, ଶିଶୁ ଅନୁକୂଳ ପଂଚାୟତ ଗଠନ କରିବା, ପଂଚାୟତସ୍ତରୀୟ ଶିଶୁ ସମିତିର ଭୂମିକା, ଦାୟିତ୍ୱ ଓ କାର୍ଯ୍ୟ ଉପରେ ବିଶଦ ଭାବରେ ତାଲିମ ପ୍ରଦାନ କରିଥିଲେ । ତାଲିମ କାର୍ଯ୍ୟକ୍ରମକୁ ଗୋଷ୍ଠୀ ପ୍ରବର୍ତ୍ତକ ସଞ୍ଜୟ କୁମାର ଅଘରିଆ ଓ ସଞ୍ଜୀବ କୁମାର ନାଏକ ସହଯୋଗ କରିଥିଲେ ।

ଗୋରୁ ବୋଝେଇ ଟ୍ରକ ଜବତ, ୪୧ ଗୋରୁ ଉଦ୍ଧାର

ଭୋଗରାଇ, ୧୧/୦୫ (ଆ.ପ୍ର) : ସରକାରଙ୍କ ପକ୍ଷରୁ ଗୋଚାଲାଣ ରୋକିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଇଥିଲା ବେଳେ ଗୋ ମାଫିଆମାନେ ତାହାକୁ ବେଖାତିର କରି ଓଡ଼ିଶାରୁ ସଂଯୋଗ କରୁଥିବା ବିଭିନ୍ନ ଗଳି ବାଟଦେଇ ବେଧଡ଼କ ଭାବେ ଗୋରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଛନ୍ତି । ଶନିବାର ବିଳମ୍ବିତ ରାତିରେ ଭୋଗରାଇ ବ୍ଲକ ଅନକିଆ ପଂଚାୟତ ଖୋଜସାହି ପାଣି ଟାଙ୍କି ପାର୍ଶ୍ୱରେ ଓଆର ୦୬ କେ ୨୯୦୧ ଟ୍ରକ ଯୋଗେ ଗୋରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ସମୟରେ ଟ୍ରକଟି ରାସ୍ତା ପାର୍ଶ୍ୱରେ ଫସିଯାଇଥିଲା । ରାତିରେ ଗାଡ଼ିକୁ ଛାଡ଼ି ସେଠାରୁ ଡ୍ରାଇଭର ଚମ୍ପଟ ମାରିଥିଲା । ସକାଳେ ସ୍ଥାନୀୟ ଲୋକେ ଗୋରୁ ବୋଝେଇ ଟ୍ରକ୍ ଦେଖି ଭୋଗରାଇ ଥାନାକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚି ଟ୍ରକଟିକୁ ଜବତ କରିବା ସହିତ ଗୋରୁଗାଈ ବୋଝେଇ ଟ୍ରକଟିକୁ ଥାନାକୁ ନେଇଯାଇଥିଲେ । ସେଠାରେ ୪୧ ଟି ଗୋରୁ ଉଦ୍ଧାର ହୋଇଥିବା ବେଳେ ୪ ଟିର ଅବସ୍ଥା ଗୁରୁତର ହେବାରୁ ଭୋଗରାଇ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଡାକ୍ତରମାନେ ଆସି ଚିକିତ୍ସିତ କରିଥିଲେ । ଅସୁସ୍ଥ ଥିବା ଗୋରୁଙ୍କୁ ସ୍ଥାନୀୟ ଗୋଭକ୍ତ ଅଂଶୁମାନ ମହାନ୍ତି, ବନମାଳୀ ଦାସ, ଦିଲ୍ଲୀପ କାମିଲା, ଗୌରହରି ମହାନ୍ତି, ବିନ୍ଦୁଭୂଷଣ ଦାସ, ବିକ୍ରମ କେଶରୀ ଭଞ୍ଜ, ରାମହରି ସୁର ପ୍ରମୁଖ ସେମାନଙ୍କର ଯତ୍ନ ନେବା ସହିତ ଖାଦ୍ୟ ଯୋଗାଇ ଦେଇଥିଲେ । ଏନେଇ ଭୋଗରାଇ ଥାନାରେ ୧୬୦/୨୫ ରେ ମାମଲା ରୁଜୁ ହେବା ସହିତ ଅଧିକ ତଦନ୍ତ ଚାଲୁଥିବା ଆଇଆଇସି ଶ୍ରୀବଲ୍ଲଭ ସାହୁ ସୂଚନା ଦେଇଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନା ପରିସରରେ ଗୋରୁ ଥିବା ଦେଖିବାକୁ ମିଳିଥିଲା ।

ମୁହାଁମୁହିଁ ବାଇକ୍ ଦୁର୍ଘଟଣାରେ ୨ ମୃତ

ଡାବୁଗାଁ, ୧୧/୦୫ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ମାନିଗାଁ ସଦର ଏଏନ୍ଏମ୍ ସେଂଟର ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହି ଧକ୍କା ହୋଇଛି । ଏଥିରେ ଦୁଇ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ହେଲେ ବିହାର ଶମ୍ଭୁ ରାୟ (୫୫) ଓ ମଇଦାଳପୁର ଥାନା ଅନ୍ତର୍ଗତ ମେରି ଗ୍ରାମର ଦେବେନ୍ଦ୍ର ନାୟକ (୨୮) । ସୂଚନା ଅନୁଯାଇ ଡାବୁଗାଁ ନିକଟ ବୋରିପଦର ଦେଶୀ ମଦଭାଟି ରେ କାର୍ଯ୍ୟ କରୁଥିବା କର୍ମଚାରୀ ଶମ୍ଭୁ ରାୟ ଆଜି ପୂର୍ବାହ୍ନ ୧୦. ୩୦ରେ କୌଣସି କାର୍ଯ୍ୟରେ ଏକ ବାଇକ୍ (ଓଡି ୨୪ ୯୫୨୯)ରେ ଯାଉ ଥିବା ବେଳେ ବିପରୀତ ଦିଗରୁ ମଇଦଲପୁର ଥାନା ଅନ୍ତର୍ଗତ ମେରି ଗାଁ ର ଦେବେନ୍ଦ୍ର ନାୟକ ତାଙ୍କ ଗ୍ରାମରୁ ଏକ ବାଇକ (ଓଡ଼ି ୨୪ ଏମ ୩୫୩୯)ଯୋଗେ ଡାବୁଗାଁ ବ୍ଲକ ପାଖରେ ଥିବା ଖୁଟୁବାଇ ତାଙ୍କ ଶ୍ୱଶୁର ଘର ଗ୍ରାମ ଅଭିମୁଖେ ଆସୁଥିଲେ । ମାନିଗାଁ ନିକଟ ଏଏନ୍ଏମ୍ ସେଂଟର ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ । ଦୁଇ ବାଇକ୍ ଚାଳକଙ୍କ ମୁଣ୍ଡରେ ପ୍ରବଳ ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରେ ଶମ୍ଭୁ ରାୟଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଦେବେନ୍ଦ୍ର ନାୟକଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଦେବେନ୍ଦ୍ର ନାୟକଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା । ଘଟଣା ସ୍ଥଳରେ ପୁଲିସ ପହଂଚି ଦୁର୍ଘଟଣା ଗ୍ରସ୍ତ ଦୁଇଟି ବାଇକ୍ ଜବତ କରିଥିଲେ । ଅପରାହ୍ନରେ ମୃତ ପରିବାର ଲୋକେ ଡାବୁଗାଁ ଥାନାରେ ପୃଥକ୍ ପୃଥକ୍ ଦୁଇଟି ଏତଲା ଦେବାକୁ ପରେ ପୁଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ପରେ ଶବ ବ୍ୟବଚ୍ଛେଦ କରି ଉଭୟ ପରିବାରଙ୍କୁ ହସ୍ତାନ୍ତର କରିଥିଲେ । ପୁଲିସ କେଶ ନମ୍ବର ୯୫/୨୫ରେ ମାମଲା ରୁଜୁ ହୋଇଥିବା ବେଳେ ଏସ ଆଇ ବି କେ ସାହୁ ଘଟଣାର ତଦନ୍ତ କରୁଛନ୍ତି ।

୨୭ଗୋଟି ପ୍ଲାଷ୍ଟିକ ଡ୍ରମ ମହୁଲ ପୋଚ ଓ ୨୨୦ ଶହ ହାତରନ୍ଧା ମଦ ନଷ୍ଟ

ଭବାନୀପାଟଣା, ୧୧/୦୫ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ହାତୀମୁଣ୍ଡା ରେଡ ଡେମ ଠାରେ ଦୀର୍ଘ ଦିନ ହେବ ଚାଲିଥିଲା ଚୋରା ହାତ ରନ୍ଧା ମଦ କାରବାର । କଳାହାଣ୍ଡି ଅବକାରୀ ସୁପରିଟେଣ୍ଡ ରଞ୍ଜନ କୁମାର ନାଏକଙ୍କ ନେତୃତ୍ୱରେ ବଡ ଧରଣର ଚଢ଼ାଉ କରିଥିବା ବେଳେ ପୁଣି ଆଜି ଖାଇଙ୍ଗ ଗ୍ରାମ ପଛ ପଟେ ଲାଗିରହିଥିବା ଜଙ୍ଗଲ ନାଲାରେ ମଦ ମାଫିଆଙ୍କ ହବ । ଜଙ୍ଗଲ ନାଲା ଠାରେ ଦେଶୀ ମହୁଲିର କାରବାର ବହୁ ଜୋରସୋର ଚାଲିଥିବା ବେଳେ ଅବକାରୀ ବିଭାଗ ଆଇ ଆଇ ସି ହେମକାନ୍ତ ସୁନା ଓ ଆଇ ସି ତିଳକ ରାମ ନାଏକଙ୍କ ସହ ପ୍ରଦ୍ୟୁନ କୁମାର ନାଏକ, ଅଶୋକ କୁମାର ପ୍ରଧାନ, ଅମରେନ୍ଦ୍ର ମାଝୀ, ଶାମୁଲ ଆଚାର୍ଯ୍ୟ, କିଶନ ଗଉଡ଼, ମହାଦେବ ମାଝୀ, ରାଜକୁମାରୀ ଶବର ସମେତ ଅବକାରୀ ଟିମ ପହଂଚି ଥିବା ବେଳେ ଅବକାରୀ ବିଭାଗଙ୍କୁ ଦେଖି ଘଟଣା ସ୍ଥଳରେ ଚୋରା ଦେଶୀ ମଦ ମାଫିଆ ଫେରାର ମାରିଥିବା ବେଳେ ୨୭ଗୋଟି ପ୍ଲାଷ୍ଟିକ ଡ୍ରାମ ମହୁଲ ପୋଚ ଓ ୨୨୦ ଶହ ହାତରନ୍ଧା ମଦ ଜବତ କରି ଘଟଣା ସ୍ଥଳରେ ନଷ୍ଟ କରିଛନ୍ତି ।

ଗୁଣ୍ଠୁଣୀ ଉଚ୍ଚ ବିଦ୍ୟାଳୟର ସଭାପତି ହେଲେ ଖଣ୍ଡପଡ଼ା ବିଧାୟକ

ଖଣ୍ଡପଡ଼ା, ୧୧/୦୫ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧିନ ଗୁଣ୍ଠୁଣି ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ ଖଣ୍ଡପଡ଼ା ବିଧାୟକ ଡ଼ଂ.ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅନୁମୋଦନ କ୍ରମେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ ବିଧାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର ପରେ ଅନୁଷ୍ଠାନ କର୍ତ୍ତୃପକ୍ଷ ଆନନ୍ଦ ପ୍ରକାଶ କରିଛନ୍ତି । ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ବିଧାୟକଙ୍କ ସହଭାଗିତା ରହିବ ବୋଲି ଗୁଣ୍ଠୁଣି ପଂଚାୟତବାସୀ ଆଶାବ୍ୟକ୍ତ କରିଛନ୍ତି । ପ୍ରକାଶଥାଉକି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀ ମାନେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ରାଉତଙ୍କ ଠାରୁ ପ୍ରକାଶ ।

କଖଡି ନିଖିଳ ଉତ୍କଳ ବାରିକ ସମିତି ସାହିର ବାର୍ଷିକ ଉତ୍ସବ

ଟାଙ୍ଗୀ ଚୌଦ୍ୱାର, ୧୧/୦୫ (ଆ.ପ୍ର) : ଟାଙ୍ଗୀ ବ୍ଲକ ଅନ୍ତର୍ଗତ କଖଡି ଗ୍ରାମରେ ନିଖିଳ ଉତ୍କଳ ବାରିକ ସମିତି କଖଡି ସାହିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୈଶାଖ ମାସ ଶୁକ୍ଳପକ୍ଷ ରେ ପ୍ରଭୁ ଲକ୍ଷ୍ମୀନୃସିଂହ ଦେବଙ୍କ ଜନ୍ମଦିନରେ ପ୍ରଭୁଙ୍କ ମୂର୍ତ୍ତି ପୂଜା ଅର୍ଚ୍ଚନା କରାଯାଇଥିଲା । ମହାନଦୀ ଘାଟରୁ କଳସ ଶୋଭାଯାତ୍ରା କରି ପୂଜାସ୍ଥାନକୁ ଆସିଥିଲେ । ସେଠାରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ସମିତିର ସଭାପତି ତପନ କୁମାର ବାରିକ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମୁଦୁଲି, ଗନ୍ଧର୍ବ ମୁଦୁଲି, ଅରୁଣ ବାରିକ, ଧ୍ରୁବ ଚରଣ ମୁଦୁଲି, ପ୍ରସନ୍ନ ମୁଦୁଲି, ସୌରିଆ ମୁଦୁଲି, ବିଶ୍ୱଜିତ ମୁଦୁଲି, ପ୍ରକାଶ ମୁଦୁଲି ପ୍ରମୁଖ ଉପସ୍ଥିତ ସାହାଯ୍ୟ ସହଯୋଗ କରିଥିଲେ । ସମିତି ପକ୍ଷରୁ ସମ୍ପାଦକ ରଞ୍ଜନ କୁମାର ମୁଦୁଲି ଓ ତାଙ୍କ ପତ୍ନୀ ସସ୍ମିତା ମୁଦୁଲି କର୍ତ୍ତା କର୍ତ୍ତି ଭାବେ ପୂଜା କାର୍ଯ୍ୟ ସମ୍ପାଦାନ କରିଥିଲେ ।

ଗାଡ଼ି ଦୁର୍ଘଟଣାରେ ଯୁବକଙ୍କ ଅକାଳ ମୃତ୍ୟୁ

ରଣିଆ, ୧୧/୦୫ (ଆ.ପ୍ର) :ରଣିଆ ଥାନା ଅର୍ନ୍ତଗତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଜଣେ ଯୁବକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ମୃତ ଯୁବକ ଜଣକ ଉକ୍ତ ଗ୍ରାମର ଅଜିତ ମହାରଣା । ସେ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ ଚାକିରୀ କରିଥିଲେ । ଭୁବନେଶ୍ୱର ହଂସପାଳ ନିକଟରେ ତାଙ୍କୁ ପଛରୁ ଏକ ଗାଡି ଧକ୍କା ଦେଇଥିଲା । ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମର ଶରୀର ପୂର୍ଣ୍ଣଚନ୍ଦ୍ରପୁର ଠାରେ ଆଜି ଅପରାହ୍ନରେ ପହଂଚିବା ପରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ମଶାଣିରେ ଶବଦାହ କରାଯାଇଥିଲା । ସେ ଜଣେ ଅତ୍ୟନ୍ତ ମେଳାପୀ, ପରୋପକାରୀ ଯୁବକ ଭାବେ ଜଣାଶୁଣା ଥିଲେ । ତାଙ୍କ ସହପାଠୀ ମାନେ ତାଙ୍କ ମରଶରୀର ପାଖରେ ପହଂଚି ଶେଷ ଦର୍ଶନ ଲାଭ କରିଥିଲେ । ଏଭଳି ଅକାଳ ମୃତ୍ୟୁରେ ସ୍ତବ୍ଧ ପାଲଟିଯାଇଛି ପୁରା ପରିବାର । ତେବେ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

ଅଦୃଶ୍ୟ କେନାଲର ପୁନରୁଦ୍ଧାର ପାଇଁ ଦାବି

ଦଶପଲ୍ଲା, ୧୧/୦୫ (ଆ.ପ୍ର) : ଚାଷୀଙ୍କ ଜମିକୁ ଜଳସେଚନ ପାଇଁ କୁଆଁରିଆ ଜଳ ଭଣ୍ଡାରରୁ କେନାଲ ବ୍ୟବସ୍ଥା କରାଯାଇଛି । ମାତ୍ର ଅନେକ କେନାଲ ପୋତି ହୋଇଯାଇଥିବା ବେଳେ ଆଉ କିଛି ହଜି ଗଲାଣି । ସୂଚନା ଯୋଗ୍ୟ ଯେ, କୁଆଁରିଆ ଜଳସେଚନ ବିଭାଗ ଅଧିନରେ ଏକ କେନାଲ ଖୋଳା ଯାଇ ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ୧୧ ଓ ୧୨ ନମ୍ବର ୱାର୍ଡ (କୃଷ୍ଣଚନ୍ଦ୍ରପୁର୍ ପାଟଣା) ଅଂଚଳର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଥିଲା । ଚାଷୀ ଜମିର ଫସଲ ସହ ବାଡ଼ି ବଗିଚାରେ ଫସଲ ପାଇଁ କେନାଲ ଜଳକୁ ବ୍ୟବହାର କରି ବେଶ୍ ଲାଭବାନ ହେଉଥିଲେ । କେନାଲଟି ୫୭ ନମ୍ବର ଜାତୀୟ ରାଜପଥର କଡରେ ୧୨ ନମ୍ବର ୱାର୍ଡ ମଧ୍ୟ ଦେଇ ଦୀର୍ଘ ପଥ ଅତିକ୍ରମ କରିଥିଲା । ଏହା ଦ୍ୱାରା ଆଖ ପାଖ କୂଅ ପୋଖରୀ ମଧ୍ୟ ବର୍ଷ ସାରା ଶୁଷ୍କ ନରହି ସୁରକ୍ଷିତ ରହୁଥିଲା । ବର୍ତ୍ତମାନ ସେହି କେନାଲଟିର ଅନେକ ସ୍ଥାନରେ ସ୍ଥିତି ଠଉରେଇବା ମଧ୍ୟ ସମ୍ଭବ ହୋଇ ପାରୁନାହିଁ । ଅଂଚଳବାସୀ କେନାଲଟିର ପୁନରୁଦ୍ଧାର ପାଇଁ ଏଥି ପୂର୍ବରୁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ଲିଖିତ ଭାବେ ଜଣାଇଥିଲେ ହେଁ, ସଫଳତା ନପାଇ ଖୁବ୍ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କେନାଲଟିର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଦାବି ହେଉଛି ।

ବୋଡ଼େନ ପାତାଳ ଗଙ୍ଗାରେ ବୈଶାଖ ମେଳା ପାଇଁ ଜୋର୍ ଦାର ପ୍ରସ୍ତୁତି

ବୋଡ଼େନ, ୧୧/୦୫ (ଆ.ପ୍ର) : ବୈଶାଖ ପୂର୍ଣ୍ଣିମା ଦିନ ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକର ପବିତ୍ର ତୀର୍ଥପୀଠ ପାତାଳ ଗଙ୍ଗା ଠାରେ ଅନୁଷ୍ଠିତ ହେବାକୁ ଥିବା ମେଳା ପାଇଁ ଆଜି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ମନ୍ଦିର ପରିଚାଳନା କମିଟି ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃ ମଣ୍ଡଳୀ, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଗାୟତ୍ରୀ ମନ୍ଦିର, ଦୂର୍ଗା ମନ୍ଦିର, ଅଲେଖ ମଠ, ଗୋଣ୍ଡ ସମାଜର ବୁଢ଼ା ଦେଓ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ପରିଚାଳନା କମିଟି ସଦସ୍ୟ ଏଥିରେ ଯୋଗଦାନ କରି ସେମାନଙ୍କ ମତାମତ ରଖିଥିଲେ । । ଜିଲ୍ଲାପାଳ ସମସ୍ତଙ୍କ ମତକୁ ଦୃଷ୍ଟିରେ ରଖି ଲୋକଙ୍କ ସୁବିଧା ନିମିତ ଶାନ୍ତି ଶୃଙ୍ଖଳା, ପରିବହନ, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ ଯୋଗାଣ, ଖାଦ୍ୟ ଓ ପରିମଳ, ସ୍ୱଚ୍ଛତା, ଗାଡ଼ି ଗୁଡ଼ିକର ସୁରକ୍ଷା, ପାର୍କିଂ ଇତ୍ୟାଦି ବିଷୟରେ ସମୁଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲମ୍ବୋଦର ନିଆଲ, ଆଇନ ଜିବୀ ଯୋଗେନ୍ଦ୍ର ନାଥ ମାଝୀ, ଅତିନ୍ଦ୍ର ଜୀତସିଂ ମଲ୍ଲିକ, ରାଜୁ ମାଝୀ, ରାଜୁ ହେର୍ଣ୍ଣା, ମଙ୍ଗିଆ ମାଝୀ, ନୀଳାମ୍ବର ମେହେର, ସଞ୍ଜୁ ଅଗ୍ରୱାଲ, ଡୋପ ସିଂ ମାଝୀ ପ୍ରମୁଖ ଯୋଗଦାନ କରି ନିଜ ନିଜ ମତ ଉପସ୍ଥାପନ କରିବା ସହିତ ପାତାଳ ଗଙ୍ଗାରେ ରହିଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ପ୍ରଶାସନ ପକ୍ଷରୁ ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡିଓ କାମିନୀ ଓରାମ, ତହସିଲଦାର ଅନସୂୟା ବାଗଦେବୀ, ପୂର୍ତ୍ତ ବିଭାଗ ଏସ୍ଇ ଶଶାଙ୍କ ଶେଖର ଶୁକ୍ଳା ଓ ଏସ ଡି ଓ ଅମୋଘ ନାରାୟଣ ପଣ୍ଡା, ପୋଲିସ ଏସ ଆଇ ମଞ୍ଜୁଲତା ଖଡେଙ୍ଗା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ରାଉତ, ଏପିଓ ରବିନାରାୟଣ ରାଉତ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡ଼ା, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ସାହୁ ଓ ଅମରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ । ସମସ୍ତଙ୍କ ସହଯୋଗରେ ଏଥର ପାତାଳ ଗଙ୍ଗାରେ ବୈଶାଖ ମେଳାର ଭବ୍ୟ ଆୟୋଜନ ସଫଳ ହୋଇ ପାରିବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି ।

ରାୟଗଡ଼ା ମହାବିଦ୍ୟାଳୟ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ, ପାଠ୍ୟକେନ୍ଦ୍ରରେ ପ୍ରାରମ୍ଭିକ ଅଧିଷ୍ଠାପନ କାର୍ଯ୍ୟକ୍ରମ

ରାୟଗଡ଼ା, ୧୧/୦୫ (ଆ.ପ୍ର) : ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ର ଇଗ୍ନୋଉ ପାଠ୍ୟକେନ୍ଦ୍ର ତରଫରୁ ଆଜି ପ୍ରାରମ୍ଭିକ ଅଧିଷ୍ଠାପନ କାର୍ଯ୍ୟକ୍ରମ ସୁବର୍ଣ୍ଣ ଜୁବୁଲି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କଲେଜ ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ପ୍ରଥମେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ । ତାପରେ ଇଗ୍ନୋଉ ପାଠ୍ୟକ୍ରମ, ପରୀକ୍ଷା ପଦ୍ଧତି ଓ ଅନ୍ୟାନ୍ୟ ନୀତି ନିୟମ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଇଥିଲେ । କଲେଜର ପରୀକ୍ଷା ନିୟନ୍ତ୍ରକ ୱାଇ ଭି ସାଇମାଧବ ଇଗ୍ନୋଉ ପାଠ୍ୟକ୍ରମର ଉପଯୋଗୀତା ସମ୍ପର୍କରେ ବୁଝେଇ ଥିଲେ । ଏଥିରେ ସହଯୋଗୀତା କରିଥିଲେ ପି ଅରୁଣ କୁମାର, ଭୀମ ପଣ୍ଡା, ଭି. ଶ୍ରୀକାନ୍ତ ଇତ୍ୟାଦି । କାର୍ଯ୍ୟକ୍ରମରେ ଆଠ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

ସମାଜବାଦୀ ନେତା, ପୂର୍ବତନ ବିଧାୟକ ନାରାୟଣ ସାହୁ ସ୍ମୃତି କମିଟି ଗଠିତ

ବ୍ରହ୍ମପୁର,୧୧/୦୫ (ଆ.ପ୍ର) : ସ୍ଥାନୀୟ ନବୀନ ଭବନ ପରିସରରେ ଖଲିକୋଟର ପ୍ରାକ୍ତନ ବିଧାୟକ ତଥା ସମାଜବାଦୀ ନେତା ଓ ଲେଖକ । ମୁକ୍ତି ଆନ୍ଦୋଳନର ମହାନ ସଂଗ୍ରାମୀ ପୁଣ୍ୟଶ୍ଳୋକ ନାରାୟଣ ସାହୁଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ 'ନାରାୟଣ ସାହୁ ସ୍ମୃତି କମିଟି' ଗଠନ କରାଯାଇଛି । ବିଶିଷ୍ଟ ପରିବେଶବିତ୍ ତଥା ଜନ ଆନ୍ଦୋଳନର ନେତା ପ୍ରଫୁଲ୍ଲ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସମ୍ପାଦକ ଦଣ୍ଡପାଣି ମହାପାତ୍ର ସମ୍ପାଦକ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ବରିଷ୍ଠ ଆଡ଼ଭୋକେଟ ଉଦୟ ନାଥ ପ୍ରଧାନ (କୋଦଳା), ଅବସରପ୍ରାପ୍ତ ପ୍ରଫେସର ଭଗ୍ନାରାଣୀ ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ସାହୁ, ବିଜୟ କୁମାର ସାହୁ, ଅଶୋକ କୁମାର ସାହୁ, ସୁରେନ୍ଦ୍ର ଶତପଥୀ, ଅଙ୍ଗାରଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ, ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଡ଼ା. ସୁରେନ୍ଦ୍ର ନାଥ ବାରିକ, ଗଦାଧର ପଣ୍ଡା, ଲକ୍ଷ୍ମୀପ୍ରିୟା ମହାନ୍ତି, ଦେବ ପ୍ରସାଦ ରାୟଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି । ଆଗାମୀ ଦିନରେ ଏହି କମିଟିକୁ କ୍ରିୟାଶିଳ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ସାହୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ମହିଳାଙ୍କ ଉପରେ ଚଢ଼ିଗଲା କାର୍

ଅସିକା, ୧୧/୦୫ (ଆ.ପ୍ର) : ଗଂଜାମ ଜିଲ୍ଲା ଅସିକା-ଭଞ୍ଜନଗର ମୁଖ୍ୟରାସ୍ତାର କେସରାପଲ୍ଲୀ ଛକରେ ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ୧୧ଟାରେ ବାରଣ୍ଡାରେ ଛିଡା ହୋଇ କଥା ହେଉଥିବା ବେଳେ ଏକ କାର ବେପରୁଆ ଭାବେ ମାଡ଼ି ଆସି ଧକ୍କା ଦେଇଥିଲା । ଏଥିରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ମୃତ ମହିଳା ହେଲେ ସଂଯୁକ୍ତା ବିଶୋୟୀ । ପୁଲିସ ଅଭିଯୁକ୍ତ ଡ୍ରାଇଭର ଭଞ୍ଜନଗରର ପି ବାଲାଜି ପାତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଦୁର୍ଘଟଣା ଘଟାଇଥିବା କାର (ଓଡ଼ି ୨୫ ପି ୯୫୯୫)କୁ ଜବତ କରିଥିବା ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି । ଗତକାଲି ରାତ୍ରି ପ୍ରାୟ ୧୧ ଘଂଟା ୧୦ ମିନଟ ବେଳେ ତପସ୍ୱିନି ପ୍ରଧାନ ଘର ବାହାରକୁ ଆସିଥିଲେ । ସଂଯୁକ୍ତା ବିଶୋୟୀ, ନମିତା ବିଶୋୟୀ ଗ୍ରାମର ଶିଖୁଲା ସ୍ୱାଇଁଙ୍କ ବାରଣ୍ଡାରେ ଛିଡା ହୋଇ କଥା ହେଉଥିବା ବେଳେ କାରଟି ଦ୍ରୁତଗତିରେ ଆସି ପ୍ରଥମେ ତପସ୍ୱିନୀଙ୍କୁ ଧକ୍କା ଦେଇଥିଲା ଓ ତାଙ୍କ ପରେ ସଂଯୁକ୍ତା ବିଶୋୟୀ, ନମିତା ବିଶୋୟୀଙ୍କୁ ଧକ୍କା ଦେଇଥିଲା ଦୁର୍ଘଟଣା ଏତେ ଜୋରରେ ଥିଲା ଘଟଣାସ୍ଥଳରେ ସଂଯୁକ୍ତାଙ୍କ ମୃତ୍ୟୁ ହୋଇଥିଲା । ତପସ୍ୱିନୀ ଓ ନମିତା ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ଅସିକାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଓ ସେଠାରୁ ଭୁବନେଶ୍ୱର ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି । ଏହା ପରେ ଗ୍ରାମବାସୀ ମୃତଦେହକୁ ରଖି ମୃତକ ଓ ଆହତଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଦାବିରେ ଜାତୀୟ ରାଜପଥ ୧୫୭କୁ କେସରାପଲ୍ଲୀରେ ଅବରୋଧ କରି ରଖିଥିଲେ । ପୁଲିସ ପହଁଚି ଲୋକଙ୍କୁ ବୁଝାସୁଝା କରିବା ପରେ ରୋଡ଼ ଅବରୋଧ ହଟିଥିଲା । ମୃତକଙ୍କ ପୁଅ ଅନିଲ କୁମାର ବିଶୋୟୀଙ୍କ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ଅସ୍ତରଙ୍ଗ ସମ୍ବାଦ ସାହିତ୍ୟ ଘରର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ, ଦୁଇ କବିଙ୍କ ପୁସ୍ତକ ଉନ୍ମୋଚନ

ଅସ୍ତରଙ୍ଗ,୧୧/୦୫ (ଆ.ପ୍ର) : ଅସ୍ତରଙ୍ଗ ସ୍ଥିତ ମା' ଜାଗୁଳେଇ ପଡିଆରେ ଆଜି ସମ୍ବାଦ ସାହିତ୍ୟଘର, ଅସ୍ତରଙ୍ଗ ଶାଖାର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ରବିନ୍ଦ୍ରନାଥ ମହାନ୍ତିଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଅରୁଣ କୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ମଙ୍ଗଳା ମହାବିଦ୍ୟାଳୟ କାକଟପୁରର ପୂର୍ବତନ ଅଧକ୍ଷ ଡ଼.ସନ୍ତୋଷ କୁମାର ମିଶ୍ର , ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଉପେନ୍ଦ୍ରନାଥ ବିଶ୍ୱାଳ, ଡ଼. ସିଦ୍ଧାର୍ଥଶଙ୍କର ମହାନ୍ତି, ସାହିତ୍ୟଘର ଉପଦେଷ୍ଟା ଅମୀୟ କୁମାର ପଟ୍ଟନାୟକ, ଦିବାକର ଛାଟୋଇ,ଅସ୍ତରଙ୍ଗ ପଂଚାୟତ ସମିତି ଉପାଧକ୍ଷ ଦୁର୍ଯ୍ୟୋୟ ମିଶ୍ର,ଅସ୍ତରଙ୍ଗ ସରପଂଚ ରାମଚନ୍ଦ୍ର କାଣ୍ଡି, ଶିଶୁ କବି ପର୍ଶୁରାମ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିବୃନ୍ଦ ମଂଚାସିନ ହୋଇଥିଲେ । ବିଶ୍ୱ ମାତୃ ଦିବସ ଅବସରେ ଦେଶାତ୍ମବୋଧକ ସଂଗୀତ ଗାନ ବେଳେ ସମସ୍ତେ ଭାରତ ମାତା ଓ ସମସ୍ତ ମାତୃ ଜାତିକୁ ସମ୍ମାନ ଜଣାଇଥିଲେ । ଏହି ଅବସରରେ ଅସ୍ତରଙ୍ଗ ସମ୍ବାଦ ସାହିତ୍ୟ ଘର ଆୟୋଜନରେ ଶିଶୁ ସାହିତ୍ୟିକ ତଥା କବି ପର୍ଶୁରାମ ସ୍ୱାଇଁ ପୁସ୍ତକ ଓ ଅସ୍ତରଙ୍ଗ ବ୍ଲକ ମୁଣ୍ଡହତା ଗ୍ରାମର କବିବର ସ୍ୱର୍ଗତ ଅଦୈତ ଚରଣ ମହାନ୍ତିଙ୍କ ସ୍ମରଣେ ଅନ୍ୟ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ସ୍ୱର୍ଗତ ମହାନ୍ତିଙ୍କ ଉଦେଶ୍ୟରେ ପୁସ୍ତକ ଉନ୍ମୋଚନ ବେଳେ ତାଙ୍କ ଜ୍ୟେଷ୍ଠ ପୁତ୍ର ଅନ୍ନଦା ମହାନ୍ତି ସମେତ ପରିବାର ବର୍ଗ ଉପସ୍ଥିତ ରହିଥିଲେ । ପରେ ମୁଖ୍ୟ ବକ୍ତା ଡ଼.ମିଶ୍ର ସାହିତ୍ୟ, ସଂସ୍କୃତି ଓ ଆମ ପରମ୍ପରା ଉପରେ ହୃଦୟସ୍ପର୍ଶୀ ଉଦ୍ବୋଧନ ଦେଇ ସମ୍ବାଦ ସାହିତ୍ୟ ଘରର ମୁଖ୍ୟ ପୁରୋଧା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ସାହିତ୍ୟର ଉଦୟ ଅଛି, ଅସ୍ତ ନାହିଁ, ସାହିତ୍ୟ ଅମର ଓ ସମାଜରେ ଅପସଂସ୍କୃତିର କଳା ବାଦଲ ଡାଙ୍କିବା ସେ କହିଥିଲେ । ପ୍ରଥମ ଅଧିବେଶନରେ ସାହିତ୍ୟ ଘର ସଭ୍ୟ ଓ ସଭ୍ୟାଙ୍କୁ ନେଇ ଏକ କବିତା ପାଠ ଉତ୍ସବ ହୋଇଥିଲା । ଏଥିରେ ରବୀନ୍ଦ୍ର ମହାନ୍ତି, ରବୀନ୍ଦ୍ରନାଥ ସାମନ୍ତରାୟ, ବିଜୟ କୁମାର ବିଶ୍ୱାଳ ସ୍ମୃତିରଞ୍ଜନ ସ୍ୱାଇଁ, ସହ ସମ୍ପାଦକ ଅଜିତ୍ କୁମାର ବିଶ୍ୱାଳ, ଟୁନିପ୍ରିୟା ସାହୁ, ଜୟନ୍ତୀ ସ୍ୱାଇଁ, ଅସ୍ତରଙ୍ଗ ହାଇସ୍କୁଲର ଛାତ୍ରୀ ଜିଜ୍ଞାସା ବେହେରା, କାଳିନ୍ଦୀ ଚରଣ ଛାଟୋଇ, ଉପେନ୍ଦ୍ରନାଥ ବିଶ୍ୱାଳ, ବିଦ୍ୟାବାଳା ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ପ୍ରଦୀପ୍ତ ତ୍ରିପାଠୀ ପ୍ରମୁଖ ହୃଦୟସ୍ପର୍ଶୀ କବିତାମାନ ପାଠ କରିଥିଲେ । ପରିଶେଷରେ ୨୦୨୩-୨୪ ମସିହା ହାଇସ୍କୁଲ ପରୀକ୍ଷାରେ ବ୍ଲକସ୍ତରୀୟ ଟପିୟାନ ୩ ଜଣ ଛାତ୍ରଙ୍କୁ କୁଳମଣି ସ୍ୱାଇଁ ସ୍ମୃତି ପୁରସ୍କାର ସ୍ୱରୂପ ଟ୍ରଫି, ମାନପତ୍ର ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ୨୦୨୩-୨୪ ମସିହାରେ ଅବସର ନେଇଥିବା ୯ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଅସ୍ତରଙ୍ଗ ପଂଚାୟତର ସରପଂଚ ରାମ ଚନ୍ଦ୍ର କାଣ୍ଡିଙ୍କୁ ଉତ୍ତମ ସେବା ପାଇଁ, ଉଚ୍ଚ ଶିକ୍ଷାଦାନ କ୍ଷେତ୍ରରେ ଏକ ମାଇଲ୍ ଖୁଂଟ ଅତିକ୍ରମ କରିବା ମହୋଦଧି ଏକାଡେମୀ କୋଣାର୍କର ମୁଖ୍ୟ ଶିକ୍ଷାବିତ ସୁବ୍ରଜିତ୍ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ବ୍ଲକସ୍ତରୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କବିତା ଆବୃତି ଏବଂ ନୃତ୍ୟ ଗୀତ ପ୍ରତିଯୋଗିତା ହୋଇଥିଲା । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସମ୍ବାଦ ସାହିତ୍ୟ ଘରର ସଂଗଠନ ସମ୍ପାଦକ ସତ୍ୟବ୍ରତ ଲେଙ୍କା, ସଂଯୋଜକ ବିପିନି ବିହାରୀ ଦାସ ଉପଦେଷ୍ଟା ନଟକିଶୋର ମହାନ୍ତି, ତପନ କୁମାର ସାହୁ, ନାରାୟଣ ବାରିକ, ସ୍ମୃତିରଞ୍ଜନ ସ୍ୱାଇଁ, ସନ୍ତୋଷ ନାୟକ, ବିଜୟ କୁମାର ବିଶ୍ୱାଳ , ଅକ୍ଷୟ କୁମାର ମୁଦୁଲି, କୋଷାଧକ୍ଷ ରମେଶ ଚନ୍ଦ୍ର ସ୍ୱାଇଁ, ଦିବାକର ନାୟକ ପ୍ରମୁଖ ସାହିତ୍ୟ ଘରର ଅନ୍ୟାନ୍ୟ ସଦସ୍ୟବୃନ୍ଦ ଯୋଗଦେଇଥିଲେ । ଏହି ଉତ୍ସବର ସଫଳତା ଦିଗରେ ଅସ୍ତରଙ୍ଗ ସବୁଜ ଶାଖା ଅନୁଷ୍ଠାନର ସମସ୍ତ ବୃନ୍ଦ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହି ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ ।କାର୍ଯ୍ୟକ୍ରମର ସମସ୍ତ ସହଯୋଗୀ ଓ ଶୁଭେଚ୍ଛୁକଙ୍କୁ ଅସ୍ତରଙ୍ଗ ସମ୍ବାଦ ସାହିତ୍ୟଘର ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ ଅତିଥି ପରିଚୟ, ବାର୍ଷିକ ବିବରଣୀ ପଠନ ସହିତ ମଂଚ ପରିଚାଳନା କରିଥିଲେ ।

ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫, ଅନୁଷ୍ଠିତ, ୨୬୨୦ଟି ମାମଲା ଫଇସଲା

ଭବାନୀପାଟଣା, ୧୧/୦୫ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୫ର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ତା ୧୦.୦୫.୨୦୨୫ ରିଖ (ଶନିବାର) ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶୁଭଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୧୧ ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ଟ. ୧,୬୧,୨୦,୦୦୦/- ପ୍ରଦାନ କରାଯାଇଥିଲା । ସେହିପରି ୨୭ଟି ଦେବାନୀ ମକଦ୍ଦମା ଫଇସଲା ହୋଇ ଟ. ୧,୪୫,୦୦୦ ସମାଧାନ କରାଯାଇଥିଲା । ବିଚାର ଯୋଗ୍ୟ ୨୩୦ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା ଏବଂ NI Act Cases (ଦଫା-୧୩୮) ୦୫ ଟି ଫଇସଲା କରାଯାଇ ଟ.୭୦,୮୦୦ /- ଆଦାୟ କରାଯାଇଥିଲା । ବିବାହ ଜନିତ ମକୋଦମା ୬ ଗୋଟି ଫଇସଲା କରାଯାଇଥିଲା । ରାଜସ୍ୱ ମକଦ୍ଦମା ୨୦୩୫ ଟି ଫଇସଲା କରାଯାଇ ଟ.୪,୬୪,୭୬୧ ଆଦାୟ କରା ଯାଇଥିଲା ଓ ୩୦୩ ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ଟ.୭୪,୦୪,୮୭୫ ଆଦାୟ କରାଯାଇଥିଲା । ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜଜ୍ ସୁଦିପ୍ତା ଦେହୁରି, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ କଳାହାଣ୍ଡି ଶୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ୍ (ମହିଳା ଅଦାଲତ) ରଶ୍ମିରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତି ସୁମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ । ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ଯଦୁମଣି ମିଶ୍ର, ରେଜିଷ୍ଟ୍ରାର ଚରଣଜିତ୍ ଓରାମ ପ୍ରମୁଖ ଉପସ୍ଥିତ ଥିଲେ ।

ଗ୍ୟାସ୍ ସିଲିଣ୍ଡର ଟାଙ୍କି ବୋଝେଇ ଟ୍ରକ୍ ଧକ୍କାରେ ଆଈ ମୃତ, ନାତୁଣୀ ଗୁରୁତର

ଠାକୁରମୁଣ୍ଡା, ୧୧/୦୫ (ଆ.ପ୍ର) : ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଗୋଡ଼ଭଙ୍ଗା ଘାଟିରେ ଆଜି ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ଆଈଙ୍କର ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ଗୁରୁତର ହୋଇଛନ୍ତି । ମହିଳାଙ୍କର ପୁଅ ମଧ୍ୟ ଗୁରୁତର ଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତ ମହିଳା ହେଲେ ଜ୍ୟୋତ୍ସ୍ନାରାଣି ମହାପାତ୍ର (୬୨) । ଗୁରୁତରମାନେ ହେଲେ ରବିନାରାୟଣ ମହାପାତ୍ର (୩୦) ଓ ସସ୍ମିତା ମିଶ୍ର (୨୩) । ଆୟୁର୍ବେଦ ଔଷଧ ଆଣିବାକୁ ଏକ ପରିବାରର ଲୋକେ ଯାଉଥିଲେ । ସେମାନେ ଗୋଡଭଙ୍ଗା ଘାଟିରେ ଯାଉଥିବା ବେଳେ ହଠାତ ବିପରୀତ ଦିଗରୁ ଆସୁଥିବା ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ ଧକ୍କା ଦେଇ ଚାଲିଯାଇଥିଲା । ଘଟଣାସ୍ଥଳରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଶାଳପଡ଼ା ଗ୍ରାମର ଜ୍ୟୋସ୍ନାରାଣି ମହାପାତ୍ର, ପୁଅ ରବିନାରାୟଣ ମହାପାତ୍ର, ବୋହୂ ମନୋସ୍ୱିନୀ ଦାଶ (୨୬), ଝିଅ ବିଶ୍ୱବିଜୟିନୀ ଦାଶ ଓ ନାତୁଣୀ (୩୦) ନାତୁଣୀ ସସ୍ମିତା ମିଶ୍ର ଏକ କାରରେ ଶାଳପଡ଼ାରୁ ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ଗ୍ରାମକୁ ଆୟୁର୍ବେଦ ଔଷଧ ଆଣିବାକୁ ଯାଉଥିଲେ । ସେମାନେ ଗୋଡଭଙ୍ଗା ଘାଟିରେ ଯାଉଥିବା ବେଳେ ହଠାତ ବିପରୀତ ଦିଗରୁ ଆସୁଥିବା ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ ଧକ୍କା ଦେଇ ଚାଲିଯାଇଥିଲା । ଘଟଣାସ୍ଥଳରେ ଜ୍ୟୋସ୍ନାରାଣି ମହାପାତ୍ରଙ୍କ ମୃତ୍ୟୁ ହୋଇଯାଇଥିଲା । ସସ୍ମିତା ମିଶ୍ରଙ୍କର କାନ୍ଧ ହାଡ଼ ଭାଙ୍ଗିଥିବା ବେଳେ ରବିନାରାୟଣ ମହାପାତ୍ରଙ୍କର ଛାତି ଏବଂ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି । ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି । ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ଓ ମହୁଲଡିହା ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିଥିବା ବେଳେ ଆହତମାନଙ୍କୁ ଆମ୍ବୁଲାନସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ପଠାଇଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ଫେରାର ଟ୍ରକ୍‌କୁ ଠାବ କରିବା ପାଇଁ ଛାନ୍‌ଭିନ୍ ଆରମ୍ଭ କରିଦେଇଛି । ଶାଳପଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

ଚମ୍ପୁଆ ଥାନା ନୂତନ ଥାନାଧିକାରୀଙ୍କ ଯୋଗଦାନ

ଚମ୍ପୁଆ, ୧୧/୦୫ (ଆ.ପ୍ର) : ଚମ୍ପୁଆ ଥାନାରେ ନୂତନ ଥାନାଧିକାରୀ ଭାବେ ରମାକାନ୍ତ ମୁଦୁଲି ଯୋଗ ଦେଇଛନ୍ତି । ଚମ୍ପୁଆ ଥାନାଧିକାରୀ ଦେବକୀ ନାଏକଙ୍କ କେନ୍ଦୁଝର ସଦରକୁ ବଦଳି ହେବା ପରେ କେନ୍ଦୁଝରରେ ଥିବା ରମାକାନ୍ତ ମୁଦୁଲିଙ୍କ ଚମ୍ପୁଆ ବଦଳି ହୋଇଛି । ଆଜି ସେ ଚମ୍ପୁଆ ଥାନାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜଣେ ଦକ୍ଷ ଅଧିକାରୀ ଭାବେ କୋରାପୁଟ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟ କରିଥିବା ଶ୍ରୀ ମୁଦୁଲିଙ୍କୁ ଆଜି ଦାୟିତ୍ୱ ଗ୍ରହଣ କରିବା ପରେ ଥାନା କର୍ମଚାରୀ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଅଭ୍ୟର୍ଥନା ଦିଆଯାଇଥିଲା । ଥାନା ପୁଲିସ୍ ସମିତି ବୈଠକକୁ ନିୟମିତ କରିବା ସହ ଜନସାଧାରଣ ଓ ପୁଲିସ୍ ମଧ୍ୟ ରେ ଥିବା ବ୍ୟବଧାନକୁ କମାଇ ଲୋକ ମାନଙ୍କୁ ଉଚିତ୍ ସେବା ପ୍ରଦାନ କରିବାକୁ ପ୍ରାଥମିକତା ଦେବାକୁ ଶ୍ରୀ ମୁଦୁଲି ସୂଚନା ଦେଇଛନ୍ତି ।

ନେକ୍ସ ସ ହେଲ୍ପ ଫାଉଣ୍ଡେସନର ପକ୍ଷରୁ ପାନୀୟ ଜଳ ବଂଟନ

ନିମାପଡା, ୧୧/୦୫ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନେକ୍ସସ ହେଲ୍ପ ଫାଉଣ୍ଡେସନର ମାର୍ଗଦର୍ଶକ, ସତ୍ୟ ପ୍ରସାଦ ବଡ଼ ଜେନା, ପ୍ରତୀକ୍ଷା ମାଝୀ, ମୁକେଶ ପଣ୍ଡା, ପଂଚି ଛୋଟରାୟ, ସତ୍ୟ ନାରାୟଣ ସାହୁ, ଫାଉଣ୍ଡେସନର ଫାଉଣ୍ଡର ସୁବ୍ରତ ମଲ୍ଲିକଙ୍କ ଆଦେଶ, କ୍ରମେ ଖୋଲାରରେ ନେକ୍ସ ସ ହେଲ୍ପ ଫାଉଣ୍ଡେସନର ପକ୍ଷରୁ ପାନୀୟ ଜଳ ବଂଟନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଅଛି । ଏହାକୁ ଫାଉଣ୍ଡେସନର ସଦସ୍ୟ ସମ୍ବିତ କୁମାର ମହାନ୍ତି ଉଦ୍ଘାଟନ କରିଥିଲେ । ଏହି ଜଳଛତ୍ରକୁ, ଫାଉଣ୍ଡେସନର, ସର୍ବଜିତ୍ ମିଶ୍ର, ଚନ୍ଦନ ମହାରଣା, ଗୋପାଳ ଭାରତୀ, ସଂଜିତ ଖଟୋଇ, ଦେବାଶିଷ ଦାସ, ରଜତ ପ୍ରଧାନ, ଜିବନ ଜ୍ୟୋତି ସାମନ୍ତ ସିଂହାର, ସନାତନ ଭାରତୀ,ସମିର୍ ଭାରତୀ ଏହାକୁ ପରିଚାଳାନା କରିଥିଲେ । ଗ୍ରୀଷ୍ମ ଲହରୀକୁ ଆଖି ଆଗରେ ରଖି ଏହି କାର୍ଯ୍ୟକ୍ରମ ଚାଲୁ ରହିଛି ।

ଚୌଦ୍ୱାରରେ ଜନତା ଧରିଲେ ଚୋର, ଥାନାରେ କିନ୍ତୁ ତଦନ୍ତ ଚାଲିଛି

ଟାଙ୍ଗୀ ଚୌଦ୍ୱାର, ୧୧/୦୫ (ଆ.ପ୍ର) : ଚୌଦ୍ୱାର ପୋଲିସ୍ର ନାଇଟ ପେଟ୍ରୋଲିଙ୍ଗ ଦୁର୍ବଳ ଥିବା ହେତୁ ଲୁଟିଆଙ୍କ ଭୂ ସ୍ୱର୍ଗ ପାଲିଟି ଯାଇଛି ଚୌଦ୍ୱାର ଆପଣମାନେ ଜାଣିଥିବେ ଗତ ଏପ୍ରିଲ ମାସ ୨୮ ତାରିଖ ରାତିରେ ଚୌଦ୍ୱାର ଥାନା ଅନ୍ତର୍ଗତ ମହାବୀର ବଜାର ଥିବା ସାଇ ଗାର୍ମେଂଟ ଓ ପାଖରେ ଥିବା ଆଉଏକ ଦୋକାନ ମୋଟ ଦୁଇଟି ଦୋକାନ ଉପର ସିଟ କାଟି ଟଙ୍କା ପଇସା ଓ କପଡ଼ା ଚୋରି ହୋଇଥିବା ଅଭିଯୋଗ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତି କରି ଚୌଦ୍ୱାର ପୋଲିସ୍ ତଦନ୍ତ ଜାରି ରଖିଥିବା ବେଳେ, ଗତକାଲି ଶନିବାର ରାତି ସମୟରେ ଚୌଦ୍ୱାର ବଧି ଶ୍ମଶାନ ପାଖରେ ୧୦, ୧୨ ଜଣ ପିଲା ମିଶି ଆଉ ଏକ ଚୋରି କରିବା ପାଇଁ ଯୋଜନା କରୁଥିବା ବେଳେ ସ୍ଥାନୀୟ କିଛି ଯୁବକ ସେମାନଙ୍କୁ ଧରି ନେଇଥିଲେ । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ ଅନ୍ୟ କିଛି ସେହି ସ୍ଥାନରୁ ଖସି ପଳାଇଥିଲେ । ସେହି ସ୍ଥାନରେ କାବୁ ହୋଇଥିବା ଚୋର ଆଗରୁ ବହୁତ୍ ଥର ଏମିତି ବିଭିନ୍ନ ଦୋକାନରୁ ଚୋରି କରିଥିବାର ମାନି ଥିଲେ ଏଥି ସହିତ ୨୮ତାରିଖ ରାତିରେ ହୋଇଥିବା ଚୋରିରେ ୮ ଜଣ ସାମିଲ ଥିବାର ମଧ୍ୟ ମାନିଥିଲେ । ଏହି ଚୋରଙ୍କର ବହୁତ୍ ବଡ ଗ୍ୟାଙ୍ଗ ଥିବାର ମଧ୍ୟ ସୂଚନା ଦେଇଥିଲେ । ଆଗରୁ ମଧ୍ୟ ବହୁତ୍ ଥର ଚୋରି କରି ଥାନାକୁ ଯାଇଥିବାର ମଧ୍ୟ ନିଜେ ମାନିଥିଲେ । ଏହା ପରେ ସ୍ଥାନୀୟ ଚୌଦ୍ୱାର ପୋଲିସ୍କୁ ଖବର ଦେଇ ଚୋର ମାନଙ୍କୁ ହସ୍ତାନ୍ତର କରିଥଲେ । ଘଟଣା ସ୍ଥଳରୁ (ଓ ଡି ୦୪ ପି ୯୩୬୨) ନମ୍ବରର ଏକ ପଲସର ବାଇକ୍ ମଧ୍ୟ ଜବତ କରିଛି ଚୌଦ୍ୱାର ପୋଲିସ୍ ଚୋରି ହେବା ଦିନଠୁ ଚୌଦ୍ୱାର ପୋଲିସ୍ ତଦନ୍ତ କରୁଛି ବୋଲି ଖାଲି ସୂଚନା ଦେଇ ଆସୁଥିବା ବେଳେ, ଚୋର ମାନଙ୍କୁ ଧରିବାରେ ଅସଫଳ । ହେଲେ ସ୍ଥାନୀୟ ଯୁବକ ମାନେ ଚୋର ମାନଙ୍କୁ ଧରି ଚୌଦ୍ୱାର ପୋଲିସ୍ କୁ ହସ୍ତାନ୍ତର କରିବା ପରେ ଚୋର ମୁହଁରୁ ସମସ୍ତ ସତ୍ୟ ସାମ୍ନାକୁ ଆସିଛି । ଏହା ପରେ ଦେଖିବାକୁ ବାକି ରହିଲା ଚୌଦ୍ୱାର ପୋଲିସ୍ ଏହି ଚୋର ଗ୍ୟାଙ୍ଗଙ୍କୁ ଧରିବାରେ ସଫଳ ହେଉଛି କି ନାହିଁ, ଚୌଦ୍ୱାର ପୋଲିସ୍ର ନାଇଟ ପେଟ୍ରୋଲିଙ୍ଗ ଢ଼ୋରର୍ଦାର ଥିବା ହେତୁ ଲୁଟିଆଙ୍କ ଭୂସ୍ୱର୍ଗ ପାଲିଟି ଯାଇଛି ଚୌଦ୍ୱାର ସଧାରଣ ଚା ଖଟିରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଗ୍ରାମ ପଂଚାୟତ ଉଚ୍ଚ ବିଦ୍ୟାଳୟର ୩ ଜଣ ସ୍କାଉଟ୍ ଓ ଗାଇଡ୍ ଛାତ୍ର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ

ନିମାପଡା,୧୧/୦୫ (ଆ.ପ୍ର) : ନିମାପଡା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ପଂଚାୟତ ଗ୍ରାମ ପଂଚାୟତ ଉଚ୍ଚ ବିଦ୍ୟାଳୟ ସାଇଲୋର ୩ଜଣ ସ୍କାଉଟ୍ ଓ ଗାଇଡ୍ ଛାତ୍ର ସେମାନଙ୍କର କୃତିତ୍ୱ ପାଇଁ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ସ୍କାଉଟ୍ ଓ ଗାଇଡ୍ ଶିକ୍ଷକ ଶିବଶଙ୍କର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ଦୁଇବର୍ଷଧରି ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଯଥା ସଫେଇ, ଜଳସେବା, ରୋଗୀସେବା, ବନ୍ୟାବିପନ୍ନଙ୍କୁ ସହାୟତା,ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରି ଅଂଚଳରେ ବେଶ ପ୍ରଶଂସା ସାଉଟିଛନ୍ତି । ଶିବ ସାର ପେଶାରେ ଜଣେ ଶିକ୍ଷକ କିନ୍ତୁ ତାଙ୍କର ନିଶା ଭାଗବତ, ରାମାୟଣ, ପ୍ରବଚନ ଦେବା ସହ ସେ ଜଣେ ଭଲ ପ୍ରବକ୍ତା ଅଟନ୍ତି । ଶିକ୍ଷକ ଶ୍ରୀ ଦାସଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁଁ ତାଙ୍କ ବିଦ୍ୟାଳୟର ୩ଜଣ ସ୍କାଉଟ ଓ ଗାଇଡ୍ ଛାତ୍ର ସ୍ମୃତି ରଂଜନ ପ୍ରଧାନ, ସତ୍ୟବ୍ରତ ବେହେରା,ଅରୂପାନନ୍ଦ ଖୁଂଟିଆ ରାଜ୍ୟ ପୁରସ୍କାର ପାଇଁ ମନୋନୀତ ହୋଇ ରାଜ୍ୟପାଳ ହରିବାବୁ କମ୍ଭମ୍ପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଏହି ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟପାଳଙ୍କ ସହିତ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସ୍କାଉଟ ଓ ଗାଇଡ୍ କମିଶନର ଡ.କାଳୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସଂଜୁକ୍ତା ମହାନ୍ତି, ଜିଲ୍ଲା ସ୍କାଉଟଗାଇଡ୍ ଅଧିକାରୀ ମହେନ୍ଦ୍ର ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ଓ ଅଂଚଳବାସୀ ସ୍କାଉଟ୍ ଓ ଗାଇଡ୍ ଶିକ୍ଷକ ଶିବ ସାରଙ୍କୁ ପ୍ରଶଂସା କରିବା ସହିତ ପୁରସ୍କାର ପାଇଥିବା ୩ଜଣ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଗକୁ ଆମ ବିଦ୍ୟାଳୟର ଅନେକ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀ ଭଲ ସ୍ୱେଚ୍ଛାକାର୍ଯ୍ୟ କରି ସରକାରଙ୍କ ଦ୍ୱାରା ପୁରସ୍କୃତ ହେବେ ବୋଲି ସ୍କାଉଟ ଓ ଗାଇଡ୍ ଶିକ୍ଷକ ଶିବ ସାର ପ୍ରକାଶ କରିଛନ୍ତି ।

ତେନ୍ତୁଳିଗୁଆଁରେ ବାରଦୋଳ ମେଳଣ ଅନୁଷ୍ଠିତ

ନିମାପଡା,୧୧/୦୫ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଥାନା ଅନ୍ତର୍ଗତ ତେନ୍ତୁଳିଗୁଆଁ ଗ୍ରାମର ଗ୍ରାମଦେବତୀ ମା' ଭଗବତୀ ଠାକୁରାଣୀଙ୍କ ପୀଠରେ ପବିତ୍ର ବୈଶାଖ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଭାଗବତ ବାସୁଦେବଙ୍କ ବାର ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି । ଏହି ପରମ୍ପରା ପ୍ରାୟ ୨ଶହ ବର୍ଷରୁ ଅଧିକ ସମୟ ଧରି ଚାଲିଆସୁଥିବା ଗ୍ରାମର ପ୍ରମୁଖ ଲୋକ ମତଦେଇଛନ୍ତି । ଏହି ମେଳଣରେ ଥାନପତି ଭାବେ ତେନ୍ତୁଳିଗୁଆଁର ଭାଗବତ ବାସୁଦେବଗାଦୀ,ତୁଳସୀପୁର, ସୁଧବାରିମୂଳ, ଶ୍ରୀକୋଇଲି, କଦଳୀବାରି, ସଇଦାବାଦ, ଆଟିକାପୁଟି, ମଧୁସୂଦନପୁର ଶାସନ, ବାଲୁକ ଆଦି ଗ୍ରାମରୁ ଠାକୁରମାନେ ସୁସଜ୍ଜିତ ବିମାନରେ ଘଣ୍ଟ, ଘଣ୍ଟା, ମୃଦଙ୍ଗ, କାହାଳୀ, ଶଙ୍ଖ ଆଦି ବାଦ୍ୟ ବଜାଇ ଆତସବାଜି ଫୁଟାଇ ବ୍ରହ୍ମମୁହୂର୍ତ୍ତରେ ଦୋଳ ବିମାନମାନେ ଆସି ମେଳଣ ପଡିଆଠାରେ ଭେଟ ହୋଇଥିଲେ, ଏହି ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମେଳଣ ପଡିଆରେ ଉପସ୍ଥିତ ହୋଇଥିଲେ । ପ୍ରଥମେ ତେନ୍ତୁଳିଗୁଆଁର ଠାକୁରଙ୍କ ବିମାନ ବାରଗାଦି ମଣ୍ଡପ ଉପରେ ବିରାଜମାନ କରିବାପରେ ଅନ୍ୟ ଠାକୁରମାନେ ବିରାଜମାନ କରନ୍ତି । ସକାଳୁ ଠାକୁରଙ୍କ ସ୍ନାନପରେ ପୂଜାର୍ଚ୍ଚନା କରାଯାଇ ଶ୍ରୀମଦ୍ ଭାଗବତ ଦ୍ୱାଦଶ ସ୍କନ୍ଧ ପାଠ କରାଯାଇଥିଲା । ସଂନ୍ଧ୍ୟାରେ ଆଳତୀ ଭୋଗରାଗ ସରିବା ପରେ ଦୋଳମାନେ ନିଜ ନିଜ ସ୍ଥାନକୁ ଫେରିଥିଲେ । ଏହି ଅବସରରେ ଏଠାରେ ଆଖପାଖ ଗ୍ରାମରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ବାରଦୋଳ ମେଳଣ ଦେଖିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋଜ୍ଞରି ଉପଭୋଗ କରିଥିଲେ ।

ପୁରୁଣା ସାମଗ୍ରୀକୁ ବାଂଟିଲେ ପୂର୍ବତନ ଅଧକ୍ଷ

ଦଶପଲ୍ଲା, ୧୧/୦୫ (ଆ.ପ୍ର) :ଯୁବ ଶକ୍ତିର ବିକାଶ ପାଇଁ ବିଗତ ବିଜେଡି ସରକାର ଅନେକ ପଦକ୍ଷେପ ମାନ ଗ୍ରହଣ କରିଥିଲେ । ଯୁବକ ମାନଙ୍କ ଶାରୀରିକ ବିକାଶ ପାଇଁ କ୍ରୀଡା ଏକ ଅପରିହାର୍ଯ୍ୟ ବିଷୟ ବୋଲି ହୃଦୟ ଙ୍ଗମ କରି 'ଆମ ଓଡିଶା ନବୀନ ଓଡିଶା 'ମାଧ୍ୟମରେ ବିଭିନ୍ନ ଖେଳ ଉପକରଣ ପ୍ରତି ପଂଚାୟତକୁ ପଠାଇଥିଲେ । ତେବେ ବହୁତ ବିଳମ୍ବ ହେଲେ ମଧ୍ୟ ରବିବାର ଦିନ ଦଶପଲ୍ଲା ବ୍ଲକ ଅନ୍ତର୍ଗତ କଳସାଖମଣି ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ପଂଚାୟତର ସମସ୍ତ ଗ୍ରାମର ଯୁବକ ସଂଘ ଗୁଡିକୁ 'ଆମ ଓଡିଶା-ନବୀନ ଓଡିଶା' ଯୋଜନା ର କ୍ରୀଡ଼ା ସାମଗ୍ରୀ ବଂଟନ କଲେ ଦଶପଲ୍ଲା ବ୍ଲକ ର ପୂର୍ବତନ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ । ବିଜେପି ସରକାରଙ୍କ ସମୟରେ ପୁରୁଣା ସାମଗ୍ରୀ ତଥା 'ଆମ ଓଡିଶା -ନବୀନ ଓଡିଶା 'ର ଖେଳ ସାମଗ୍ରୀକୁ ପୁରୁଣା ଲୋକ ତଥା ପୂର୍ବତନ ଅଧକ୍ଷ ବଂଟନ କଲେ । ହଉ ପୁରୁଣା ହେଲେ ମଧ୍ୟ ଖେଳ ସାମଗ୍ରୀ ଯୁବକ ସଙ୍ଘ ପାଇଲେ ।

ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଭଦ୍ରକ, ୧୧/୦୫ (ଆ.ପ୍ର) : ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲାକୋର୍ଟ, ଜଜାଙ୍କ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ଭାରପ୍ରାପ୍ତ ସଚିବ ଶ୍ରୀମତୀ ଅରୋଲିପି ପରିଜା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ । ମୋଟ ୨୧୫୪୭୪୩୩ ଟଙ୍କାରେ ୧୧୦୬ ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇ ଥିଲା । ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି, ଟ୍ରିବ୍ୟୁନାଲର ବିଚରାଧୀନ ଥିବା ୧୭ ଟି ମାମଲାର ୧୨୮୨୫୦୦୦ ଟଙ୍କାରେ, ୨୩ଟି ଚେକ ବାଉନ୍ସ, ପୁନଃଉଦ୍ଧାର ମାମଲା ୩୫୫୬୮୬୪ ଟଙ୍କାରେ, ୧୮ଟି ବୈବାହିକ ବିବାଦ, ୭୦୫ଟି ରାଜସ୍ୱ ମୋକଦ୍ଦମା ୧୩୪୫୬୮ ଟଙ୍କାରେ, ୪୮ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୩୪୬୭ଟି ବ୍ୟାଙ୍କ ଋଣ ମାମଲା, ୧୫୩୭୧୯୦ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ୍‌ର ଟେଲିଫୋନ ବିଲ ସମ୍ବନ୍ଧୟ ୧୪ ଟି ମାମଲା ୩୨୯୭୮ ଏବଂ ଟି ପି ଏନ ଓ ଡି ଏଲ (ବିଦ୍ୟୁତ) ୩୦ଟି ମାମଲାରେ ୩୬୪୮୧୩ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ଅଛି ।

ବଣାଇଁ ଯୁବମୋର୍ଚ୍ଚା ପକ୍ଷରୁ ଅପରେସନ ସିନ୍ଦୁର ବିଜୟ ଦିବସ ପାଳନ

ବଣାଇଁ, ୧୧/୦୫ (ଆ.ପ୍ର) : ଆଜି ବଣାଇ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ପଂଚାୟତ ଅଧିନରେ ମଧୁପୁର ଠାରେ ଗୌରୀ ନର୍ସିଂ ଟ୍ରେନିଂ ସେଂଟର ରେ ବଣାଇ ବିଜେପି ଯୁବମୋର୍ଚ୍ଚା ଏବଂ ଗୌରୀ ନର୍ସିଂ ଟ୍ରେନିଂ ସେଂଟରର ଛାତ୍ରି ମାନେ ବହୁ ଶାନ୍ତି ଶୃଙ୍ଖଳା ଓ ଚିତାକର୍ଷକ ଭାବେ ଅପରେସନ ସିନ୍ଦୁର ବିଜୟ ଧ୍ୱଜା ତ୍ରିରଙ୍ଗା ପତାକା ଉଡ଼ାଇ ବହୁ ଆଡମ୍ବରରେ ଅପରେସନ ସିନ୍ଦୁର ବିଜୟ ଦିବସ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବଣାଇ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିନାସ ବ୍ରହ୍ମଙ୍କ ନେତୃତ୍ୱରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ସାଂସଦ ଜୁଏଲ ଓରାମ, ବଣାଇ ରାଜକୁମାର ବିର କିଶୋର ଦେଓ, ବଣାଇ ଯୁବମୋର୍ଚ୍ଚା ସଭାପତି ଅଭୀନାସ ବ୍ରହ୍ମ ଏବଂ ଚେତନ ନାୟକ ପ୍ରମୁଖ ଯୋଗଦେଇଥିଲେ ତତ୍ ସହିତ ଗୌରୀ ନର୍ସିଂ ଟ୍ରେନିଂ ସେଂଟର ଡାଇରେକ୍ଟର ରାଜୁ ପ୍ରଷେଟ ଏବଂ କ.ଡାଇରେକ୍ଟର କବିତା ପ୍ରଷେଟ୍ ଯୋଗଦେଇ ବିଶେଷ ଭୂମିକା ଗ୍ରହଣ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥିଙ୍କୁ ଫୁଲମାନ ଦେଇ ତ୍ରିରଙ୍ଗା ପ୍ରଦର୍ଶନ କରି ଏକ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ପ୍ରମୁଖ ଭୂମିକା ଥିବାବେଳେ ଯୁବମୋର୍ଚ୍ଚାର ଶତାଧିକ ଯୁବ ନେତା ଓ କାର୍ଯ୍ୟକର୍ତା ଯୋଗଦେଇଥିଲେ ।

ରାୟଗଡା ଜିଲ୍ଲା ସିଭିଲକୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ରାୟଗଡ଼ା, ୧୧/୦୫ (ଆ.ପ୍ର) : ରାୟଗଡାରେ ରାଷ୍ଟ୍ରୀୟ ଲୋକଅଦାଲତରେ ୫୬୫୪ ଟି ମାମଲା ଫଇସଲା ହୋଇ ସେଟେଲମେଂଟ ବାବଦକୁ ୪୧,୯୮,୫୦୭ ଟଙ୍କା ଆଦାୟ ହୋଇଅଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା ତତ୍ତ୍ୱାବଧାନରେ ରାୟଗଡା ଜିଲ୍ଲା ସିଭିଲକୋର୍ଟ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ରାୟଗଡା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତ ରେ ଦୀର୍ଘ ଦିନ ଧରି ପଡିରହିଥିବା ୧୧୯ଟି ମାମଲାର ଫଇସଲା ହୋଇ, ସମୁଦାୟ ଟ. ୩୯,୫୨,୩୯୬-(ଅଣଚାଳିସ ଲକ୍ଷ ବାବନ ହଜାର ତିନି ଶହ ଛୟାନବେ) ଟଙ୍କାର ସେଟେଲମେଂଟ କରାଯାଇଅଛି । ସେହିପରି ରାଜସ୍ୱ ସମ୍ବନ୍ଧିତ ୫୫୨୮ଟି ମାମଲା ଫଇସଲା ହୋଇଅଛି ଓ ପ୍ରିଲିଟିଗେସନ ସମ୍ବନ୍ଧିତ ୭ ଟି ମାମଲାର ଫଇସଲା ହୋଇ ସମୁଦାୟ ଟ.୨,୪୬,୧୧୧/-(ଦୁଇ ଲକ୍ଷ ଛୟାଳିସ ହଜାର ସହେ ଏଗାର) ଟଙ୍କାର ସେଟେଲମେଂଟ କରାଯାଇଅଛି । ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ ଓଏଥିରେ ପରିବାର ଅଦାଲତର ବିଚାରପତି ଶ୍ରୀ ସଞ୍ଜିତ କୁମାର ବେହେରା, ମହିଳା କୋର୍ଟର ବିଚାରପତି ଶ୍ରୀମତି ସସ୍ମିତା ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ଶ୍ରୀ ଆଶିସ ପଟ୍ଟନାଏକ, ରେଜିଷ୍ଟ୍ରାର ଶ୍ରୀ ରାଣା ଘୋଷ୍, ଗ୍ରାମ ନ୍ୟାୟଧିକାରୀ, କୋଲନରା ଶ୍ରୀମତି ଜ୍ୟୋତିରମୟୀ ଷଡଙ୍ଗୀ, ଜେ.ଏମ୍.ଏଫ୍.ସି ଶ୍ରୀ ଚିଟିମିଲନ ପାତ୍ର, ଜେ.ଏମ୍.ଏସ.ସି ଏସ୍.ଆର ଡୋସାଳି, ରାୟଗଡା ବାର ଆସୋସିଏସନର ଆଇନଜୀବି ପ୍ରମୁଖ ଯୋଗଦେଇଥିଲେ । ଏହି ଲୋକ ଅଦାଲତ ଟିକୁ ସଫଳ କରିଥିବାରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ଜିଲ୍ଲାର ଜନସାଧାରଣ ତଥା ଆଇନଜୀବି ଓ ରାଜସ୍ୱ ବିଭାଗ ଓ ସରକାରୀ ଅଧିକାରୀ, ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ହାପି କ୍ଲାସେସ ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବରୀ, ୧୧/୦୫ (ଆ.ପ୍ର) : ବରୀ ନିର୍ବାଚନ ମଣ୍ଡଳୀରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତୀର୍ଣ୍ଣ ହୋଇଥିବା ଛାତ୍ରାଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି । ବରୀ ବ୍ଲକ ଅନ୍ତର୍ଗତ ଇଶାଣପୁରସ୍ଥିତ ହାପି କ୍ଲାସେସ ତରଫରୁ ଇଶାବରି ଗ୍ରାମୀଣ ପାର୍କ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ ଯୋଗଦେଇ ଏ-୧ରେ କୃତକାର୍ଯ୍ୟ ହୋଇଥିବା ଜିଜ୍ଞାସା ବିଶ୍ୱାଳ, ଅଙ୍କିତ ଅନୁରାଗ ପଣ୍ଡା, ଜୟଶ୍ରି ଦାସ, ସୌମ୍ୟଜିତ ଦାସ, ନିବେଦିତା ଦାସ, ଲକ୍ଷ୍ମୀପ୍ରିୟା ମଲିକ, ସାଗର ମୁହୁଲିଙ୍କୁ ମାନପତ୍ର, ଉତରୀୟ, ପୁଷ୍ପଗୁଚ୍ଛ ଓ ନଗଦ ଦୁଇ ହଜାର ହଜାର ଟଙ୍କା ପୁରସ୍କାର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ । ଏଥି ସହିତ ପିଲାମାନେ ପିତା ମାତା ଓ ଗୁରୁଙ୍କ କଥା ମାନି ପାଠ ପଢିଲେ ନିଶ୍ଚିତ ଭାବରେ ସଫଳତା ପାଇପାରିବେ ବୋଲି କହିବା ସହିତ ହାପି କ୍ଲାସେସ୍ କୋଚିଂ ସେଂଟରର ପରିଚାଳକ ହେମନ୍ତ ଜେନାଙ୍କ ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପାକିସ୍ତାନ ସୀମାରେ ଯୁଦ୍ଧ ଲଢୁଥିବା ଯବାନ ମାନଙ୍କ ମନୋବଳ ବଢ଼ାଇବା ଉଦ୍ଦେଶ୍ୟରେ ଭାରତ ମାତା କି ଜୟ ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା । ବିଦ୍ୟାଳୟର ନିର୍ଦ୍ଦେଶକ ଶରତ କୁମାର ଜେନା ମଂଚ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମକର ଚରଣ ଘଡାଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ସମାଜସେବୀ କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଯୋଧ୍ୟା ଜେନା, ସରପଂଚ ରେବତୀ ଜେନା, କୁନା ମଲିକ, ସଞ୍ଜୟ ସେଠି, ସମିତି ସଭ୍ୟ ଶ୍ରୀଧର ସେଠି, ପୂର୍ବତନ ସରପଂଚ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ଜେନା, ଇଶାଣପୁର ଉଚ୍ଚ ବିଦ୍ୟାଳୟର ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଟବର ଜେନା, ଭାଗବତ ଜେନା, ଅର୍ଜୁନ ଚରଣ ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ଶେଷରେ ଚିନ୍ତାମଣି ଜେନା ଧନ୍ୟବାଦ ଦେଇଥିଲେ ।

ସାନଜଲ ଗ୍ରାମରରେ ପୂର୍ବ ଶତ୍ରୁତାକୁ ନେଇ ହତ୍ୟା, ଗ୍ରାମବାସୀଙ୍କ ଦ୍ୱାରା ଅଭିଯୁକ୍ତ ଅଟକ

ବଣାଇଁ, ୧୧/୦୫ (ଆ.ପ୍ର) : ବଣାଇଁ ଉପଖଣ୍ଡ ଲହୁଣୀ ପଡା ବ୍ଲକ ମାହୁଲପଦା ଥାନା ଅନ୍ତର୍ଗତ ସାନଜଲ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ଘଟଣାରୁ ପ୍ରକାଶ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପଡୋଶୀର ଟାଙ୍ଗିଆ ଚୋଟରେ ଯାଇଛି ଜଣଙ୍କର ଜୀବନ । ଗତ କାଲି ରାତିରେ ସାନଜଲ ଗ୍ରାମର ବୋଳ ଦେହୁରୀ ଓ ପଡୋଶୀ ଶୁକ ଦେହୁରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ତିକ୍ତତା ଲାଗି ରହିଥିଲା । ଗତ ରାତି ଏହା ଉଗ୍ର ରୂପ ନେଇଥିଲା ଯାର ପରିଣାମ ସ୍ୱରୂପ ଶୁକ ଦେହୁରୀ ଏକ ଟାଙ୍ଗିଆରେ ବୋଳ ଦେହୁରୀକୁ ଆକ୍ରମଣ କରି ହତ୍ୟା କରିଥିଲା । ଘଟଣା ସ୍ଥଳରେ ତାର ମୃତ୍ୟୁ ହୋଇ ଯାଇଥିଲା । ଘଟଣା ଜଣାପଡିବା ପରେ ଗ୍ରାମବାସୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତ ଶୁକକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ । ମାହୁଲପଦା ପୋଲିସ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତକୁ ନିଜ ହେପାଜତରେ ରଖି ତଦନ୍ତ ଆରମ୍ଭ କରିଥିବା ଜଣା ପଡିଛି ।

ରିଲ୍ସ ସାଜିଲା କାଳ, ପୋଲ ଉପରୁ ଖସି ଟ୍ରକ୍ ଚାଳକଙ୍କ ମୃତ୍ୟୁ

ବଣାଇଁ, ୧୧/୦୫ (ଆ.ପ୍ର) : ରିଲ୍ସ ନିଶାରେ ପଡ଼ି ଅକାଳରେ ଝଡ଼ି ଯାଉଛି ଅନେକ ଲୋକଙ୍କ ଜୀବନ । ଏହା ପରେ ବି ଲୋକେ ରିଲ୍ସ କରିବା ଛାଡୁନାହାନ୍ତି । ଏଭଳି ଏକ ଘଟଣା ଶନିବାର ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍ କେ.ବଲାଙ୍ଗ ଅଂଚଳରେ ଦେଖିବାକୁ ମିଳିଛି । ଟ୍ରକ୍ ଛିଡ଼ା କରି ପୋଲ ଉପରେ ଛିଡ଼ା ହୋଇ ଚାଳକ ଜଣକ ମୋବାଇଲରେ ରିଲ୍ସ କରୁଥିବା ବେଳେ ଖସି ପଡ଼ି ପ୍ରାଣ ହରାଇଛନ୍ତି । ମୃତକ ଜଣକ ହେଲେ ସୁରେଶ କୁମାର ଓ ତାଙ୍କ ଘର ଉତରପ୍ରଦେଶରେ ସୂଚନା ମିଳିଛି । ଶନିବାର ସକାଳେ ରାଉରକେଲାରୁ କୋଇଡା ଅଭିମୁଖେ ଏକ ୧୮ ଚକିଆ ଖାଲି ଟ୍ରକ୍ (ଓଡି୧୬କେ ୭୧୭୧) ଚଳାଇ ସୁରେଶ ଆସୁଥିଲେ । କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ଜାତୀୟ ରାଜପଥ ନିକଟରେ ଥିବା ବୁନାଘାଟି ପୋଲ ଉପରେ ଗାଡ଼ି ଛିଡ଼ା କରିଥିଲେ । ପୋଲ ବାଡ଼ାରେ ଛିଡ଼ା ହୋଇ ମୋବାଇଲରେ ରିଲ୍ସ କରୁଥିବା ବେଳେ ଅସାବଧାନତା ଯୋଗୁଁ ପ୍ରାୟ ୭୦ ଫୁଟ୍ ତଳକୁ ଖସି ପଡ଼ିଥିଲେ । ଫଳରେ ତଳେ ଥିବା ପଥରରେ ତାଙ୍କ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିଥିଲା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଚାଳକ ଜଣକ ମୋବାଇଲରେ ରିଲ୍ସ କରୁଥିବା ସମୟରେ ଏଭଳି ଘଟଣା ଘଟିଥିବା ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ମୃତଦେହ ଜବତ କରି ଡାକ୍ତରଖାନାରେ ପୁଲିସ୍ ରଖିବା ସହ ପରିବାର ଲୋକଙ୍କୁ ଏ ନେଇ ସୂଚନା ଦିଆଯାଇଥିବା ଥାନାର ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ବେହେରା କହିଛନ୍ତି ।

ଖଣ୍ଡପଡ଼ା ସହରରେ ନୃସିଂହ ଜନ୍ମ ପାଳିତ

ଖଣ୍ଡପଡ଼ା, ୧୧/୦୫ (ଆ.ପ୍ର) : ଖଣ୍ଡପଡ଼ା ସହରର ରଥଗଡ଼ା ଛକ ସ୍ଥିତ ଶ୍ରୀ ନୃସିଂହ ମନ୍ଦିର ପରିସରରେ ପ୍ରଭୁ ନୃସିଂହଙ୍କ ପବିତ୍ର ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଠାକୁରଙ୍କୁ କ୍ଷୀର ଅଭିଷେକ, ଚନ୍ଦନ, କର୍ପୂର, ଅଗୁରରେ ମୁଖ ଓ ସର୍ବାଙ୍ଗ ଲେପ କରାଯାଇ ନୂଆ ବସ୍ତ୍ର ପିନ୍ଧାଇ ପୁଷ୍ପ ମାଳରେ ସୁମଣ୍ଡିତ କରାଯାଇଥିଲା । ହୋମଯଜ୍ଞ ପାଠକରାଯାଇ ବାଳଭୋଗ ଲାଗି ପୂଜାର୍ଚ୍ଚନା କରାଯାଇଥିଲା । ଏଥି ସହିତ ମନ୍ଦିର ଚୂଡାରେ ନୂତନ ବାନା ବନ୍ଧା ଯାଇଥିଲା । ସକାଳେ ଓ ସନ୍ଧ୍ୟାରେ ଶହଶହ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ଼ ଲାଗିଥିଲା । ଦିନରେ ଠାକୁରଙ୍କ ପାଖରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଇଥିବା ବେଳେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ମନ୍ଦିର ପୂଜକଙ୍କ ଠାରୁ ପ୍ରକାଶ । ଏଥି ସହିତ ଖଣ୍ଡପଡ଼ା ସହରର ବେବର୍ତା ସାହିରେ ପୂଜା ପାଉଥିବା ନୃସିଂହଙ୍କ ଠାରେ ସମସ୍ତ ନୀତୀକାନ୍ତି ସହକାରେ ନୃସିଂହ ଜନ୍ମ ପାଳିତ ହୋଇଯାଇଛି ।

ବାଇକ- ପିକଅପ ମୁହାଁମୁହିଁ ଧକ୍କା: ଜଣେ ମୃତ ଦୁଇ ଗୁରୁତର

ଉମରକୋଟ, ୧୧/୦୫ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଉମରକୋଟରୁ ରାଇଘରକୁ ସଂଯୋଗ କରୁଥିବା ରାସ୍ତାର ବୁର୍ଜା ଛକ ନିକଟରେ ବାଇକ ଓ ପିକଅପ ଭ୍ୟାନ ମୁହାଁମୁହିଁ ଧକ୍କା ଫଳରେ ଜଣେ ମୃତ ଦୁଇ ଗୁରୁତର ହୋଇଥିବାର ସୂଚନା ରହିଛି । ଝରିଗାଁ ବ୍ଲକ ଚିତାବେଡା ପଂଚାୟତର ସଣ୍ଡସା ଗ୍ରାମର ପର୍ଶୁ ଗୌଡ଼ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ପିକଅପ ଭ୍ୟାନଟି ପରିବା ନେବା ପାଇଁ ରାଇଘରଠାରୁ ଉମରକୋଟ ଅଭିମୁଖେ ଆସୁଥିଲା । ଅନ୍ୟପଟେ ବାଇକ ଚାଳକ ରାଇଘର ଅଭିମୁଖେ ଯାଉଥିଲେ । ଦୁର୍ଘଟଣା ପରେ ପିକଅପ ଭ୍ୟାନଟି ରାସ୍ତାରେ ଓଲଟି ପଡ଼ିଥିଲା । ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲା ଯେ ମୃତ ବାଇକ ଚାଳକ ପର୍ଶୁ ଗୌଡ଼ଙ୍କ ଗୋଟିଏ ବାମ ଗୋଡ଼ ଓ ବାମ ହାତ ଛିଣ୍ଡି ଯାଇଥିଲା । ଅନ୍ୟ ଦୁଇଜଣ ଗୁରୁତର ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ତେବେ ପିକ ଅପ ଚାଳକ ଫେରାର ଅଛନ୍ତି । ସୂଚନା ଅନୁଯାୟୀ ପିକଅପ ଭ୍ୟାନଟି ପରିବା ନେବା ପାଇଁ ରାଇଘରଠାରୁ ଉମରକୋଟ ଅଭିମୁଖେ ଆସୁଥିଲା । ଅନ୍ୟପଟେ ବାଇକ ଚାଳକ ରାଇଘର ଅଭିମୁଖେ ଯାଉଥିଲେ । ଦୁର୍ଘଟଣା ପରେ ପିକଅପ ଭ୍ୟାନଟି ରାସ୍ତାରେ ଓଲଟି ପଡ଼ିଥିଲା । ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲା ଯେ ମୃତ ବାଇକ ଚାଳକ ପର୍ଶୁ ଗୌଡ଼ଙ୍କ ଗୋଟିଏ ବାମ ଗୋଡ଼ ଓ ବାମ ହାତ ଛିଣ୍ଡି ଯାଇଥିଲା । ଅନ୍ୟ ଦୁଇଜଣ ଗୁରୁତର ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ତେବେ ପିକ ଅପ ଚାଳକ ଫେରାର ଅଛନ୍ତି ।

ଭଦ୍ରକ ଲାୟନ୍ସ କ୍ଲବ ପକ୍ଷରୁ ଥଣ୍ଡା ପାନୀୟ ବଂଟନ କାର୍ଯ୍ୟକ୍ରମ

ଭଦ୍ରକ, ୧୧/୦୫ (ଆ.ପ୍ର) : ଗତ କିଛି ଦିନ ଧରି ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ନାହିଁ ନ ଥିବା ଗ୍ରୁଲ୍ଗୁଳି ଭଦ୍ରକର ଜନ ଜୀବନକୁ ଅସ୍ତ ବ୍ୟସ୍ତ କରିଦେଇଥିବା ବେଳେ ପୌର ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଜଳ ଛତ୍ର ଅନେକ ସ୍ଥାନରେ ଠପ ହୋଇଯାଇଛି । କେବଳ ଯାହା ବନ୍ତ ଛକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କିଛି ମହିଳା କିଛି ସମୟ ପାଇଁ ଧର୍ମକୁ ଆଖିଠାର ଭଳି ଜଳ ବାଂଟୁଥିବା ବେଳେ ପ୍ରତି ବର୍ଷ ଭଳି ଭଦ୍ରକ ଲ୍ୟାନ୍ସ କ୍ଲବ ସାଧାରଣ ପଥଚାରୀଙ୍କ ପାଇଁ ଥଣ୍ଡା ଦହି ସର୍ବତ, ପୁଦିନା ପାଣି, ଲେମ୍ବୁ ପାଣି ଓ ଜଳଜିରା ଭଳି ଶୀତଳ ପାନୀୟର ସୁ ବନ୍ଦୋବସ୍ତ କରିଛି ସହରର ନୂଆ ବଜାର ଥାନା ଛକ ସ୍ଥିତ ସୁଭଦ୍ରା ସୋ ରୁମ ସମ୍ମୁଖରେ । ଏହି ଜଳ ଛତ୍ରକୁ ସ୍ଥାନୀୟ ଯୁବ ବିଧାୟକ ସିତାଂଶୁ ମହାପାତ୍ର ନିଜେ ଶୁଭ ଉଦଘାଟନ କରିବା ସହ ତୃଷ୍ଣାର୍ତ୍ତଙ୍କ ଶୋଷ ମେଂଟାଇ ଥିଲେ । ଏବଂ ଏଭଳି ସେବା ଓ ସମର୍ପଣ ମନୋବୃତିର ମହତ କାର୍ଯ୍ୟକୁ କ୍ଲବର କର୍ମକର୍ତାମାନେ ବାଛିଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଲ୍ୟାନ୍ସ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର-୨ ଅଶୋକ ମହାନ୍ତି, ପିଡ଼ିଜି ପ୍ରକାଶ ଜେନା, ନିରଞ୍ଜନ ଲାଲ ଗୁପ୍ତା, ଅଶୋକ ପଟ୍ଟନାୟକ, ଶରତ ମହାନ୍ତି, ପ୍ରୀତିରଞ୍ଜନ ଦାସ, ଅଜୟ ଦାସ, ହରମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ଥାଇ ଏହା ଦୀର୍ଘ ଏକ ମାସ ଧରି ଲୋକଙ୍କୁ ସେବା ଯୋଗାଇବା ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ବିଶିଷ୍ଟ କଳାକାର କେଶବ ଚରଣ ପଣ୍ଡାଙ୍କ ସ୍ମୃତିଚାରଣ ସଭା ଓ ଦ୍ୱାଦଶାହ କ୍ରିୟା

ଧାମନଗର, ୧୧/୦୫ (ଆ.ପ୍ର) : କଳା ଓ କଳାକାରମାନଙ୍କ ମାଟି ବନ୍ଧଟିଆ, ଭଦ୍ରକ ଜିଲ୍ଲାରେ ଲୋକକଳା ଗ୍ରାମର ମାନ୍ୟତା ପାଇଛି । ଯାତ୍ରା ହେଉ ଅଥବା ଲୋକକଳା ହେଉ ସବୁ ବର୍ଗର କଳାକାର ଏହି ଗ୍ରାମରେ ଭରପୁର ରହିଛନ୍ତି ।କଳାକୁ ଜୀବନର ପେଷା ଭାବରେ ଗ୍ରହଣକରି କେଶବ ପଣ୍ଡା ଖୁବ୍ ବାଲ୍ୟକାଳରୁ ନିଜ ଗ୍ରାମରେ ଗଢ଼ିଉଠିଥିବା ସ୍ୱର୍ଗତ କୃଷ୍ଣପ୍ରସାଦ ବେହେରାଙ୍କ ଦଳରେ ନିଜର ଅଭିନୟ ପରାକାଷ୍ଠା ପ୍ରଦର୍ଶନପୂର୍ବକ ପରବର୍ତୀ ସମୟରେ ବହୁ ଅଭିଯାତ୍ୟପୂର୍ଣ୍ଣ ଅପେରା ଦଳରେ ଯୋଗଦାନକରି ଏକ ଚର୍ଚ୍ଚିତ ଅଭିନେତା ଭାବରେ ସମଗ୍ର ରାଜ୍ୟରେ ନିଜର ପରିଚୟ ସୃଷ୍ଟିକରିପାରିଥିଲେ । ସୁସାହିତ୍ୟିକ ଅର୍ଜୁନ ପଣ୍ଡାଙ୍କ ସଭାପତିତ୍ୱରେ ଦ୍ୱାଦଶାହ କ୍ରିୟା ଓ ସ୍ମୃତିଚାରଣ ସଭାରେ ଅଭିନେତା ବିନୋଦ ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ସଭାରେ ବହୁ ବିଶିଷ୍ଟ କଳାକାର, କବି ଓ ସାହିତ୍ୟିକ ମାନେ ସ୍ୱର୍ଗତ ପଣ୍ଡାଙ୍କ ଗୁଣାବଳୀ ବିଷୟରେ ସ୍ମୃତିବକ୍ତବ୍ୟ ପ୍ରଦାନ କରିଥିଲେ । ଧାମନଗର ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଭଦ୍ରକ ଟୁନିବାଳା ବିଶ୍ୱାଳ, ସମିତ ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ପୂଜ୍ୟପୂଜା ସଂସଦର ସଭାପତି ଅଜୟ ସାମଲ, ଶିକ୍ଷାବିତ ରାମଚନ୍ଦ୍ର ସାହୁ, ହେମେନ୍ଦ୍ର ମହାନ୍ତି, କଣ୍ଠଶିଳ୍ପୀ ମନୋଜ ଭୂୟାଁ, ବିଜେଡି ଯୁବନେତା ଭାରତ ବିଜୟ ଦଳେଇ, ସଂଦୀପ ସ୍ୱାଇଁ, କଳାକାର କାଳନ୍ଦୀ ମଲିକ, ପଦ୍ମଲୋଚନ ପଣ୍ଡା, ଉଦ୍ଧବ ରାଉତ, ବିଷ୍ଣୁ ରାଉତ ଏବଂ ପରିବାର ତରଫରୁ ସ୍ୱର୍ଗତ ପଣ୍ଡାଙ୍କ ଏକମାତ୍ର ପୁତ୍ର ତପନ ପଣ୍ଡା, ଝିଆଙ୍କ ଉର୍ମିଳା-ସଞ୍ଜୟ ଓ ପ୍ରଶାନ୍ତି-ସୁଧାକର,ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ବକ୍ତବ୍ୟ ପ୍ରଦାନ କରିଥିଲେ । କଳାସଂସ୍କୃତି ସଂଘର ଉପସଭାପତି ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜୟ କୁମାର ଉପାଧ୍ୟାୟ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର, ୧୧/୦୫ (ଆ.ପ୍ର) : ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ସ୍ମୃତି ପରିଷଦ ପକ୍ଷରୁ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ ତମ ଜୟନ୍ତୀ ସମାରୋହରେ ଜିଲ୍ଲା ଓ ବ୍ଲକ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଓ ସଂଗୀତା ଦାସ ସଭା ସଂଯୋଜନା କରୁଥିବା ବେଳେ ପରିଷଦର ସମ୍ପାଦକ ତଥା ନାଟ୍ୟକାରଙ୍କ ସୁପୁତ୍ର ସରୋଜ କୁମାର ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ତିର୍ତୋଲ ବିଧାୟକ ପ୍ରଫେସର ଡ଼ଃ ରମାକାନ୍ତ ଭୋଇ ଯୋଗଦେଇ ଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅବସରପ୍ରାପ୍ତ ପ୍ରାପ୍ତ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ, ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଥିଲେ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଥିବା ଧୃତି ସୁନ୍ଦର ସ୍ୱାଇଁ ଓ ରଘୁନାଥପୁର ବ୍ଲକରେ ସର୍ବୋଚ୍ଚ ନମ୍ବର ରଖଥିବା ସୂର୍ଯ୍ୟକାନ୍ତ ଜେନା ଓ ଜଗତସିଂହପୁର ବ୍ଲକ ଟପର ହୋଇଥିବା ସ୍ୱୟଂକାନ୍ତ ମିଶ୍ର ଓ ସୁସ୍ମିତା ରାଉତଙ୍କୁ ମାନପତ୍ର, ସ୍ମୃତି ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପରିଷଦର କୋଷାଧ୍ୟକ୍ଷ ରବି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

କଲ୍ୟାଣସିଂହପୁର ଠାରେ ବିଜେପି ଦଳର ସାଂଗଠାନିକ ବୈଠକ ସହ ମିଶ୍ରଣ ପର୍ବ ଅନୁଷ୍ଠିତ

ରାୟଗଡ଼ା, ୧୧/୦୫ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ନାରାୟଣପୁର ପଂଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବିଜେପି ଦଳର ସାଂଗଠାନିକ ବୈଠକ ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିଜେପି ସଂଘଠନ ମନ୍ତ୍ରୀ ଶ୍ରୀ ମାନସ ମହାନ୍ତି ଯୋଗ ଦେଇ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଦଳର ବିଜୟୀ ପାଇଁ ଦଳୀୟ କର୍ମକର୍ତାଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ ଏହା ସହ କଂଗ୍ରେସ ବିଜେଡ଼ି ବିଏସପି ଦଳ ଛାଡ଼ି ଅନେକ କାର୍ଯ୍ୟକର୍ତା ବିଜେପି ଦଳର ବିଚାରଧାରାରେ ଅନୁପ୍ରାଣିତ ହୋଇ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରୁ ମାଝିଗୁଡ଼ା ପଂଚାୟତରୁ ବରିଷ୍ଠ କର୍ମୀ ବ୍ରଜ ସୁନ୍ଦର ରଥଙ୍କ ନେତୃତ୍ୱରେ ହରିହର ମିଶ୍ର, କାଳିଆ ଦାସ, ପଦ୍ମନ ତ୍ରିପାଠୀ, କେଦାର ମିଶ୍ର ସୁନାଖଣ୍ଡି ପଂଚାୟତର ବିନାୟକ କୁଲିସିକା, ରାମରାଓ କୁଲିଶିକା ଓ କେଶରୀ ଭତ୍ରା ନେତୃତ୍ୱରେ ସଞ୍ଜୟ ବାଗ, ଘାସିରାମ କୁଲିସିକା, ଗୋପୀ ହୁଇକା, ମାଲେସ ରାଓ, ନବଘନ ସିତ୍ରଆନ୍, ଅଭି ଚୌଧୁରୀ, ତ୍ରିନାଥ ଦଳେଇ, କାଳିଆ କୁଲିସିକା, ଦିନବନ୍ଧୁ କାଡ୍ରାକା, ଚନ୍ଦ୍ର ଶେଖର ଭତ୍ରା, ଧାମୁଣି ପାଙ୍ଗା ପଂଚାୟତରୁ କାମେଶ୍ୱର କରକରିଆ, ସୁନଖଣ୍ଡି ପଂଚାୟତରୁ ତ୍ରିନାଥ ଦଳାଇ ଏବଂ ଶିକରପାଇ, ସିଙ୍ଗାରି, କଲ୍ୟାଣସିଂହପୁର ତଥା ବ୍ଲକ୍‌ର ବିଭିନ୍ନ ପଂଚାୟତରୁ କାର୍ଯ୍ୟକର୍ତା ମିଶ୍ରଣ ପର୍ବରେ ସାମିଲହୋଇଥିଲେ ତାଙ୍କୁ ବିଷମକଟକ ନିର୍ବାଚନ ମଣ୍ଡଳର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା, ଜିଲ୍ଲା ସଭାପତି ଗୋପୀ ଆନନ୍ଦ ବରିଷ୍ଟ, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଶିବ ଶଙ୍କର ଉଲାକା, କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ ପାଣିଗ୍ରାହୀ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏହି ସମୟରେ କଲ୍ୟାଣସିଂହପୁର ମଣ୍ଡଳର ଅନେକ ପଦାଧିକାରୀ କୃଷ୍ଣ ସାମଲ, ସନ୍ଦୀପ ଗୁଣ୍ଟୁଲା, ଶିବ ଅଚାରି, ଅଶ୍ୱିନୀ ମହାପାତ୍ର, ସନ୍ତୋଷ କୁମାର ବଛା, ସୁରେନ୍ଦ୍ର କୌଶଲ୍ୟା, ନକୁଳ ବେହିଆ ଏବଂ ସିକରପାଇ ମଣ୍ଡଳର ବରିଷ୍ଠ କର୍ମୀ ବାବୁରାଓ ଯାଡି, ମୋନକ କୁମାର୍ ସେଠୀ, ଜଗନ୍ନାଥ, ଚନ୍ଦ୍ର ଶେଖର ଓ ଦଳୀୟ ଅନେକ କର୍ମକର୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

ପାକିସ୍ତାନରେ ହମଲାକୁ ଦେଖି ଖେଳାଳୀ ଭୟଭୀତ

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ଭାରତ ଏବଂ ପାକିସ୍ତାନ ଉଭୟ ଯୁଦ୍ଧବିରତି ଉପରେ ସହମତ ହୋଇଛନ୍ତି । ପୂର୍ବରୁ ଉଭୟ ପାର୍ଶ୍ୱରୁ ମିଡାଇଲ ମାଡ କରାଯାଇଥିଲା ଏବଂ ବହୁତ ବୋମାମାଡ଼ ହୋଇଥିଲା । ଏହି ସମୟରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ତଥା ୨୦୨୫ ସ୍ଥଗିତ ରଖିବା ଘୋଷଣା କରିଥିଲା । ନିକଟରେ, ଯେତେବେଳେ ବିଦେଶୀ କ୍ରିକେଟର୍ ପାକିସ୍ତାନରୁ ଉଡାଣ ଭରିବା ପରେ ଦୁବାଇ ବିମାନବନ୍ଦରରେ ଅବତରଣ କଲେ, ପରେ ବାଂଲାଦେଶୀ ଖେଳାଳି ରିଶାଦ ହୁସେନ ତାଙ୍କର ଯନ୍ତ୍ରଣା ପ୍ରକାଶ କରିଥିଲେ । ସେ କହିଥିଲେ ଯେ କିପରି ତାଙ୍କ ଦେଶର କ୍ରିକେଟର ନାହିଦ ରାଣା ଥରିବାକୁ ଲାଗିଲେ । ସେ ଏପରି ଜଣେ କ୍ରିକେଟରଙ୍କ ବିଷୟରେ କହିଲେ ଯିଏ କହିଛନ୍ତି କେବେ ବି ପାକିସ୍ତାନ ମାଟିରେ ପାଦ ଦେବେ ନାହିଁ । ଦୁବାଇ ବିମାନବନ୍ଦରରେ ଅବତରଣ କରିବା ପରେ, ରିଶାଦ ହୁସେନ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ କହିଥିଲେ, 'ସାମ୍ ବିଲିଙ୍ଗସ୍, ଡେରିଲ୍ ମିଚେଲ୍, କୁସଲ୍ ପରେରା, ଡେଭିଡ୍ ୱିସ୍ ଏବଂ ଟମ୍ କରାନ୍ ସମେତ ସମସ୍ତ ଖେଳାଳି ଭୟଭୀତ ହୋଇଯାଇଥିଲେ । ଦୁବାଇରେ ଅବତରଣ କରିବା ପରେ, ଡାରିଲ୍ ମିଚେଲ୍ ମୋତେ କହିଥିଲେ ଯେ ସେ ଆଉ କେବେ ପାକିସ୍ତାନ ଯିବେ ନାହିଁ, ବିଶେଷକରି ଏପରି ସଙ୍କଟ ସମୟରେ ନୁହେଁ ।'

ଏହି କ୍ରିକେଟର କାନ୍ଦିବାକୁ ଲାଗିଲେ ରିଶାଦ ହୁସେନ ଏହା ମଧ୍ୟ କହିଥିଲେ ଯେ ଯେତେବେଳେ ଟମ୍ କରନ ଜାଣିବାକୁ ପାଇଲେ ଯେ ପାକିସ୍ତାନର ବିମାନବନ୍ଦର ବନ୍ଦ ହୋଇଯାଇଛି, ସେ ଛୋଟ ପିଲାଙ୍କ ପରି କାନ୍ଦିବାକୁ ଲାଗିଲେଏବଂ ତାଙ୍କୁ ଶାନ୍ତ କରିବା ପାଇଁ ୨-୩ ଜଣଙ୍କର ଆବଶ୍ୟକତା ଥିଲା । ବାଂଲାଦେଶ ଖେଳାଳି ରିଶାଦ ହୁସେନ ମଧ୍ୟ କହିଛନ୍ତି ଯେ ଦୁବାଇରେ ଅବତରଣ କରିବା ପରେ, ତାଙ୍କୁ ଖବର ମିଳିଥିଲା ଯେ ତାଙ୍କ ବିମାନ ପାକିସ୍ତାନ ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର ୨୦ ମିନିଟ୍ ପରେ ବିମାନବନ୍ଦର ଉପରେ ଆକ୍ରମଣ ହୋଇଛି । ମୃତ୍ୟୁ ଠାରୁ ମାତ୍ର ୨୦ ମିନିଟ୍ ଦୂରରେ ଥିବାରୁ, ରିଶାଦ ହୁସେନ କହିଥିଲେ ଯେ ଦୁବାଇ ଆସିବା ପରେ ତାଙ୍କୁ ଦ୍ୱିତୀୟ ଜୀବନ ମିଳିଥିବା ଭଳି ଅନୁଭବ ହୋଇଥିଲା । ଭାରତର ଗୋଟିଏ ଡ୍ରୋନ ରାୱାଲପିଣ୍ଡି ଷ୍ଟାଡିୟମର ୧୦୦ ମିଟର ଦୂରରେ ମାଡ଼ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଏହି ଘଟଣା ପରେ ପାକିସ୍ତାନ ସୁପର ଲିଗର ଭବିଷ୍ୟତକୁ ନେଇ ଆଶଙ୍କା ଦେଖାଯାଇଛି । ଆଜି ରାୱଲପିଣ୍ଡି ଷ୍ଟାଡିୟମରେ ପେଶୱର ଜାଲିମ ଓ କରାଚି କିଙ୍ଗସ ମଧ୍ୟରେ ମୁକାବିଲା ଥିଲା । କିନ୍ତୁ ପିଏସ୍ଏଲର ଏହି ମ୍ୟାଚ୍‌କୁ ଭାରତର ଡ୍ରୋନ ଷ୍ଟ୍ରାଇକ ପରେ ରଦ୍ଦ କରି ଦିଆଯାଇଛି । ସେହିପରି ପିଏସଏଲରେ ବାକି ଥିବା ମ୍ୟାଚଗୁଡ଼ିକ ଏଣିକି କରାଚି, ଦୋହା ଓ ଦୁବାଇରେ ଖେଳାଯିବ ବୋଲି ପିସିବି ସଙ୍କେତ ଦେଇଛି । ବୁଧବାର ଯାଏ ପିଏସ୍ଏଲ ଆୟୋଜନକୁ ନେଇ ପିସିବି ବଦନ୍ଦୋବସ୍ତି କରୁଥିଲା । ଭାରତ ସହ ତିକ୍ତତା ଚାଲିଥିଲେ ହେଁ ପିଏସଏଲ ପାକିସ୍ତାନରେ ଅନୁଷ୍ଠିତ ହେବ ବୋଲି ପିସିବି କହିଥିଲା । ହେଲେ ଆଜି ଡ୍ରୋନ ଷ୍ଟ୍ରାଇକ ପରେ ପାକିସ୍ତାନର ସ୍ୱର ବଦଳି ଯାଇଛି । ଜଣେ ପୂର୍ବତନ କ୍ରିକେଟର କହିଛନ୍ତି, "ରାୱଲପିଣ୍ଡିରେ ହେବାକୁ ଥିବା ପିଏସଏଲର ଗୋଟିଏ ମ୍ୟାଚ୍‌କୁ ଆକ୍ରମଣ ପରେ ବାତିଲ କରାଯାଇଛି । ଆକ୍ରମଣ ପରେ ବିଦେଶୀ ଖେଳାଳି ପୂରା ସ୍ତବ୍ଧ । ଏବେ ଅଧିକାଂଶ ଖେଳାଳି ଯଥା ଶୀଘ୍ର ପାକିସ୍ତାନ ଛାଡ଼ିବାକୁ ଚାହୁଁଛନ୍ତି । ପିସିବି ଏହା ଉପରେ ସରକାରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବ ।"ପାକିସ୍ତାନ ମିଡିଆର ରିପୋର୍ଟ ଅନୁସାରେ, ପିସିବି ପକ୍ଷରୁ ଗୁରୁବାର ପିଏସଏଲର ସମସ୍ତ ଫ୍ରାଂଚାଇଜଙ୍କୁ ନେଇ ଗୋଟିଏ ବୈଠକ ଲାହୋରର ଗଦାଫି ଷ୍ଟାଡିୟମରେ ଆୟୋଜନ କରାଯାଇଛି । ଏହି ବୈଠକରେ ପିଏସ୍ଏଲରେ ବାକି ଥିବା ମ୍ୟାଚ୍‌ଗୁଡ଼ିକର ଭବିଷ୍ୟତ ଉପରେ ନିଷ୍ପତ୍ତି ନିଆଯିବ । ବର୍ତ୍ତମାନର ସ୍ଥିତିକୁ ଦେଖି ପିସିବି ପିଏସଏଲର ମ୍ୟାଚଗୁଡ଼ିକୁ ବିଦେଶକୁ ସ୍ଥାନାନ୍ତର କରିବାକୁ ଲକ୍ଷ୍ୟ ରହିଛି । ସେହିପରି ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ ମଧ୍ୟ ଦୁବାଇରେ ଆୟୋଜନ କରିବାକୁ ଚିନ୍ତା କରୁଛି ।

କେବେ ସରିବ ଆଇପିଏଲ ୨୦୨୫ !

ସବୁ ଦଳକୁ ବଡ଼ ଆଦେଶ ଦେଲା ବିସିସିଆଇ

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା କମିବା ପରେ ଭାରତୀୟ କ୍ରିକେଟ୍ ବୋର୍ଡ(ବିସିସିଆଇ) ପୁଣି ଥରେ ଆଇପିଏଲ୍ ୨୦୨୫ ପୁନଃ ଆରମ୍ଭର ପ୍ରସ୍ତୁତିରେ ଲାଗି ଯାଇଛି । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ଉପୁଜିବା କାରଣରୁ ମେ ୯ ତାରିଖରେ ଆଇପିଏଲ୍‌କୁ ସପ୍ତାହେ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା । ଏହା ପରେ ଖେଳାଳି ନିଜ ନିଜ ଦେଶକୁ ଫେରି ଯାଇଛନ୍ତି । ଟୁର୍ଣ୍ଣାମେଣ୍ଟରେ ୧୨ ଲିଗ୍ ମ୍ୟାଚ୍ ଓ ଚାରୋଟି ପ୍ଲେ ଅଫ୍ ମ୍ୟାଚ୍ ବାକି ରହିଛି । ବିସିସିଆଇ ଯଥା ଶୀଘ୍ର ନୂଆ କ୍ରୀଡ଼ାସୂଚୀର ଘୋଷଣା କରିବ ।ଏହାକୁ ନେଇ ଏକ ସଦ୍ୟତମ ଖବର ସାମ୍ନାକୁ ଆସିଛି । ରିପୋର୍ଟ ଅନୁଯାୟୀ, ବୋର୍ଡ ସବୁ ଦଳକୁ ମେ ୧୩ ତାରିଖ ସୁଦ୍ଧା ଖେଳାଳିଙ୍କୁ ଏକତ୍ର କରିବାକୁ ଆଦେଶ ଦେଇଛି । ୧୮ତମ ସିଜିନର ଉଦଯାପନୀ ମ୍ୟାଚ୍ ମେ ୨୫ ହେବାର ଥିଲା, ଯେଉଁଥିରେ ପରିବର୍ତ୍ତନ କରାଯିବାର ସମ୍ଭାବନା କମ ରହିଛି । ବୋର୍ଡ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଟୁର୍ଣ୍ଣାମେଣ୍ଟ ସାରିବା ପାଇଁ ଡବଲ ହେଡର ମ୍ୟାଚ୍‌ର ଆୟୋଜନ କରିପାରେ । ଉଲ୍ଲେଖନୀୟ ଗୁରୁବାର ବ୍ଲାକଆଉଟ୍ କାରଣରୁ ଧର୍ମଶାଳାରେ ଖେଳା ଯାଉଥିବା ପଞ୍ଜାବ କିଙ୍ଗ୍ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ରଦ୍ଦ କରାଯାଇଥିଲା । ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ବିସିସିଆଇ ମଙ୍ଗଳବାର ସୁଦ୍ଧା ନିଜର ଦଳଗୁଡ଼ିକୁ ନିଜ ନିଜର ଆୟୋଜନ ସ୍ଥଳରେ ପହଂଚିବାକୁ କୁହାଯାଇଛି । ପଞ୍ଜାବର ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ସ୍ଥାନରେ ଖେଳାଯିବ, ତେଣୁ ଏହି ଦଳର ଆୟୋଜନ ସ୍ଥଳ ଘୋଷଣା କରାଯିବା ବାକି ରହିଛି । ବୋର୍ଡ ମେ ୨୫ ତାରିଖରେ ଟୁର୍ଣ୍ଣାମେଣ୍ଟ ସାରିବା ପାଇଁ ଅଧିକ ଡବଲ ହେଡର ମ୍ୟାଚ୍ କରିବାକୁ ଯୋଜନା କରିପାରେ । ଏ ନେଇ ଆଜି ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ମଧ୍ୟରେ ବୈଠକ ହେବାକୁ ଯାଉଛି । ବିସିସିଆଇର ଉପ ସଭାପତି ରାଜୀବ ଶୁକ୍ଳା କହିଛନ୍ତି, ଯୁଦ୍ଧ ଥମି ଯାଇଛି । ବିସିସିଆଇ ପଦାଧିକାରୀ, ଅଧିକାରୀ ଓ ଆଇପିଏଲ୍ ସଂଚାଳନ ପରିଷଦ ରବିବାର ବୈଠକ କରି ଆଇପିଏଲ ପୁନଃ ଆରମ୍ଭ ଉପରେ ନିଷ୍ପତ୍ତି ନେବେ । କୁହାଯାଉଥିଲା ଯେ, ଚେନ୍ନାଇ, ବେଙ୍ଗାଲୁରୁ କିମ୍ବା ହାଇଦ୍ରାବାଦ ପରି ଦକ୍ଷିଣ ଭାରତର କୌଣସି ସହରରେ ଆଇପିଏଲ ଅବଶିଷ୍ଟ ମ୍ୟାଚ୍ ଖେଳା ଯାଇପାରେ । ହେଲେ ଏବେ ଉତ୍ତେଜନା କମି ଯାଇଥିବାରୁ ନୂଆ କାର୍ଯ୍ୟସୂଚୀ ସହ ଭେନ୍ୟୁର ଘୋଷଣା ଶୀଘ୍ର ହୋଇପାରେ ।

ଭାରତୀୟ ସେନାର ଧମକ ରାଓ୍ୱଲପିଣ୍ଡି ପର୍ଯ୍ୟନ୍ତ ଶୁଭିଥିଲା : ରାଜନାଥ

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ଉତ୍ତର ପ୍ରଦେଶ ପ୍ରତିରକ୍ଷା ଶିଳ୍ପ କରିଡରର ଲକ୍ଷ୍ନୌ ନୋଡ୍‌ରେ ବିଶ୍ୱର ସବୁଠାରୁ ଧ୍ୱଂସକାରୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର 'ବ୍ରହ୍ମୋସ'ର ଉତ୍ପାଦନ ୟୁନିଟ୍ ଉଦଘାଟନ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତର ଏହି ପ୍ରଥମ ମିଳିତ ପ୍ରତିରକ୍ଷା ପ୍ରକଳ୍ପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ । 'ଅପରେସନ ସିନ୍ଦୂର' ସମ୍ପର୍କରେ ମଧ୍ୟ ରାଜନାଥ ସିଂହ ସୂଚନା ଦେଇ କହିଛନ୍ତି, ଭାରତୀୟ ସେନା ସାହସ, ବୀରତ୍ୱ ଏବଂ ସଂଯମତା ପ୍ରଦର୍ଶନ କରିଛି । ଅନେକ ପାକିସ୍ତାନୀ ସାମରିକ ଘାଟି ଉପରେ ଆକ୍ରମଣ କରି ପାକିସ୍ତାନକୁ ଉଚିତ ଜବାବ ଦେଇଛି । ଆମେ କେବଳ ସୀମା ନିକଟରେ ଥିବା ସାମରିକ ଘାଟିଗୁଡ଼ିକୁ ଆକ୍ରମଣ କରିନାହୁଁ, ବରଂ ପାକିସ୍ତାନ ସେନାର ମୁଖ୍ୟାଳୟ ରାଓ୍ୱଲପିଣ୍ଡି ପର୍ଯ୍ୟନ୍ତ ଭାରତୀୟ ସେନାର ଧମକ

ପହଂଚିପାରିଛି । ଭାରତରେ ଆତଙ୍କବାଦୀ ଘଟଣା ଘଟିବା ଏବଂ ଘଟାଇବାର ପରିଣାମ କ'ଣ ହୁଏ ତାହା ଉରି ଘଟଣା ପରେ ସାରା ବିଶ୍ୱ ଦେଖିଥିଲା, ଯେତେବେଳେ ଆମ ସେନା ପାକିସ୍ତାନରେ ପ୍ରବେଶ କରି ସର୍ଜିକାଲ୍ ଷ୍ଟ୍ରାଇକ୍ କରିଥିଲା । ଏହା ବ୍ୟତୀତ ପୁଲୱାମା ଘଟଣା ପରେ ଯେତେବେଳେ ବାଲାକୋଟରେ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା ତାହା ମଧ୍ୟ ସାରା ବିଶ୍ୱ ଦେଖିଥିଲା । ଏବେ ପହଲଗାମ ଘଟଣା ପରେ ବିଶ୍ୱ ଦେଖୁଛି, ଭାରତ କେମିତି ପାକିସ୍ତାନ ଭିତରେ ପଶି ଅନେକ ଷ୍ଟ୍ରାଇକ୍ କରିଛି । ଆତଙ୍କବାଦ ବିରୁଦ୍ଧରେ ଜିରୋ ଟଲରେନ୍ସ ନୀତି ଆପଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି ଯେ, ଏହା ନୂତନ ଭାରତ । ସୀମାର ଉଭୟ ପାର୍ଶ୍ୱରେ ଆତଙ୍କବାଦଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଯେଉଁ ଭାରତ ବିରୋଧୀ ଏବଂ ଆତଙ୍କବାଦୀ ସଂଗଠନ ଭାରତ ମାତାର ମସ୍ତକରେ ଆକ୍ରମଣ କରି ଅନେକ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ଦେଇଥିଲେ ସେମାନଙ୍କୁ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଭାରତୀୟ ସେନା ନ୍ୟାୟ ଦେଇଛି । ଏଥିପାଇଁ ଆଜି ସାରା ଦେଶ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଉଛି ।

ଗାଜାରେ ଇସ୍ରାଏଲର ଏୟାରଷ୍ଟ୍ରାଇକ: ୨୩ ମୃତ

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ଗାଜା ଷ୍ଟ୍ରିପରେ ହମାସ ବିରୁଦ୍ଧରେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଶନିବାର ଇସ୍ରାଏଲ ଦ୍ୱାରା ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କରାଯାଇଥିଲା । ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ, ଏହି ଆକ୍ରମଣରେ ଅତି କମରେ ୨୩ ଜଣ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ଘଟିଛି । ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ୨୩ ଜଣଙ୍କ ମୃତଦେହ ହସ୍ପିଟାଲକୁ ଅଣାଯାଇଛି । ଏଥିରେ ପାଂଚ ଜଣଙ୍କ ପରିବାରର ମୃତଦେହ ରହିଛି । ଏହି ହମଲା ଅସ୍ଥାୟୀ ଘର ଉପରେ କରାଯାଇଥିଲା । ଏହା ପୂର୍ବରୁ ଶୁକ୍ରବାର ମଧ୍ୟ ଜାବାଲିଆର ଉତ୍ତର ଅଂଚଳ ଉପରେ ଆକ୍ରମଣ କରିଥିଲା ଇସ୍ରାଏଲ । ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ୪ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲୀ ସେନା କହିଛି ଯେ ଶୁକ୍ରବାର ରାତିରେ ଗାଜା ସହରର ଶିଜାୟାହରେ ଏକ ସର୍ଚ୍ଚ ଅପରେସନ ସମୟରେ ଏକ ବିସ୍ଫୋରକ ଉପକରଣ ଦ୍ୱାରା ଏହାର ୯ ଜଣ ସୈନିକ ସାମାନ୍ୟ ଆହତ ହୋଇଥିଲେ ଏବଂ ସେମାନଙ୍କୁ ଇସ୍ରାଏଲୀ ହସ୍ପିଟାଲକୁ ନିଆଯାଇଥିଲା । ମାର୍ଚ୍ଚ ୧୮ ତାରିଖରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଦୁଇ ମାସ ଧରି ଚାଲିଥିବା ଅସ୍ତ୍ରବିରତି ଚୁକ୍ତିନାମା ରଦ୍ଦ ହୋଇଥିଲା । ଏହା ପରେ, ଇସ୍ରାଏଲ ପୁଣି ଗାଜାରେ ଆରମ୍ଭ କଲା ହମ୍‌ଲା । ଇସ୍ରାଏଲୀ ସ୍ଥଳସେନା ଗାଜାର ଅଧାରୁ ଅଧିକ ଅଂଶ କବଜା କରିଛନ୍ତି । ଇସ୍ରାଏଲୀ ସେନା ଉତ୍ତର ଗାଜା ଏବଂ ଦକ୍ଷିଣ ସହର ରାଫାର କିଛି ଅଂଶରେ ସର୍ଚ୍ଚ ଅପରେସନ ଚଳାଇଛି ।

ସିଜ୍‌ଫାୟାର ଉପରେ ପ୍ରଶ୍ନ ଉଠାଇଲେ ଓବେସୀ

ହାଇଦ୍ରାବାଦ,୧୧/୦୫(ନ୍ୟୁ.ଏ):ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରାମ ପାଇଁ ସହମତି ହୋଇଯାଇଛି । ତେବେ ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓବେସୀ ଏହି ସିଜଫାୟାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି । କହିଛନ୍ତି ଯେଉଁ ପର୍ଯ୍ୟନ୍ତ ପାକିସ୍ତାନ ନିଜ ମାଟିକୁ ଭାରତ ବିରୋଧରେ ଆତଙ୍କବାଦ ପ୍ରସାର ପାଇଁ ବ୍ୟବହାର କରୁଥିବ ସେ ପର୍ଯ୍ୟନ୍ତ ସ୍ଥାୟୀ ଶାନ୍ତି ସମ୍ଭବ ନୁହେଁ । ସେ କହିଛନ୍ତି ସିଜଫାୟାର ହେଉ କି ନ ହେଉ ପହଲଗାମ ଆକ୍ରମଣ ଲାଗି ଦାୟୀ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବା ଦରକାର । ଓବେସୀ ଭାରତୀୟ ସେନା ଓ ସରକାରଙ୍କୁ ସମର୍ଥନ କରି କହିଛନ୍ତି ଯେ ମୁଁ ସର୍ବଦା ବାହ୍ୟ ଆକ୍ରମଣ ବିରୋଧରେ ସରକାର ଓ ସଶସ୍ତ୍ର ବଳଙ୍କ ସହିତ ଛିଡା ହୋଇଛି ଓ ଏହା ଆଗକୁ ମଧ୍ୟ ଜାରି ରହିବ । ମୁଁ ଆମ ସେନାର ବାହାଦୂରୀ ଓ ଅଦ୍ୱିତୀୟ କୌଶଳକୁ ଉଚ୍ଚ ପ୍ରଶଂସା କରୁଛି । ସେହିପରି ଶହିଦ ଜବାନ ଏମ. ମୁରଲୀ ନାୟକ, ଏଡିସିସି ରାଜକୁମାର ଥାପାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି । ଏହାଛଡା ସଂଘର୍ଷରେ ପ୍ରାଣ ହରାଇଥିବା ଓ ଆହତ ହୋଇଥିବା ନାଗରିକଙ୍କ ନିମନ୍ତେ ପ୍ରାର୍ଥନା କରୁଛି । ଯୁଦ୍ଧବିରାମ ଯୋଗୁ ସୀମାବର୍ତ୍ତୀ କ୍ଷେତ୍ରର ଲୋକଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଆଶାବ୍ୟକ୍ତ କରିଛନ୍ତି, ତେବେ ଏଥି ପାଇଁ ସରକାରଙ୍କୁ ୪ଟି ପ୍ରଶ୍ନ କରିଛନ୍ତି । ଏଥିରେ ସେ ପ୍ରଥମ ପ୍ରଶ୍ନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କରିଛନ୍ତି । ପଚାରିଛନ୍ତି ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ବଦଳେ ଏକ ବିଦେଶୀ ଦେଶର ରାଷ୍ଟ୍ରପତି ସଂଘର୍ଷ ବିରାମର ଘୋଷଣା କାହିଁକି କଲେ ? ସେ କହିଛନ୍ତି ଯେ ୧୯୭୨ ଶିମଲା ବୁଝାମଣା ପରଠାରୁ ଭାରତ ସର୍ବଦା ତୃତୀୟ ପକ୍ଷ ହସ୍ତକ୍ଷେପର ବିରୋଧ କରିଆସିଛି, ଏଥିରେ ଆମେ ଏବେ ଏହାକୁ ସ୍ୱୀକାର କଲେ କାହିଁକି ? ମୁଁ ଆଶା କରୁଛି କାଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟ କରଣ ହେବ ନାହିଁ, କାରଣ ଏହା ଆମର ଆଭ୍ୟନ୍ତରିକ ମାମଲା । ସେହିପରି ଦ୍ୱିତୀୟ ପ୍ରଶ୍ନଟି ହେଲା ଏହି ସମ୍ବେଦନଶୀଳ କ୍ଷେତ୍ରରେ ଆଲୋଚନା ଲାଗି କାହିଁକି ପ୍ରସ୍ତୁତ ହେଲେ ? ଏହି ସବୁ ବାର୍ତ୍ତାର ଏଜେଣ୍ଡା କଣ ହବ ? ତୃତୀୟ ପ୍ରଶ୍ନ ଟି ହେଲା ଆମେରିକା ଏ କଥାର ଗ୍ୟାରେଣ୍ଟି ଦେବ କି ଭବିଷ୍ୟତରେ ପାକିସ୍ତାନ ନିଜ ମାଟିରୁ ପୁଣି ଆତଙ୍କବାଦକୁ ପ୍ରୋତ୍ସାହନ ଦେବନିତ ? ସେହିପରି ଚତୁର୍ଥ ପ୍ରଶ୍ନରେ ଆମେ ପାକିସ୍ତାନକୁ ଭବିଷ୍ୟତର ଆତଙ୍କବାଦୀ ଆକ୍ରମଣରୁ ରୋକିବା ଲାଗି ଆମ ଲକ୍ଷ୍ୟରେ ସଫଳ ହୋଇଛେ ? ନା କେବଳ ସିଜଫାୟାର ଆମର ଉଦ୍ଦେଶ୍ୟ ଥିଲା ବୋଲି ପ୍ରଶ୍ନ କରିଛନ୍ତି ।

ଆହୁରି ଉଗ୍ର ହେବ କି' ରୁଷ- ୟୁକ୍ରେନ ଯୁଦ୍ଧ !

କିଭ୍‌କୁ ମିସାଇଲ ଯୋଗାଇବ ଆମେରିକା



ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ଯୁଦ୍ଧ ଶେଷ କରିବା ପାଇଁ ରୁଷ ରାଷ୍ଟ୍ରପତି ୟୁକ୍ରେନ ସହ ସିଧା କଥାବାର୍ତ୍ତା କରିବାକୁ ପ୍ରସ୍ତାବ ରଖିଛି ୟୁକ୍ରେନ । ଯାହା ପରେ ୩ ବର୍ଷରୁ ଅଧିକ ସମୟ ଧରି ଲାଗିରହିଥିବା ସଂଘର୍ଷ ବନ୍ଦ ହେବ ନେଇ ଆଶା ସଂଚାର ହୋଇଛି । ହେଲେ କିନ୍ତୁ ଟ୍ରମ୍ପ ପ୍ରଶାସନ ପୁଣି ଥରେ ଏଥିରେ ଘିଅ ଢାଳିବା କାମ କରିଛି । ରୁଷ-ୟୁକ୍ରେନର ସିଜଫାୟାର ବାର୍ତ୍ତା ମଧ୍ୟରେ ବଡ଼ କଣ୍ଟା ସାଜିଛି । ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁସାରେ, ଆମେରିକା ଜର୍ମାନ ଭଣ୍ଡାରରୁ ୟୁକ୍ରେନକୁ ୧୦୦ ପ୍ୟାଟ୍ରିୟଟ ଏୟାର- ଡିଫେନ୍ସ ମିସାଇଲ ଏବଂ ୧୨୫ ଲମ୍ବା ଦୂରତାର ଆର୍ଟିଲରୀ ରକେଟ ଦେବାକୁ ମଞ୍ଜୁରୀ ଦେଇଛି । ଆମେରିକାର ଏହି ପଦକ୍ଷେପ ପରେ ପୁଣି ଥରେ ଶାନ୍ତି ବାର୍ତ୍ତାକୁ ଧକ୍କା ଲାଗିଛି । ସୂଚନାଥାଉକି, ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କୀ ଦୀର୍ଘ ଦିନରୁ ଅଧିକ ଦୂରତାର ମିସାଇଲ ଏବଂ ପ୍ୟାଟ୍ରିୟଟ ସିଷ୍ଟମର ଦାବି କରିଆସୁଥିଲେ । ସେ ନିକଟରେ ହିଁ କହିଥିଲେ ଯେ, କିଭ ଆମେରିକା ହତିଆର ଉପରେ ୩୦-୫୦ ବିଲିୟନ ଡଲାର ଖର୍ଚ୍ଚ କରିବା କିମ୍ବା ଉତ୍ପାଦନ ଲାଇସେନ୍ସ ପ୍ରାପ୍ତ କରିବା ପାଇଁ ପ୍ରସ୍ତୁତ ଏବଂ ସେ ନିଜ ସରକାରଙ୍କୁ ପ୍ୟାଟ୍ରିୟଟ ଡିଲ୍‌କୁ ଆଗକୁ ବଢ଼ାଇବାର ନିର୍ଦ୍ଦେଶ ଦେଇଛନ୍ତି । ଏହାର ପ୍ରତି ୟୁନିଟର ଖର୍ଚ୍ଚ ୧ ବିଲିୟନ ଡଲାରରୁ ଅଧିକ ଆଉ ଏହାକୁ ସଂଚାଳିତ କରିବା ପାଇଁ ପ୍ରାୟ ୯୦ କର୍ମୀଙ୍କ ଆବଶ୍ୟକ ହୋଇଥାଏ । ଜାନୁଆରୀରେ ଶାସନକୁ ଆସିବ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ପାଇଁ ନୂଆ ସୈନ୍ୟ ସହାୟତାକୁ ମଞ୍ଜୁରୀ ଦେଇନଥିଲେ । ଏବେ ଯେତେବେଳେ ରୁଷ ଏହି ସଙ୍କେତ ଦେଇଛି ଯେ ସେ ୟୁକ୍ରେନ ଠାରୁ ବିନା ଆମେରିକାର ଅଙ୍କାରାରେ କଥାବାର୍ତ୍ତା କରିବାକୁ ଚାହୁଁଛି, ସେତେବେଳେ ଟ୍ରମ୍ପ ଏହାକୁ ମଞ୍ଜୁରୀ ଦେଇଛି । ଖବର ମୁତାବକ ବାଇଡେନ ପ୍ରଶାସନର ସମୟରେ ମିଳିଥିବା ହତିଆର ଶେଷ ହୋଇଆସିଲାଣି । ଟ୍ରମ୍ପ ୟୁକ୍ରେନକୁ ହତିଆର ଦେବାରେ ରୁଚିଦେଖାଇନଥିଲେ । ଯାହା ପରେ ୟୁରୋପ ସହଯୋଗୀଙ୍କ ଠାରୁ ସହାୟତା ମିଳିଥିଲା । ଏବେ ଟ୍ରମ୍ପ ଶାନ୍ତି ଆଶାରେ ୟୁକ୍ରେନକୁ ୧୦୦ ପାଟ୍ରିଏଟ ଏୟାର-ଡିଫେନ୍ସ ମିସାଇଲ ଏବଂ ୧୨୫ ଲମ୍ବ ଦୂରତାର ଆର୍ଟିଲରୀ ରକେଟ ସପ୍ଲାଇକୁ ମଞ୍ଜୁରୀ ଦେଇଛନ୍ତି ।

ଟ୍ରମ୍ପଙ୍କ ପ୍ରସ୍ତାବ ଉପରେ ଭାରତର ରୋକ୍‌ଠୋକ୍ ଜବାବ

ନୂଆଦିଲ୍ଲୀ,୧୧/୦୫(ନ୍ୟୁ.ଏ):ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ ପାଇବା ପରେ ରବିବାର ସକାଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ବୟାନ ଦେଇଥିଲେ । ସେ କହିଥିଲେ ଯେ, ଶାନ୍ତି ସ୍ଥାପନ ପରେ ମୁଁ ଭାରତ ଓ ପାକିସ୍ତାନ ସହ ବସି କାଶ୍ମୀର ପ୍ରସଙ୍ଗର ସମାଧାନ ପାଇଁ ଆଲୋଚନା କରିବାକୁ ପ୍ରସ୍ତୁତ । ଆଉ ଭାରତ ସ୍ପଷ୍ଟ ଭାବେ ଜଣାଇ ଦେଇଛି ଯେ, କାଶ୍ମୀର ପ୍ରସଙ୍ଗରେ କୌଣସି ତୃତୀୟ ପକ୍ଷର ଆବଶ୍ୟକତା ନାହିଁ । ଅନ୍ୟପଟେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କାଶ୍ମୀର ପ୍ରସଙ୍ଗରେ ଆମେରିକାର ମଧ୍ୟସ୍ଥତା ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି । କିନ୍ତୁ ଭାରତ ସ୍ପଷ୍ଟ କରି ଦେଇଛି ଭାରତକୁ ପାକ୍ ଅଧିକୃତ କାଶ୍ମୀର(ପିଓକେ) ଦରକାର । ସରକାରୀ ସୂତ୍ରରୁ କୁହାଯାଇଛି ଯେ, ଭାରତର ସନ୍ଦେଶ ସ୍ପଷ୍ଟ । କେବଳ ଗୋଟିଏ ପ୍ରସଙ୍ଗ ପିଓକେକୁ ଭାରତରେ ସାମିଲ କରିବା ରହିଛି । ତା ବାଦ୍ ଅନ୍ୟ କୌଣସି ପ୍ରସଙ୍ଗରେ ଭାରତ ଆଲୋଚନା କରିବ ନାହିଁ । ଯଦି ଆତଙ୍କବାଦୀ ହସ୍ତାନ୍ତର କରିବା ପ୍ରସଙ୍ଗରେ ଆଲୋଚନା କରାଯାଏ ତେବେ ଭାରତ ଆଲୋଚନା କରିବାକୁ ପ୍ରସ୍ତୁତ । ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା କରିବାର ଆମର କୌଣସି ଆଗ୍ରହ ନାହିଁ । ଆମେ ମଧ୍ୟସ୍ଥତା ଚାହୁଁନୁ । ଆମକୁ ମଧ୍ୟସ୍ଥତାରର ଆବଶ୍ୟକତା ବି ନାହିଁ । ଆଜି କାଶ୍ମୀର ପ୍ରସଙ୍ଗରେ ଦୁଇ ଦେଶର ନେତାଙ୍କୁ ସମ୍ବୋଧିତ କରି ଟ୍ରମ୍ପ ଲେଖିଥିଲେ ଯେ, ମୁଁ ଆପଣ ଦୁହିଁଙ୍କ ସହ ମିଶି କାଶ୍ମୀର ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ପ୍ରସ୍ତୁତ । ଆମେ ଏହା ମିଶି ଦେଖି ପାରିବା ଯେ, କଣ ହଜାର ବର୍ଷ ପରେ ବି କାଶ୍ମୀର ସମ୍ବନ୍ଧରେ କୌଣସି ସମାଧାନର ରାସ୍ତା ବାହାରି ପାରିବ । ଭଗବାନ ଭାରତ ଓ ପାକିସ୍ତାନର ନେତୃତ୍ୱକୁ ଭଲ କାମ କରିବାକୁ ଆଶୀର୍ବାଦ ଦିଅନ୍ତୁ । ସ୍ୱାଗତ କଲା ପାକିସ୍ତାନ ଅନ୍ୟପଟେ ପାକିସ୍ତାନ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପ୍ରସ୍ତାବକୁ ସ୍ୱାଗତ କରିଛି । ଇସଲାମାବାଦ କାଶ୍ମୀର ପ୍ରସଙ୍ଗକୁ ଦୀର୍ଘକାଳୀନ ବିବାଦ ଦର୍ଶାଇଛି । ଏହା ଦକ୍ଷିଣ ଏସିଆରେ ଶାନ୍ତି ଓ ସୁରକ୍ଷା ଦିଗରେ ଆଗାମୀ ଦିନରେ ଗମ୍ଭୀର ପ୍ରଭାବ ପକାଇପାର ବୋଲି କହିଛି । ଅସ୍ତ୍ରବିରତି ବାର୍ତ୍ତାରେ ଆମେରିକା ନିଭାଇଥିବା ରଚନାତ୍ମକ ଭୂମିକାର ପ୍ରଶଂସା କରିଛି ପାକିସ୍ତାନ । ଚୟାନରେ ପାକିସ୍ତାନ କହିଛି, ଆମେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଜମ୍ମୁ-କାଶ୍ମୀର ବିବାଦର ସମାଧାନ ପାଇଁ କରାଯାଉଥିବା ପ୍ରୟାସର ସମର୍ଥନ କରୁଛୁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିକୁ ନେଇ ଉଭୟ ଦେଶର ସାହସିକତା ଏବଂ ନିର୍ଣ୍ଣାୟକ ଭୂମିକାର ପ୍ରଶଂସା କରିଛନ୍ତି । ସୋସିଆଲ ମିଡିଆରେ କରାଯାଇଥିବା ଏକ ପୋଷ୍ଟରେ ଟ୍ରମ୍ପ ଏହି ପଦକ୍ଷେପକୁ ଐତିହାସିକ ଏବଂ ମାନବୀୟ ଆଖ୍ୟା ଦେଇଛନ୍ତି । ଏହାସହ ଆମେରିକାର ଭୂମିକାକୁ ମଧ୍ୟ ନିର୍ଣ୍ଣାୟକ ସହଯୋଗୀ ଭାବେ ଉପସ୍ଥାପିତ କରିଛନ୍ତି । ଏହି ନିଷ୍ପତ୍ତି କେବଳ ସାହସିକତା ନୁହେଁ ବରଂ ଉଭୟ ଦେଶର ଐତିହ୍ୟକୁ ଅଧିକ ଗୌରବମୟ କରିଛି । ଟ୍ରମ୍ପ କହିଛନ୍ତି, ଏଭଳି ଐତିହାସିକ ଏବଂ ବୀରତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବାପାଇଁ ଆମେରିକା ଉଭୟ ଦେଶକୁ ସାହାଯ୍ୟ କରିବାରେ ସକ୍ଷମ ହୋଇଥିବାରୁ ମୁଁ ଗର୍ବିତ । ନିଜ ପୋଷ୍ଟରେ ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ, ଆମେରିକା ଭାରତ ଏବଂ ପାକିସ୍ତାନ ସହ ମିଶି କାଶ୍ମୀର ପ୍ରସଙ୍ଗର ଦୀର୍ଘକାଳୀନ ସମାଧାନ ଖୋଜିବାକୁ ଚେଷ୍ଟା କରିବ । ସେ ଆହୁରି ମଧ୍ୟ କହିଛନ୍ତି, ହୁଏତ ୧୦୦୦ ବର୍ଷ ପରେ ଏବେ ସମୟ ଆସିଛି ଆମେ ଏହି ଐତିହାସିକ ବିବାଦର ସମାଧାନ ଖୋଜିବା । ଯଦିଓ ଟ୍ରମ୍ପ ଏହା ଭୁଲିଗଲେ ଯେ, କାଶ୍ମୀର ସମ୍ପର୍କରେ ଭାରତର ସ୍ପଷ୍ଟ ନୀତି ରହିଛି ଯେ, ଏହା ଭାରତର ଆନ୍ତରିକ ମାମଲା । ଡୋନାଲ୍ଡ ଟ୍ରମ୍ପ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ଏବେ ଭାରତ-ପାକିସ୍ତାନ ଉଭୟ ଦେଶ ସହ ବ୍ୟବସାୟିକ ସମ୍ପର୍କକୁ ମହତ୍ୱପୂର୍ଣ୍ଣ ଭାବେ ବୃଦ୍ଧି କରିବେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das